ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୫ ଫେବୃୟାରୀ, ୨୦୨୦



"ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ୍



## ସଂକ୍ଷେପରେ

### କଳାକାର ରାମନାରାୟଣ ବାବୁଙ୍କ ପରଲୋକ

ସମ୍ବଲପୁର,୪।୨(ବ୍ୟୁରୋ): ସମ୍ବଲପୁରର ଠେମରା ଗ୍ରାମର ଜଣାଶୁଣା କଳାକାର ରାମନାରାୟଣ ବାବୁଙ୍କ (୯୨) ବର୍ଷରେ ପରଲୋକ ଘଟିଛି। ଏକା ଧାରରେ ସେ ସଙ୍ଗୀତକାର, ଅଭିନେତା, ନୃତ୍ୟଶିଳ୍ପୀ, ନାଟ୍ୟ ନିର୍ଦ୍ଦେଶକ ଥିଲେ । ଓଡିଶୀ ନୃତ୍ୟ ଏବଂ ଶାସ୍ତ୍ରୀୟ ସଙ୍ଗୀତରେ ମଧ ସେ ସୁନାମ ଅର୍ଜନ କରିଛନ୍ତି। ୫୦ରୁ ୬୦ ଦଶକ ମଧରେ ଯେତେବେଳେ ନାରୀ କଳାକାର ବା ଅଭିନେତ୍ରୀଙ୍କର ଅଭାବ ରହିଥିବା ସେତେବେଳେ ସେ ନାରୀ ଚରିତ୍ରରେ ଉଭୟ ନୃତ୍ୟ ଓ ଅଭିନୟ କରି ନିଜସ୍ୱ ଦକ୍ଷତାକୁ ପ୍ରଦର୍ଶନ କରିଥିଲେ। କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱର୍ଗତ ରାମ ନାରାୟଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଗତ ରାମ ନାରାୟଣଙ୍କ ୫ ପୁଅ ଗୋପିରଞ୍ଜନ, ଉମାରଞ୍ଜନ, ଅତିଶରଞ୍ଜନ, ନିରଞ୍ଜନ, ପ୍ରତାପରଞ୍ଜନ ଓ ୩ ଝିଅ ସନ୍ଧ୍ୟାରାଣୀ, ସବିତାରାଣୀ, ସୁନୀତା ଶେଷ ସମୟରେ ଉପସ୍ଥିତ ଥିଲେ। ତେବେ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ପରଲୋକ ଘଟିଛି। ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଗୋପି ରଞ୍ଜନ ମୁଖାଗ୍ନି ଦେଇଥିଲେ।

# ଭିମ୍‌ସାରର ନର୍ସିଂହୋମ ପ୍ରୀତି

ସମ୍ବଲପୁର,୪।୨(ବ୍ୟୁରୋ)

ବୁର୍ଲା ବୀର ସୁରେନ୍ଦ୍ରସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମସାର) କର୍ତ୍ତୃପକ୍ଷ ରୋଗୀ ସେବା ନାଁରେ ଏକ ନିର୍ଦ୍ଦିଷ୍ଟ ନର୍ସିଂହୋମ ପ୍ରତି ଅନୁକମ୍ପା ଦେଖାଇବା ନେଇ ବିବାଦ ସୃଷ୍ଟି ହୋଇଛି। ରୋଗୀ ସେବାରେ ଅବହେଳା, ମେଡିକାଲରେ ରୋଗୀ ସେବା ଛାଡ଼ି ନର୍ସିଂହୋମରେ ଅଧିକାଂଶ ଡାକ୍ତର ଚିକିତ୍ସା କରିବା, ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଡମାରିବା, ଘରୋଇ ପାଥୋଲୋଜି ସେଣ୍ଟରରେ ରୋଗୀଙ୍କୁ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେବା ଭଳି ଅନେକ ବିବାଦରେ ଛନ୍ଦି ହୋଇପଡିଥିବା ଭିମ୍‌ସାର ଆଉ ଏକ ସାଂଘାତିକ ଅଭିଯୋଗରେ ଯୋଡିହୋଇଛି।

କିଛିଦିନ ହେବ ଭିମସାରର ଆଇସିୟୁରେ ଭେଣ୍ଟିଲେଣ୍ଟର ପାଇପ ଫାଟିଯିବାରୁ ରୋଗୀ ସେବା ବ୍ୟାହତ ହୋଇଥିଲା। ଫଳରେ ୫ଟି ବେଡ୍‌ରେ ରୋଗୀ ସେବାକୁ ବନ୍ଦ ରଖାଯାଇଥିଲା। ଏହି କାରଣରୁ ୨ ରୋଗୀଙ୍କ ଆଇସିୟୁ ଅଭାବ କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏ କଥା ଜଣାପଡିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ (ମେଡିସିନ) ନିର୍ଦ୍ଦେଶକ ସିବିକେ ମହାନ୍ତି ଏଥିରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ଏନେଇ ତାଗିଦ କରିଥିଲେ। ଭେଣ୍ଟିଲେଣ୍ଟର ପାଇପ ଫାଟିବା ପୂର୍ବରୁ କାହିଁକି ମରାମତି କରାଗଲା ନାହିଁ ବୋଲି ସେ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ। ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ସହିତ ଆଗକୁ ରୋଗୀ ସେବା ପ୍ରତି ଗୁରୁତ୍ୱ ଦେବାକୁ ତାଗିଦ କରିଥିଲେ। ଏଥିପାଇଁ ତୁରନ୍ତ ୬ଟି ଭେଣ୍ଟିଲେଟର ଭିମ୍‌ସାରକୁ ଯୋଗାଇ ଦିଆଯାଇଥିଲା। ହେଲେ ଆଇସିୟୁର ଅଭାବ ପୂରଣ ହୋଇପାରି ନ ଥିଲା। ତେଣୁ ଏହି ସମସ୍ୟାର କିପରି ସମାଧାନ ହେବ ସେନେଇ ଭିମ୍‌ସାରରେ ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ଅଧ୍ୟକ୍ଷ ବ୍ରଜ ମିଶ୍ର, ଅଧୀକ୍ଷକ ଜୟଶ୍ରୀ ଡୋରା, ଭିମସାର ପ୍ରଶାସନିକ ଅଧିକାରୀ, ତିନ ସଦସ୍ୟ ଉପସ୍ଥିତ ଥିଲେ। ଆବଶ୍ୟକ ହେଲେ ଘରୋଇ ନର୍ସିଂହୋମର ଆଇସିୟୁକୁ ଜରୁରୀ କ୍ଷେତ୍ରରେ ଭିମ୍‌ସାରର ରୋଗୀମାନେ ବ୍ୟବହାର କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ପ୍ରସ୍ତାବକୁ ସର୍ବସମ୍ମତି ମିଳିଥିଲା। ହେଲେ ବୈଠକର ଅନୁମୋଦନ ଲେଖିବା ସମୟରେ କେବଳ ଗୋଟିଏ ନର୍ସିଂହୋମ ନାମ ଲେଖିବା ପାଇଁ କୁଆଡ଼େ ସୁପାରିସ କରାଯାଇଥିଲା। ଏହାକୁ ନେଇ କେତେଜଣ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିବା ପରେ ଏହି ପ୍ରସ୍ତାବର ଅନୁମୋଦନ ପାଇଁ ସ୍ୱାସ୍ଥ୍ୟ ବିଭାଗ ପାଖକୁ ପଠାଯାଇଛି।

ବୁର୍ଲା ତଥା ସମ୍ବଲପୁର ସହରରେ ଏକାଧିକ ନର୍ସିଂହୋମ ରହିଛି। ଅତ୍ୟାଧୁନିକ ସରଞ୍ଜାମ ଥିବା ଆଇସିୟୁ ମଧ୍ୟ ଅଧିକାଂଶ ନର୍ସିଂହୋମରେ ଅଛି। ହେଲେ କେବଳ ଗୋଟିଏ ନର୍ସିଂହୋମକୁ କାହିଁକି ଅନୁମୋଦନ କରାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହି ନର୍ସିଂହୋମରେ ଆଇସିୟୁକୁ କିଏ ଯାଞ୍ଚ କରିଛନ୍ତି। କାହା ସ୍ୱୀକୃତକୁ ଭିତ୍ତିକରି ଏହାକୁ ବୈଠକରେ ଅନୁମୋଦନ କରାଯାଇଛି ତାହା ସ୍ପଷ୍ଟ ହୋଇନି। ସେହି ନର୍ସିଂହୋମର ୩ ଟି ବେଡ୍ ଭିମ୍‌ସାର ରୋଗୀଙ୍କ ପାଇଁ ବୁକ୍ କରାଯିବ। ପ୍ରତି ବେଡ୍ ପିଛା ଦୈନିକ ୨୫ ହଜାର ଟଙ୍କା ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ଦେବାକୁ ପଡିବ। ରୋଗୀ ଚିକିତ୍ସା ନ ହେଲେ ମଧ ବେଡ୍ ଚାର୍ଜ ଦେବାକୁ ପଡିବ। ତେଣୁ ସରକାରଙ୍କ ରାଜକୋଷରୁ ଟଙ୍କା ଲୁଟ୍ ପାଇଁ ଏପରି ସଲାସୁତରା କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଧ୍ୟକ୍ଷ ମିଶ୍ର କହିଛନ୍ତି, ଜରୁରୀ ଆବଶ୍ୟକତା ପଡିବାରୁ ଏଭଳି ପଦକ୍ଷେପ ନିଆଯାଇ ପ୍ରସ୍ତାବ ଗୃହୀତ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ରୋଗୀଙ୍କୁ ସେଠାରେ ଚିକିତ୍ସା କରାଯାଇ ନାହିଁ ବୋଲି ସେ କହିଛନ୍ତି।




ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସମ୍ବଲପୁର ସମଲେଇଙ୍କୁ ଦର୍ଶନ କରି ଫେରୁଛନ୍ତି।

# ସମଲେଇଙ୍କୁ ଦର୍ଶନ କଲେ ମନ୍ତ୍ରୀ ନିରଞ୍ଜନ ପୂଜାରୀ

ସମ୍ବଲପୁର, ୪।୨ (ବ୍ୟୁରୋ)

ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମା' ସମଲେଇଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ଅଫିସକୁ ଯାଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ପରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କୁ ପଚାରି ବୁଝିଥିଲେ। ଟ୍ରଷ୍ଟବୋର୍ଡ ସଭ୍ୟ ଦେବ କୁମାର ଆଜମେରିଆ, ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ପୂଜକ ଅକ୍ଷୟ ରାୟ, ଓସ୍ତାଦ ପିତାମ୍ବର ରାୟ ଉପସ୍ଥିତ ଥିଲେ।

# ୧୦ ଦିନ ହେଲା ଖିଅ ଖୋଜୁଛି ପୋଲିସ

ସମ୍ବଲପୁର, ୪।୨ (ବ୍ୟୁରୋ)

- ରାଜନ ଆତ୍ମହତ୍ୟା ଘଟଣାର ଖୋଳତାଡ଼
- ଧରିତ୍ରୀରେ ପ୍ରଥମ ଖବର ପ୍ରକାଶ ପାଇଥିଲା
- କମ୍ପାନୀ ଅଧିକାରୀଙ୍କୁ ଜେରା, ସିସିଟିଭି ଯାଞ୍ଚ
- ଲିଖିତ ଅଭିଯୋଗକୁ ମାମଲା ରୁଜୁ ହେଲା

ହୀରାକୁଦ ଥାନା ଅଧୀନ ମହମ୍ମଦପୁର ଗ୍ରାମର ରାଜନ ପୋଢ ମୃତ୍ୟୁ ଘଟଣା ରହସ୍ୟରେ ରହିଛି। ୧୦ ଦିନ ହେଲା ଏହି ଘଟଣାର ପୋଲିସ ଖୋଳତାଡ ଆରମ୍ଭ କରି ଖିଅ ଖୋଜୁଛି। ହିଣ୍ଡାଲ୍‌କୋ କମ୍ପାନୀ ଅଧିକାରୀଙ୍କୁ ଜେରା କରି କମ୍ପାନୀରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରିଛି। ଶେଷରେ ରାଜନଙ୍କ ବାପା ନରୋତ୍ତମ ପୋଢ ପୁଅର ମୃତ୍ୟୁ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଏକ ମାମଲା (ନଂ. ୨୦/୨୦) ରୁଜୁ କରିଛି।

ଜାନୁୟାରୀ ୧୬ ତାରିଖ ବେକରେ ରଶି ଲଗାଇ ରାଜନ ଆତ୍ମହତ୍ୟା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଯାଇଥିଲା । ହେଲେ ଏହି ଘଟଣାକୁ ନେଇ ଧରିତ୍ରୀରେ ୨୩ ତାରିଖରେ 'ଧମକ ଓ ମାନସିକ ଚାପରେ ଆତ୍ମହତ୍ୟା ଅଭିଯୋଗ' ଶୀର୍ଷକ ଏକ ଅନୁସନ୍ଧାନମୂଳକ ସବିଶେଷ ତଥ୍ୟଯୁକ୍ତ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପରେ ଜିଲା ପୋଲିସ ତତ୍ପର ହୋଇ ପଡିଥିଲା। ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂ ହୀରାକୁଦ ଏସ୍‌ଡିପିଓ ଶିଶୁ ରଞ୍ଜନ ମହାପାତ୍ରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୧୦ ଦିନ ହେବ ଏସ୍‌ଡିପିଓ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଆରମ୍ଭ କରିଛି। ପ୍ରଥମେ ରାଜନଙ୍କ ପରିବାର ସଦସ୍ୟଙ୍କୁ ପଚରା ଉଚୁରା କରିଥିଲା। ରାଜନ ବ୍ୟବହାର କରୁଥିବା ମୋବାଇଲ ଫୋନ୍ ଜବତ କରିଥିଲା। ମୋବାଇଲରେ ରାଜନ ଦେଇଥିବା ମେସେଜ ବିଷୟରେ ତଥ୍ୟ ସଂଗ୍ରହ କରିଥିଲା। ପରେ ହିଣ୍ଡାଲକୋ କମ୍ପାନୀ ମାନବ ସମ୍ବଳ ବିଭାଗ ମୁଖ୍ୟ ଓ ସେହିଦିନ କାର୍ଯ୍ୟରତ ଅନ୍ୟ ଅଧିକାରୀଙ୍କୁ ପୋଲିସ ପଚରାଉଚୁରା କରିଥିଲା। ଛୁଟିଦିନ ଥିଲେ ମଧ ରାଜନ କମ୍ପାନୀ ଭିତରେ ସେଦିନ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ରହିଥିଲେ। ସେ ଏତେ ସମୟ କମ୍ପାନୀ ଭିତରେ କାହିଁକି ଥିଲେ, ତାଙ୍କ ସହିତ ଭିତରେ କିଭଳି ଆଚରଣ କରାଯାଇଥିଲା, କେଉଁଥି ପାଇଁ ତାଙ୍କୁ ଡକାଯାଇଥିଲା ଆଦି ଦିଗକୁ ନେଇ ତଦନ୍ତ କରାଯାଉଛି। ଅନ୍ୟପଟେ ରାଜନଙ୍କ ସହିତ ସେହିଦିନ ଆଉ ୩ ଜଣ ଯୁବକଙ୍କୁ କମ୍ପାନୀକୁ ଡକାଯାଇଥିଲା। ସେମାନେ କାହିଁକି ଯାଇଥିଲେ ତାହା ମଧ ପୋଲିସ ତଦନ୍ତ କରୁଛି । ଛୁଟି ଦିନରେ ଘରେ ଥିବା ସମୟରେ ରାଜନଙ୍କୁ ଡାକି ନେଇଥିବା ୨ ଜଣ ଯୁବକଙ୍କୁ ପୋଲିସ ଖୋଜୁଛି। ରାଜନଙ୍କ ବାଇକ୍ ଲାଇଟ୍ କିଏ ଭାଙ୍ଗିଲା ସେ ନେଇ ମଧ ତଦନ୍ତ ଜାରି ରହିଛି। ଏ ନେଇ ହୀରାକୁଦ ଏସଡିପିଓ ମହାପାତ୍ର କହିଛନ୍ତି ଯେ, ପୋଲିସ ମାମଲାକୁ ଗମ୍ଭୀରତାର ସହ ନେଇଛି। ପ୍ରାୟ ୧୦ ଦିନ ହେଲା ତଦନ୍ତ ଜାରି ରହିଛି। ତଦନ୍ତରେ କମ୍ପାନୀ ଅଧିକାରୀ, ପରିବାର, ରାଜନଙ୍କ ସାଙ୍ଗ ଓ ଅନ୍ୟମାନଙ୍କୁ ପଚରାଉଚୁରା କରାଯାଉଛି। ଖୁବ ଶୀଘ୍ର ଘଟଣାର ପର୍ଦ୍ଦାଫାସ କରାଯିବ। ଅନ୍ୟପକ୍ଷେ ହୀରାକୁଦ ଥାନା ଅଧିକାରୀ ଅମରେନ୍ଦ୍ର ଷଣ୍ଢ କହିଛନ୍ତି ଯେ, ପୋଲିସ ପଚରାଉଚୁରା କରି ତଥ୍ୟ ସଂଗ୍ରହ କରୁଛି। ସୂଚନାଯୋଗ୍ୟ, ରାଜନଙ୍କ ଆତ୍ମହତ୍ୟାର ୨ ଦିନ ପରେ ୧୯ ତାରିଖ ମେସେଜ ଦେଖି ପରିବାରବର୍ଗ ଆଶ୍ଚର୍ଯ୍ୟ ହୋଇଥିଲେ। ୧୯ ତାରିଖ ହୀରାକୁଦ ଥାନାକୁ ଯାଇ ମୌଖିକ ଅଭିଯୋଗ କରିଥିଲେ। ରାଜନ ଆତ୍ମହତ୍ୟା କରିବା ପାଇଁ ମାନସିକ ଚାପ ପକାଯାଇଥିବା ନେଇ ସେମାନେ ଅଭିଯୋଗ କରିଥିଲେ।

ଏଠାରେ ପ୍ରକାଶଯୋଗ୍ୟ, ଜଣେ ଯୁବତୀ ଓ ଜଣେ ଯୁବକଙ୍କ ମଧ୍ୟରେ ହୋଇଥିବା ଅନ୍ତରଙ୍ଗ ସମୟର ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ନେଇ ରାଜନଙ୍କ ସମେତ ଅନ୍ୟ ୪ ଜଣ ଯୁବକଙ୍କୁ କମ୍ପାନୀ ଡାକିଥିଲା। ଫେରିବା ପରେ ରାଜନ ଆତ୍ମହତ୍ୟା କରିଥିଲେ। ଏଣୁ କମ୍ପାନୀରେ ତାଙ୍କ ସହ କିଭଳି ବ୍ୟବହାର କରାଗଲା, କ'ଣ ଚାପ ପଡିଲା ସେ ସବୁ ଦିଗକୁ ନେଇ ଅନେକ ପ୍ରଶ୍ନ ଠିଆ ହୋଇଛି। ରାଜନଙ୍କ ବାପା କହିବା କଥା ଏବେ କ'ଣ ହେବ ନ ହେବ ତାହା ଭିନ୍ନ କଥା। ହେଲେ ତାଙ୍କ ପୁଅ ତ ଆଉ ଫେରିବନି। ପୁଅର ମୃତ୍ୟୁକୁ ସେ ସହଜେ ଗ୍ରହଣ କରି ପାରୁ ନାହାନ୍ତି।




ଏମସିଏଲ ଆନନ୍ଦବିହାର କ୍ଲବ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ଅତିଥି ଓ କର୍ମକର୍ତ୍ତାମାନେ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

# ଆନନ୍ଦବିହାର କ୍ଲବରେ ରକ୍ତଦାନ ଶିବିର

ସମ୍ବଲପୁର, ୪।୨ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଆନନ୍ଦବିହାର କ୍ଲବଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସାଧିକାରୀ ଡା. ଦେବାଶିଷ ଗୁପ୍ତା, ଭିମ୍‌ସାରର ଡା. ଚିତ୍ତରଞ୍ଜନ ପଶାୟତ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏମ୍‌ସିଏଲ୍ ଆନନ୍ଦବିହାର ଡାକ୍ତରଖାନା, ବୁର୍ଲା ଭିମ୍‌ସାର ଓ ରେଡ୍‌କ୍ରସ ସୋସାଇଟି ମିଳିତ ଭାବେ ସହଯୋଗ କରିଥିଲେ। ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆୟୋଜକ ଆନନ୍ଦବିହାର କ୍ଲବ୍ ସମ୍ପାଦକ ମଧୁସୂଦନ ସ୍ୱାଇଁ, ସଭାପତି ବିଶ୍ୱନାଥ ଗୌଡ, ଆର.ଟେ. ବାବୁ, ସୁରେଶ ଗୌଡ, ରାଜାରାମ ମହାରଣା, ଏସ. ରାଉତ ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବଜେଟ ଉପରେ ଆଲୋଚନାଚକ୍ର

ସମ୍ବଲପୁର, ୪।୨ (ବ୍ୟୁରୋ)

ସମ୍ବଲପୁର ଚ୍ୟାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ବଜେଟ-୨୦୨୦ ଶୀର୍ଷକ ଆଲୋଚନାଚକ୍ର ଶିଲା ଟାୱାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅରୁଣ ପଟୁଆରୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଶବୀର ସିଂ ହୁରା ସୂଚନା ପ୍ରଦାନ କରିଥିଲେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରୋହିତ ସିଂହାନିଆ ମୁଖ୍ୟବକ୍ତା, ଆଇନଜୀବୀ ଅଶୋକ ସେନାପତି ଓ ଭାଜପା ଜିଲା ସଭାପତି ଗିରିଶ ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ।




ବଜେଟ- ୨୦୨୦ ଶୀର୍ଷକ ଆଲୋଚନାଚକ୍ରରେ ରୋହିତ ସିଂହାନିଆ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଉପସଭାପତି ଶମ୍ଭୁ ଜଗତରାମକା, ଅରୁଣ ମୁଖାର୍ଜୀ ଆଲୋଚନାରେ ଭାଗ ନେଇଥିଲେ। ଯୋଗେଶ ଅଗ୍ରୱାଲ ଓ ଅଶୋକ କେଡିଆ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶଙ୍କରଲାଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର

ସମ୍ବଲପୁର,୪।୨(ବ୍ୟୁରୋ)

ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳରେ ଜଣେ ୮ ବର୍ଷ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ନାବାଳକ ଅଭିଯୁକ୍ତଙ୍କୁ ଧରିଛି। ଜୁଭିନାଲ ଜଷ୍ଟିସ ବୋର୍ଡରେ ହାଜର ପରେ ଅଭିଯୁକ୍ତଙ୍କୁ ରାଉରକେଲା ସ୍ଥିତ ବାଳ ସ୍ୱଧାର ଗୃହକୁ ପଠାଇଦିଆଯାଇଛି। ପୋଲିସ କହିଛି ଯେ, ସୋମବାର ଅଭିଯୁକ୍ତ ନାବାଳିକାଙ୍କୁ ମୋବାଇଲ ଦେଖାଇବାକୁ କହି ନିଛାଟିଆ ସ୍ଥାନକୁ ନେଇଯାଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘରେ ଘଟଣା ସଂପର୍କରେ କହିବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ପୋଲିସ ୫୫/୨୦ରେ ଏକ ମାମଲା ରୁଜୁ କରିଛି।

# ଜାତୀୟ ମାଷ୍ଟର୍ସ ଗେମ୍ସରେ ଭାଗ ନେବାକୁ ବରୋଦା ଯାତ୍ରା

ସମ୍ବଲପୁର,୪।୨ (ବ୍ୟୁରୋ)

ତୃତୀୟ ଜାତୀୟ ମାଷ୍ଟର୍ସ ଗେମ୍ସ ପ୍ରତିଯୋଗିତା ଚଳିତ ମାସ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ଗୁଜୁରାଟର ବରୋଦା ସହରରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ସମ୍ବଲପୁର ଜିଲା ମାଷ୍ଟର୍ସ ଗେମ୍ସ ସଂଘର ରେଖା ଦେ, ମଣୀ ହାତୀ, ନମିତା ପଟେଲ, ସଞ୍ଜିବ ପାଣିଗ୍ରାହୀ, ବୁଧୁଆ ମୁଣ୍ଡା, ସୀମାଞ୍ଚଳ ସେଠୀ, ରଞ୍ଜିତ ମିଶ୍ର ସୋମବାର ବରୋଦା ଯାତ୍ରା କରିଛନ୍ତି। ଏହି ଖେଳାଳିଙ୍କୁ ସମ୍ବଲପୁର ଜିଲା ମାଷ୍ଟର୍ସ ଗେମ୍ସ ସଂଘ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଓ ସମ୍ବଲପୁର ଆଥ୍‌ଲେଟିକ କ୍ଲବ୍ ସମ୍ପାଦକ ସୁନ୍ଦରମଣୀ ବାରିକ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।



ବରୋଦା ଯାତ୍ରା ପୂର୍ବରୁ ସମ୍ବଲପୁର ମାଷ୍ଟର୍ସ ଗେମ୍ସ ସଂଘର ଖେଳାଳିମାନେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଉପସ୍ଥିତ ଅଛନ୍ତି।

# ମେହେତାବ କ୍ଲବ, ଅଜିତପୁର ବିଜୟୀ

## ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ

ସମ୍ବଲପୁର, ୪।୨ (ବ୍ୟୁରୋ)

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ମେହେତାବ କ୍ଲବ ଓ ଅଜିତପୁର କ୍ରୀଡ଼ା ସଙ୍ଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ପ୍ରଥମ ମ୍ୟାଚରେ ବୁର୍ଲା ଆଜାଦ ଯୁବକ ସଂଘ ଓ ମେହେତାବ କ୍ଲବ ପରସ୍ପରକୁ ଭେଟିଥିଲେ। ଟସ୍ ଜିଣି ବୁର୍ଲା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୨୮ ରନ୍ ସଂଗ୍ରହ କରିଥିଲା। ବ୍ୟାଟ୍ସମ୍ୟାନ କିଶୋର ନାୟକ ୫୭ ବଲରେ ୭୧ ରନ୍ କରିଥିବା ବେଳେ ରୋହିତ ନିଖଣ୍ଡିଆ ୩୬ ବଲ୍‌ରେ ୨୪ ରନ୍ କରିଥିଲେ । ମେହେତାବ ବୋଲର ବୁବୁନ ନନ୍ଦ ଓ ସୟଦ ଜ୍ୟାକି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ମେହେତାବ କ୍ଲବ ୧୨୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଦଳ ୧୩.୨ ଓଭରରେ ୨ ଉଇକେଟ ହରାଇ ୧୨୯ ରନ୍ କରି ବିଜୟୀ ହୋଇଥିଲା। ବ୍ୟାଟ୍ସମ୍ୟାନ ଅମିତ ସୁନା ୩୪ ବଲରେ ଅପରାଜିତ ୫୮ ରନ ଓ ସୟଦ ଜ୍ୟାକି ୨୨ ବଲରେ ୩୭ ରନ କରିଥିଲେ। କ୍ରୀଡ଼ାବିତ ମହମ୍ମଦ ଅଜଗର ଅତିଥି ଭାବେ ଯୋଗଦେଇ ସୟଦ ଜ୍ୟାକିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଅଜିତପୁର ବନାମ ଜିମଖାନା ମଧ୍ୟରେ ହୋଇଥିଲା। ଟସ୍ ଜିଣି ଅଜିତପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଥିଲା। ବ୍ୟାଟ୍ସମ୍ୟାନ ପ୍ରଶାନ୍ତ ଦାଶ ୫୧ ବଲରେ ୮୯ ଓ ସୁମିତ ପାଢ଼ୀ ୩୫ ବଲରେ ୪୪ ରନ କରିଥିଲେ। ଜିମଖାନା ବୋଲର ସଚ୍ଚିତ୍ର ଓ ଶ୍ୟାମ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୨୧୬ ରନ ଟାର୍ଗେଟର ପିଛା କରି ଜିମଖାନା ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରି ୬୬ ରନ ବ୍ୟବଧାନରେ ପରାଜୟବରଣ କରିଥିଲା। ଅନିଲ ପଟେଲ ୨୧ ବଲରେ ୪୪ ଓ ବେଦପ୍ରକାଶ ହୋତା ୧୩ ବଲରେ ୨୧ ରନ୍ କରିଥିଲେ । ଅଜିତପୁର ତରଫରୁ ରାଜେଶ୍ୱର ମହାନ୍ତି ୩ଟି ଓ ପ୍ରଶାନ୍ତ ଦାଶ ୨ଟି ଉଇକେଟ ହାସଲ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ପ୍ରଶାନ୍ତ ଦାଶଙ୍କୁ ଓଡିଶା କ୍ରିକେଟ ଆସୋସିଏସନ୍ ଯୁଗ୍ମସମ୍ପାଦକ ମେହେତାବ ଖାନ୍ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ମହମ୍ମଦ ଇସାକ, ପ୍ରିୟାଂଶୁ ପତି, ଗୁରଦୀପ ସିଂ ମ୍ୟାଚ ପରିଚାଳନା କରିଥିଲେ। ଦୀପକ ପଟେଲ ଓ ନବୀନ ରାଉଲ ସ୍କୋରର ଥିଲେ।




ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥି ମହମ୍ମଦ ଅଜଗର ମଙ୍ଗଳବାର ସୟଦ ଜ୍ୟାକିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

**ସଂକ୍ଷେପରେ**

## ସ୍କୁଲରେ ପାଠ ପଢ଼ାଇଲେ ଜିଲାପାଳ

ନାକଟିଦେଉଳ,୪।୨(ଡି.ଏନ.ଏ.)
ସମ୍ବଲପୁର ଜିଲାପାଳ ଶୁଭମ ସକସେନା ମଙ୍ଗଳବାର ନାକଟିଦେଉଳ ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହିତ ଖଣ୍ଡିଆମୁଣ୍ଡା ସେବାଶ୍ରମ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ କୋଠରିରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରାୟ ୧୫ମିନିଟ ଧରି ବିଭିନ୍ନ ବିଷୟରେ ପାଠ ପଢାଇବା ସହ ପ୍ରଶ୍ନ ପଚାରି ଥିଲେ। କିସିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସ୍ୱଂୟ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ସହିତ ଜିଲାପାଳ ଆଲୋଚନା କରିଥିଲେ। ରଜାମୁଣ୍ଡା କଟା ପରିଦର୍ଶନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘର ବୁଲି ଦେଖିଥିଲେ। ଅର୍ଦ୍ଧନିର୍ମିତ ଘର ଗୁଡ଼ିକ ଶୀଘ୍ର ଶେଷ କରିବାକୁ ସଂପୃକ୍ତ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କଞ୍ଚନପୁରରୁ ନୂଆ କଞ୍ଚନପୁର ପର୍ଯ୍ୟନ୍ତ ରାସ୍ତା କାମ ତଦାରଖ କରିଥିଲେ। ବ୍ଲକ ଅଫିସରେ ସରପଞ୍ଚମାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରତି ପଞ୍ଚାୟତରେ ପାର୍କ, ପାଠାଗାର ଏବଂ ସାପ୍ତାହିକ ହାଟ ନିର୍ମାଣ ପାଇଁ ସ୍ଥାନ ନିରୂପଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ସରପଞ୍ଚମାନଙ୍କୁ କହିଥିଲେ। ପଞ୍ଚାୟତ ଅନୁଦାନ ପାଣ୍ଠିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ନିୟମିତ କାର୍ଯ୍ୟାଳୟ ଆସି ଲୋକଙ୍କ ସୁବିଧା ଅସୁବିଧା ବୁଝିବାକୁ ପରାମର୍ଶ ଦେଇଥିଲେ। ଗାଁ ଗାଁ ବୁଲି ରାସ୍ତାଘାଟ, ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ପିଡ଼ି ଡ଼ିଆରଡ଼ିଏ ସୁକାନ୍ତ କୁମାର ତ୍ରିପାଠୀ, ଭାରପ୍ରାପ୍ତ ବିଡ଼ିଓ ରବୀନ୍ଦ୍ର ରଣା, ତହସିଲଦାର ସୁକାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

# ବିଇଓ ଅଫିସରେ ରୋଷେଇ କରି ଖାଇଲେ

ରେଢାଖୋଲ,୪।୨(ଡି.ଏନ.ଏ.)

ରେଢାଖୋଲ ବିଇଓ ଅଫିସ ପରିସରରେ ମଙ୍ଗଳବାର ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି କରିବାକୁ ଦାବି କରିବାକୁ ଆସିଥିବା ଅଭିଯୋଗକାରୀ ଏହି ଅଫିସ ପରିସରରେ ରୋଷେଇବାସ କରି ଖାଇଛନ୍ତି। ବିଇଓ ଭଗବାନ ବାଙ୍କିରା ଅଫିସରେ ନ ଥିବାରୁ ତାଙ୍କୁ ଅପେକ୍ଷା କରି ଅଭିଯୋଗକାରୀ ଶେଷରେ ରୋଷେଇ କରି ଖାଇଥିଲେ। ସନ୍ଧ୍ୟାରେ ବିଇଓ ପହଞ୍ଚିବା ପରେ ତାଙ୍କୁ ଭେଟି ଅଭିଯୋଗ କରିବା ସହ ଦାବିପତ୍ର ଦେଇଥିଲେ। ତେବେ ଆସନ୍ତା ୧୧ ତାରିଖ ସୁଦ୍ଧା ସଂପୃକ୍ତା ଶିକ୍ଷୟିତ୍ରୀଙ୍କ ବଦଳି କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଘରକୁ ଫେରିଥିଲେ।

ବଡବାହାଲ ପଞ୍ଚାୟତର ଲଇଣ୍ଡାମାଳ ଗାଁରେ ଥିବା ବଡ଼କୁଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନପ୍ରଭା ଦାଶ ପ୍ରାୟ ୧୦ ବର୍ଷ ହେବ ଏହି ସ୍କୁଲରେ ରହିଛନ୍ତି। ବିଭିନ୍ନ ସମୟରେ କିନ୍ତୁ ସେ ପରିଚାଳନା କମିଟିକୁ ଦୁର୍ବ୍ୟବହାର କରୁଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ଆସୁଥିବା ଅର୍ଥକୁ ଉପଯୋଗ କରୁନାହାନ୍ତି। ତାଙ୍କ ବଦଳି ଦାବି କରି ୨୦୧୭ରେ ମଧ୍ୟ ସ୍କୁଲରେ ତାଲା ପକାଯାଇଥିଲା। ତାଙ୍କ କାର୍ଯ୍ୟକଳାପରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସନ୍ତୁଷ୍ଟ ନୁହନ୍ତି। ଏହି ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରି ବିଭିନ୍ନ ସମୟରେ ଅଭିଯୋଗ କରାଯାଇଛି। ହେଲେ ଶିକ୍ଷା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନି। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ତେଣୁ ତାଙ୍କ ବଦଳି କରାଯିବାକୁ ଦାବି କରାଯାଇଛି। ମଙ୍ଗଳବାର ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପୂର୍ବାହ୍ନ ସାଢେ ୧୦ ଟାରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିଲେ। ତେବେ ଜିଲା ଶିକ୍ଷାଧିକାରୀ ରେଙ୍ଗାଲି ଗସ୍ତରେ ଆସିଥିବା ଯୋଗୁ ବ୍ଲକ ଶିକ୍ଷାଧିକାରୀ ସେଠାକୁ ଯାଇଥିଲେ। ଫଳରେ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟିବାକୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଏଣୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୋଷେଇ କରି ଖାଇପିଇ ଅପେକ୍ଷାରେ ବସି ରହିଥିଲେ। ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟା ୬ଟାରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସଂପୃକ୍ତା ଶିକ୍ଷୟିତ୍ରୀଙ୍କ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ। ବଡବାହାଲ ସରପଞ୍ଚ ସନ୍ତୋଷ ମିର୍ଦ୍ଧା, ପରିଚାଳନା କମିଟି ସଭାପତି ତ୍ରିଲୋଚନ ପ୍ରଧାନ, ସଭ୍ୟା ରଶ୍ମିତା ପ୍ରଧାନ, ଦିଲୀପ ସାହୁ, ପ୍ରଫୁଲ୍ଲ ସାହୁ, ପୁଷ୍ପାଞ୍ଜଳି ବେହେରା, ନିଶାବତି ବେହେରା, ନଟବର ବେହେରା, ୱାର୍ଡମେମ୍ବର ଅଜିତ ବାରିକ, ନାରାୟଣ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ ସହ ଉପଜିଲାପାଳ ଡୋଳାମଣି ପଟେଲ, ବିଡିଓ ପରିକ୍ଷିତ ସାହୁଙ୍କୁ ପ୍ରଦାନ କରାଯାଇଛି।

**ବଡ଼କୁଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କ ବଦଳି ଦାବି**



ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୋଷେଇ କରୁଛନ୍ତି।

## ବିଜେଡିରୁ ଜୟଲାଲ ନିଲମ୍ବିତ

ଭୁବନେଶ୍ୱର,୪।୨(ବ୍ୟୁରୋ)
ଦଳ ବିରୋଧୀ କାର୍ଯ୍ୟ ପାଇଁ ସମ୍ବଲପୁର ଜିଲା ଅଇଁଠାପାଲି ଅନ୍ତର୍ଗତ ଅମ୍ବିରା ନଗର ହାଉସିଂ କଲୋନୀର ବିଜେଡି ସଦସ୍ୟ ଜୟଲାଲ ବେହେରାଙ୍କୁ ମଙ୍ଗଳବାର ଦଳରୁ ନିଲମ୍ବନ କରାଯାଇଛି। ଜିଲାସ୍ତରରୁ ଆସିଥିବା ଅଭିଯୋଗର ଦଳୀୟ ତଦନ୍ତ କରାଯାଇ ବିଜେଡି ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି।

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୮ ଗିରଫ

ସମ୍ବଲପୁର,୪।୨(ବ୍ୟୁରୋ)
ସମ୍ବଲପୁର ଜିଲା ପୋଲିସ ୫୫ ନଂ. ଜାତୀୟ ରାଜପଥର ହାଲିପାଲି ଗାଁ ଛକ ନିକଟରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରି ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋନପୁର ଜିଲାର ରଞ୍ଜନ ହରିପାଲ, ବିଭୁ ରୋହିଦାସ, ବୌଦ୍ଧ ଜିଲାର ଦିଲୀପ ଭୋରାସାଗର, କାର୍ତ୍ତିକ ମେହେର, ରସାନନ୍ଦ ମାଝି, ଅନାଦି ଭୁକ୍ତା, ପ୍ରଶାନ୍ତ ମାଝି ଓ ଦୟାନନ୍ଦ ମଲ୍ଲିକ। ଏମାନଙ୍କ ନିକଟରୁ ଗଞ୍ଜେଇ ସହିତ ଏକ କାର (ନଂ ଓଡି-୦୭-ଏ-୫୯୫), ୨ଟି ବାଇକ୍ (ନଂ ଓଡି-୨୭-ବି-୦୬୧୭, ଓଡି-୩୧- ଏଫ- ୫୪୦୪), ୮ ମୋବାଇଲ ଫୋନ, ନଗଦ ୩ ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୪/୨୦)ରୁଜୁ ହୋଇଛି।

# ବନ୍ଦକୁ ସମର୍ଥନ କରିବାକୁ ବାଇକ୍ ଶୋଭାଯାତ୍ରା

ସମ୍ବଲପୁର, ୪।୨ (ବ୍ୟୁରୋ)

ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ବୁଧବାର ୧୨ ଘଣ୍ଟିଆ ପଶ୍ଚିମ ଓଡ଼ିଶାରେ ବନ୍ଦ ପାଳନ କରାଯିବ । ଏ ନେଇ ବରିଷ୍ଠ ନାଗରିକ କ୍ରିୟାନୁଷ୍ଠାନ କମିଟି ଓ ଓକିଲ ସଂଘ ସଦସ୍ୟମାନେ ମଙ୍ଗଳବାର ବାଇକ୍ ରାଲି କରି ସଚେତନ କରିବା ସହ ଲୋକଙ୍କ ସମର୍ଥନ ଲୋଡିଛନ୍ତି। ଜିଲା ଓକିଲ ସଂଘ ଅଫିସ ସମ୍ମୁଖରୁ ଏହି ବାଇକ୍ ରାଲି ବାହାରି ମ୍ୟୁନିସିପାଲଟି ଛକ, ବାଲିବନ୍ଧା, ବଡବଜାର, କ୍ଷେତରାଜପୁର, ରେମେଡ ଛକ, ଅଇଁଠାପାଲି ଛକ, ବୁଢାରଜା, ମୁଦିପଡା, ଲକ୍ଷ୍ମୀଟକିଜ, ଜେଲ ଛକ ଦେଇ କଚେରି ଛକରେ ପହଞ୍ଚି ଥିଲା। ଡାକବାଜି ଯନ୍ତ୍ର ଯୋଗେ ବନ୍ଦ ନେଇ ଲୋକଙ୍କୁ ସୂଚନା ଦିଆଯାଇଛି। ବୁଧବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ସହରରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ, ସ୍କୁଲ, କଲେଜ ବନ୍ଦ ରହିବ ବୋଲି କୁହାଯାଇଛି। ସେହିଭଳି ୧୨ ଘଣ୍ଟା ଧରି ରୋଳରୋକ କରାଯିବ। ଯାନବାହନ ଚଳାଚଳ ମଧ୍ୟ ବନ୍ଦ କରାଯିବ। କେବଳ ଆମ୍ବୁଲାନ୍ସ, ଦୁଗ୍ଧ ଯୋଗାଣ ଗାଡି, ଅଗ୍ନିଶମ ଗାଡି ଚଳାଚଳ ଉପରେ କୋହଳ କରାଯିବ।



ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ମଙ୍ଗଳବାର ସମ୍ବଲପୁରରେ ବାଇକ ରାଲି ସହର ପରିକ୍ରମା କରୁଛି।

# ଟଙ୍କା ଚୋରି କରି ଜଣେ ଗିରଫ

ରେଙ୍ଗାଲି,୪।୨(ଡି.ଏନ.ଏ.)
ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବଡଖଲିଆଠାରେ ଟଙ୍କା ଚୋରି କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବଡଖଲିଆର ସମାରୁ ଖଡିଆ। ରେଙ୍ଗାଲି ଥାନା ଅନ୍ତର୍ଗତ ବଡଖଲିଆର ସୁରଜ ଖଡିଆଙ୍କ ମା' ଭାରତ ଫାଇନାନ୍ସରୁ ଗତ ୨ ତାରିଖ ୪୦ ହଜାର ୯ଶହ ଟଙ୍କା ଉଠାଇଥିଲେ । ୩ ତାରିଖରେ ଘରେ କେହି ନ ଥିବାବେଳେ ଅଭିଯୁକ୍ତ ସମାରୁ ଘରର ତାଲା ଭାଙ୍ଗି ପଶିଥିଲେ। ବାକ୍ସ ଭାଙ୍ଗି ୩୨ ହଜାର ୮୦୦ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସୁରଜ ଏ ନେଇ ରେଙ୍ଗାଲି ଥାନାରେ ଅଭିଯୋଗ କରିଥିଲେ। ବେଲପାହାଡ ଥାନା ଅନ୍ତର୍ଗତ ପିପଲମାଲ ଖଡିଆ ପଡାସ୍ଥିତ ମାଉସୀ ଘରୁ ପୋଲିସ ସମାରୁଙ୍କୁ ଗିରଫ କରି ଟଙ୍କା ଓ ଏକ ମୋବାଇଲ ଫୋନ ପୋଲିସ ଜବତ କରିଛି।



ଟଙ୍କା ଚୋରି ଅଭିଯୋଗରେ ଗିରଫ ଅଭିଯୁକ୍ତ।

# ପ୍ରତି ପଞ୍ଚାୟତରେ ପାର୍କ, ପାଠାଗାର କର

ରେଢାଖୋଲ,୪।୨(ଡି.ଏନ.ଏ.)

ରେଢାଖୋଲ ବ୍ଲକର ପ୍ରତି ପଞ୍ଚାୟତରେ ପାଠାଗାର, ପାର୍କ, ଖୋଲା ଜିମ୍ ନିର୍ମାଣ କରିବାକୁ ମଙ୍ଗଳବାର ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନା ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅଙ୍ଗନୱାଡି କେନ୍ଦ୍ର ଗୁଡିକର ଆବଶ୍ୟକ ମରାମତି ସହ ସୌନ୍ଦର୍ଯ୍ୟକରଣ, ପୋଖରୀ ଖନନ ଆଦି କାର୍ଯ୍ୟ କରିବାକୁ କହିଛନ୍ତି। ମନରେଗା ଓ ପଞ୍ଚାୟତ ଅନୁଦାନ ପାଣ୍ଠିରୁ ଏହି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସମ୍ବଲପୁର ଜିଲାର ନୋଡାଲ ଅଫିସର ଡ. ମୋନା ଶର୍ମାଙ୍କ ରେଢାଖୋଲ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ହେଲେ ଏହି କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ତେବେ ସନ୍ଧ୍ୟାରେ ଜିଲାପାଳ ରେଢାଖୋଲ ଗସ୍ତରେ ଆସି ବ୍ଲକ ଅଫିସରେ ଉପଖଣ୍ଡ ଅଧିକାରୀ ଓ ସରପଞ୍ଚମାନଙ୍କୁ ଡାକି ଏକ ବୈଠକ କରିଥିଲେ। ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ଡୋଳାମଣି ପଟେଲ, ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ବିଡିଓ ପରିକ୍ଷିତ ସାହୁ, ତହସିଲଦାର ରୁବି ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୋନିକା ଚକ୍ରବର୍ତ୍ତୀ, ମୋଚିବାହାଲ ସରପଞ୍ଚ ସୁଶାନ୍ତ ପ୍ରଧାନ, ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ, ବଡମାଳ ସରପଞ୍ଚ ଷଡ଼ାନନ ପ୍ରଧାନ, ଗରଗଡବାହାଲ ସରପଞ୍ଚ ଦୀପ୍ତିବାଳା ଗଡନାୟକ, ଚାରମାଳ ସରପଞ୍ଚ ସୁଜାତା ପ୍ରଧାନ, କଦଳୀଗଡ ସରପଞ୍ଚ ନଳିନୀ ଦେହୁରୀ, ବଡବାହାଲ ସରପଞ୍ଚ ସନ୍ତୋଷ ମିର୍ଦ୍ଧା ପ୍ରମୁଖ ଯୋଗ ଦେଇଥିଲେ।



ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ ଓ ସରପଞ୍ଚମାନେ।

# ସମ୍ବଲପୁର ଷ୍ଟ୍ରାଇକର, କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ

**ଓସିଏ ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍**

ସମ୍ବଲପୁର, ୪।୨ (ବ୍ୟୁରୋ)

ଓଡିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ଆୟୋଜିତ ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍ ମଙ୍ଗଳବାର ମ୍ୟାଚରେ ସମ୍ବଲପୁର ଷ୍ଟ୍ରାଇକର ଓ କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସମ୍ବଲପୁର ଷ୍ଟ୍ରାଇକର ବନାମ ରାଇଜର୍ସ ମଧ୍ୟରେ ହୀରାକୁଦ ସୁଭାଷ ମଇଦାନଠାରେ ମ୍ୟାଚ ହୋଇଥିଲା। ଷ୍ଟ୍ରାଇକର୍ ବ୍ୟାଟିଂ କରି ୪୦ ଓଭରରେ ସମସ୍ତ ଉଇକେଟ ହରାଇ ୨୮୭ ରନ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ଅମରନାଥ ଭୋଇ ୬୫ ବଲରେ ୮୩ ରନ କରିଥିଲେ । ଏଥିରେ ସେ ୯ଟି ଚୌକା ଓ ଗୋଟିଏ ଦର୍ଶନୀୟ ଛକା ମାରିଥିଲେ । ରାଇଜର୍ସ ବୋଲର ମହମ୍ମଦ ଫୈଜର ଆଜାଦ୍ ୪ଟି, ମୋହିତ କୁମାର କୌଶିକ ୨ଟି ଏବଂ ହର୍ଷିଦ ସିଂ ଓ କ୍ରିଷ ସିଂ ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ । ୨୮୮ ରନ୍ ବିଜୟ ଲକ୍ଷ୍ୟ ନେଇ ରାଇଜର୍ସ ଦଳ ବ୍ୟାଟିଂ କରିଥିଲା। ୨୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୫ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ବ୍ୟାଟ୍ସମ୍ୟାନ ପିୟୂଷ ଥାଟୋଇ ୫୪ ବଲରେ ୨୫ ରନ କରିଥିଲେ । ଷ୍ଟ୍ରାଇକର୍ ବୋଲର ଓଁକାର ପଟେଲ ଓ ଏସ. ସିଂ ୩ଟି ଲେଖାଏଁ ଏବଂ କ୍ରିଷ ଯାଦବ ଓ କ୍ରିଷ୍ଣା ଅଗ୍ରୱାଲ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟର ଅବିନାଶ ନନ୍ଦ ଓ ବିଘ୍ନେଶ୍ୱର ପାଣିଗ୍ରାହୀ ମ୍ୟାଚ ପରିଚାଳନା କରିଥିଲେ । ଅନୁପ କୁମାର ପ୍ରଧାନ ଓ ପ୍ରକାଶ ମୋରିୟ ସ୍କୋରର ଥିଲେ। କ୍ଷୀରୋଦ ନାୟକ ଅତିଥି ଭାବେ ଯୋଗଦେଇ ଅମରନାଥ ଭୋଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ ବିକାଶ ଖେଳ ପଡିଆଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଗୁରୁନାନକ ପବ୍ଲିକ ସ୍କୁଲ ମଧ୍ୟରେ ହୋଇଥିଲା। ଟସ୍ ଜିଣି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମେ ବ୍ୟାଟିଂ କରି ୪୫ ଓଭରରେ ୭ ଉଇକେଟ ହରାଇ ୨୩୩ ରନ୍ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ଅଭିନବ ନନ୍ଦ ୧୧୬ ବଲରେ ୭୧ ଓ ଆରୋଶିଷ କୁମାର ଗୁରୁ ୫୮ ବଲରେ ୪୮ ରନ୍ କରିଥିଲେ । ଗୁରୁନାନକ ବୋଲର ଆୟୁଷ କୁମାର ସାହାଣୀ ୩ଟି, ବିଳମ କର୍ମକାର ୨ଟି, ବିକାଶ ଯାଦବ ଓ ସନ୍ତୋଷ କୁମାର ଶର୍ମା ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ୨୩୪ ରନର ବିଜୟ ଲକ୍ଷ୍ୟ ନେଇ ଗୁରୁନାନକ ଦଳ ବ୍ୟାଟିଂ କରି ୨୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ୍ କରି ପରାଜୟ ବରଣ କରିଥିଲା । ବିମଳ କର୍ମକାର ୪୧ ବଲରେ ୪୬ ରନ ସଂଗ୍ରହ କରିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ବୋଲର ଅଭିନବ ନନ୍ଦ ୪ଟି, କ୍ରିଷ୍ଣା ପଟେଲ ୩ଟି, ଆରୋଶିଷ ଗୁରୁ ୨ଟି ଓ ଆୟୁଷ୍ମାନ ସାହୁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ଅମ୍ପାୟର ସଞ୍ଜୟ କୁମାର ନାୟକ, ବିଶ୍ୱମ୍ଭର ମହାରଣା ମ୍ୟାଚ ପରିଚାଳନା କରିଥିଲେ। ସୌମ୍ୟଦର୍ଶନ ମହାନ୍ତି ସ୍କୋରର ଥିଲେ। କନଖିଣ୍ଡା ସରପଞ୍ଚ କନକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଲରାଉଣ୍ଡର ଅଭିନବ ନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ ।







ଅଭିନବ ନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଉଛି (ବାମ)। ଅମରନାଥ ଭୋଇଙ୍କୁ ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

## ଫଟୋରେ ଖବର





ମଙ୍ଗଳବାର ସମ୍ବଲପୁର ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ବିଷୟରେ ମହାନଗର ନିଗମ ପକ୍ଷରୁ ସମୀକ୍ଷା ବୈଠକ ବସିଛି (ବାମ)। ତାଲବ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରୁଛନ୍ତି ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ଝରବାହାଲି ଫୁଟବଲ : ମଧପୁର, ଚଲକି ବିଜୟୀ

**ଟିକ୍ରାପଡା, ୪।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଝରବାହାଲିଠାରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଚତୁର୍ଥ ଦିବସ। ଅନୁଷ୍ଠିତ ଗ୍ରୁପ ଏ ମ୍ୟାଚରେ ଡଙ୍ଗରପଡା ଦଳକୁ ୧-୦ଗୋଲରେ ହରାଇ ମଧପୁର ବିଜୟୀ ହୋଇଥିଲା। କଣ୍ଟାବାଞ୍ଜି ଓ ଚଲକି ମଧରେ ଅନୁଷ୍ଠିତ ଗ୍ରୁପ ବି ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ କଣ୍ଟାବାଞ୍ଜିକୁ ୧-୦ ଗୋଲରେ ହରାଇ ଚଲକି ବିଜୟୀ ହୋଇଥିଲା। ଜିତେନ୍ଦ୍ର ଜାଲ ଖେଳ ପରିଚାଳନା କରିଥିଲେ। ପିଣ୍ଟୁ ବଗର୍ତ୍ତି, ଅକ୍ଷୟ ଘିଭେଲା ଧାରା ବିବରଣୀ ପ୍ରଦାନ କରିଥିଲେ। ଦଶରଥ ଦାଶ, କାଲୁ ବଗର୍ତ୍ତୀ, ଗୋକୁଳାନନ୍ଦ ବାରିକ, ଯୁବରାଜ ବଗର୍ତ୍ତୀ, ଚନ୍ଦ୍ରଭାନୁ ବଗର୍ତ୍ତୀ ଅତିଥି ରହିଥିଲେ। ବୁଧବାର ଗ୍ରୁପ ଏ ମ୍ୟାଚ କଲଛିକଛାର ବନାମ ଘୁଷୁରାମୁଣ୍ଡା ଓ ଗ୍ରୁପ ବି ମ୍ୟାଚ ମୁରିବାହାଲ ବନାମ ବଡମାଲ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ଜିଲା ରାଜସ୍ୱ ଅମଲା ସଂଘର ବୈଠକ

**ଟିଟିଲାଗଡ, ୪।୨ (ଡି.ଏନ.ଏ.):** ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବଲାଙ୍ଗୀର ଜିଲା ରାଜସ୍ୱ ଅମଲା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅମଲା ସଂଘ ଜିଲା ସଭାପତି ପ୍ରଦ୍ୟୁମ୍ନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ଏକତା ତଥା ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସଭାରେ ଜିଲା ସଂଯୋଜକ ଚୈତନ୍ୟ କଟା, କାର୍ଯ୍ୟକାରୀ ସଭାପତି ରାମନାରାୟଣ ମିଶ୍ର, ସଭ୍ୟ ଶରତ ଚନ୍ଦ୍ର ସାହୁ, ବିଭୂତି ସେଠ, ଗୋପାଳ ଦାଶ, ଟିକେଲାଲ ବେହେରା, ଅନୁପମା ତ୍ରିପାଠୀ, ରଶ୍ମିରେଖା ବେହେରା, ରଶ୍ମି ସାହୁ, ଅର୍ଚ୍ଚନା ସେଠ, ତପସ୍ୱିନୀ ନାଏକ, ଦୟାସାଗର ମହାପାତ୍ର, ବିଘ୍ନରାଜ ରଣା, ଶ୍ୟାମ ସୁନ୍ଦର ସେଠ, ମୋହନ ମୁଣ୍ଡା, ସ୍ୱାଗତିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ କ୍ୟାନ୍ସର ଦିବସ ପାଳିତ

**ଲୋଇସିଂହା,୪।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆଶାକର୍ମୀଙ୍କୁ ନେଇ ବିଶ୍ୱ କ୍ୟାନସର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ଦେଶରେ ୧ ମିନିଟରେ ୧୭ ଜଣ କ୍ୟାନସର ରୋଗୀଙ୍କ ମୃତ୍ୟୁ ଘଟୁଛି। ପ୍ରାରମ୍ଭିକ ସମୟରୁ ଚିକିତ୍ସା କଲେ ରୋଗ ଭଲ ହୋଇପାରିବ। ଏଣୁ ଗ୍ରାମାଞ୍ଚଳର ମହିଳାଙ୍କୁ ରୋଗ ଚିହ୍ନଟ, ଚିକିତ୍ସା ଓ ନିବାରଣ ଦିଗରେ ସଚେତନତା ସୃଷ୍ଟି ପାଇଁ ଆଶାକର୍ମୀମାନଙ୍କୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପିଏଚଓ ରମେଶ ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ତନ କର୍କଟରେ ଲୋଇସିଂହା ଅଞ୍ଚଳରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସଭାରେ ଆୟୁଷ ଡାକ୍ତର ସଞ୍ଜୀବ ବିଶ୍ୱାଳ ବକ୍ତବ୍ୟରେ ମସଲା ଯୁକ୍ତ ଖାଦ୍ୟ, ଫାଷ୍ଟଫୁଡରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଶିଶୁମାନଙ୍କ ଖାଦ୍ୟରେ ଶାଗ ଓ ପନିପରିବା ଅଧିକ ମାତ୍ରାରେ ଦେବାକୁ ଅଭିଭାବକଙ୍କୁ ବୁଝାଇଥିଲେ। ମୁଖଗହ୍ୱର କର୍କଟ ରୋଗରୁ ଦୂରେଇ ରହିବା ପାଇଁ ହେଲେ ଗୁଟକା ଓ ତମାଖୁ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସକ ମାନସ ରଞ୍ଜନ ଥାଏତ ଚଳିତ ବର୍ଷର ବାର୍ତ୍ତା ମୁଁ ଅଛି ଓ ମୁଁ ବଞ୍ଚିବି ଉପରେ କହିଥିଲେ।

# ୪ବର୍ଷ ହେଲା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ଟଙ୍କା

■ ଦେଓଗାଁ ପଞ୍ଚାୟତ ସମିତି ବୈଠକ
■ ଉନ୍ନୟନ ଅର୍ଥ ଖର୍ଚ୍ଚ ହୋଇ ନ ପାରିବା ନେଇ ଉଦ୍‌ବେଗ

**ଦେଓଗାଁ, ୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତିର ବୈଠକ ବ୍ଲକ ସଭାଗୃହରେ ମଙ୍ଗଳବାର ଅଧକ୍ଷା ରୀନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ଉପାଧକ୍ଷ ରାଜୁ ବାଗ, ବିଧାୟକଙ୍କ ପ୍ରତିନିଧି କାନ୍ତେଶ୍ୱର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୨୦୧୫-୧୬ ଆର୍ଥିକ ବର୍ଷରୁ ଅଦ୍ୟାବଧି ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ବ୍ଲକରେ ଖର୍ଚ୍ଚ ହୋଇ ନ ପାରି ୧୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ରହିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଲଣ୍ଡାପଥର ପଞ୍ଚାୟତରେ ହୋଇଥିବା ଏକ ଉନ୍ନୟନ କାମ ବିନା ଲେଆଉଟରେ ହୋଇଥିବା ଦର୍ଶାଇ ବିଲ୍ କରାଯାଉ ନ ଥିବାରୁ ସମ୍ପୃକ୍ତ ପଞ୍ଚାୟତର ସମିତି ସଭ୍ୟା ଆସାମୀ ଛତ୍ରିଆ ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଘଟଣାର ବିଭାଗୀୟ ତଦନ୍ତ କରାଯାଇ ବିଲ ପଇଠ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ବିଧାୟକ ମିଶ୍ର ପ୍ରସ୍ତାବ ଦେଇଥିଲେ। ବ୍ଲକରେ ଅଧାପନ୍ତରିଆ ହୋଇ ରହିଥିବା ଚେକଡ୍ୟାମଗୁଡିକର କାମ ଅବିଳମ୍ବେ ଶେଷ କରିବାକୁ ପ୍ରସ୍ତାବ ରଖିଥିଲେ ଉପାଧକ୍ଷ ରାଜୁ ବାଗ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ବ୍ଲକରେ ୨ଶହ ଦିନକୁ ବୃଦ୍ଧିପାଇଁ ପ୍ରସ୍ତାବ ଦେଇଥିଲେ ବଡବାହାଲ ସରପଞ୍ଚ ଜୟ ରଣା। ଜରାସିଂହା ସରପଞ୍ଚ କୁଶମଣି ମେହେର ବୁଢ଼ିଆଇ ବନ୍ଧର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଉପରେ ଜୋର ଦେଇଥିଲେ। ଏଥିସହ ବ୍ଲକରେ ଷ୍ଟ୍ରିଟଲାଇଟ ଲଗାଇବାରେ ହୋଇଥିବା ଦୁର୍ନୀତିର ସେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଧାନକିଣା ବିକା ଉପରେ ବ୍ଲକକୁ ମିଳୁଥିବା ୨ପ୍ରତିଶତ ଅର୍ଥକୁ ଚାଷୀଙ୍କ ହିତ ଉଦ୍ଦେଶ୍ୟରେ ଖଳା ନିର୍ମାଣ ପାଇଁ ଖର୍ଚ୍ଚ କରାଯିବା କଥା। ବ୍ଲକରେ ବର୍ଷାଧିକ କାଳ ହେଲା ପଡି ରହିଥିବା ପ୍ରାୟ ୩୨ଲକ୍ଷ ଟଙ୍କାକୁ ଖର୍ଚ୍ଚ କରାଯାଉ ନାହିଁ ବୋଲି ଏମ୍‌ପି ପ୍ରତିନିଧି ଅମିତ କୁମାର ସିଂ ନିନା କହିଥିଲେ। ଏହା ସହ ଦେଓଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉନ୍ନତିକରଣ ପାଇଁ ବସୁଧା ଯୋଜନାରେ୧କୋଟି ୬୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଭଞ୍ଜପଡାକୁ ପାଣି ଆସୁ ନ ଥିବା ସେ ଅଭିଯୋଗ ଉଠାଇଥିଲେ। ଏଥିସହ ଦେଓଗାଁ ସଦର ପଞ୍ଚାୟତ ହୋଇଥିବାରୁ ଏହାର ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ନେବାକୁ ପ୍ରସ୍ତାବ ଆଗତ କରିଥିଲେ। ପ୍ରତି ୨ ମାସରେ ସମିତି ବୈଠକ ବସିବା ସହ ମୁଭମେଣ୍ଟ ରେଜିଷ୍ଟର ମେଣ୍ଟେନ କରିବାପାଇଁ ଦାବି କରିଥିଲେ। ବନ୍ଧପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ତଥା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଡାକ୍ତରଅଭାବ ଥିବାରୁ ବୈଠକରେ ସରପଞ୍ଚ ସଂଘ ସଭାପତି ମଣ୍ଟୁ ଖମାରୀ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଅର୍ଜୁନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୧୧ଟା ପରେ ତାଲା ଖୁଲୁଛି ବୋଲି ଉପାଧକ୍ଷ ରାଜୁ ବାଗ ଅଭିଯୋଗ ଉଠାଇଥିଲେ। ବ୍ରାହ୍ମଣୀଯୋର ପଞ୍ଚାୟତ ତାଲପାଲିରେ ନବନିର୍ମିତ ଓଭରହେଡ ଟ୍ୟାଙ୍କ କାମ ନ ସରୁଣୁ ଭାଙ୍ଗି ଯାଇଥିବା ବେଳେ ପୁନଃ ନିର୍ମାଣ ମଧ ନିମ୍ନମାନର ହୋଇଥିବା ସମିତି ସଭ୍ୟା ବାସନ୍ତି ଭୋଇ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ବୈଠକରେ ଉନ୍ନୟନ କାର୍ଯ୍ୟ, ସ୍ୱାସ୍ଥ୍ୟ ଓ ପାନୀୟ ଜଳକୁ ବାଦଦେଲେ ଶିକ୍ଷା, କୃଷି ପରି ଅନ୍ୟାନ୍ୟ ସମସ୍ୟା ଉପରେ ବିଶେଷ ଆଲୋଚନା କରା ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ସହକାରୀ ଯନ୍ତ୍ରୀ ମୋହନ ମହାଲିକ ବିବରଣୀ ପାଠ କରିଥିବା ବେଳେ ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ଉପେନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସମସ୍ତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଉପସ୍ଥିତ ଥିଲେ। ବିଡିଓ ବେର୍ଣ୍ଣାଦେତ ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦେଓଗାଁ ବ୍ଲକ ସଭାଗୃହରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

### ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ସୁନ୍ଦରାକାଣ୍ଡ ପାରାୟଣ

**ଦେଓଗାଁ, ୪।୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି ପୋନିସୁଗର କଲୋନୀରେ ଚାଲିଥିବା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମଙ୍ଗଳବାର ତୃତୀୟ ଦିବସରେ ସୁନ୍ଦରାକାଣ୍ଡ ପାରାୟଣ ଓ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ କମିଟି ଆୟୋଜନରେ ଗାୟିକା ଜ୍ୟୋସ୍ନାମୟୀ ଦୀକ୍ଷିତ ଓ ସାଥିଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ସମାଜିକ କର୍ମୀ ମଣି ଦୀପଙ୍କ ପରିଚାଳନାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ମଙ୍ଗତୁରାମ ଅଗ୍ରୱାଲ, ରାମଜୀ ଚୌଧୁରୀ, ଯୁବନେତା ବିଶ୍ୱଜିତ ପାତ୍ର, କୁନା ସାହୁ ପ୍ରମୁଖ ଯୋଗଦେଇ ୫୦ଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ଯଜ୍ଞ ଓ ଭଜନ ପରିବେଷଣ ଚାଲିଥିବା ବେଳେ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହିମାଧର୍ମିଙ୍କ ଦ୍ୱାରା ସଂଚାର ନୃତ୍ୟ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲା ଭବାନୀପାଟଣା ମଠର କୌଶିକ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ବିଶ୍ୱଶାନ୍ତି ପାଇଁ ଅଖଣ୍ଡଯଜ୍ଞରେ ୨୦ ଜଣ ଅଲେଖ ମହିମାଧର୍ମି ବାବା ଯୋଗଦେଇଛନ୍ତି।

## ଜିଲା କରାଟେ ଅର୍ଗାନାଇଜେଶନର ବେଲ୍ଟ ଗ୍ରେଡିଂ ଉତ୍ସବ

**ବଲାଙ୍ଗୀର ଅଫିସ, ୪।୨**

ବଲାଙ୍ଗୀର ରେଲୱେ ଷ୍ଟେଶନ ଛକସ୍ଥିତ କରାଟେ ସ୍କୁଲରେ ବେଲ୍ଟ ଗ୍ରେଡିଂ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ୱର୍ଣ୍ଣପଦକ ବିଜେତା ତଥା ସେଲ୍ଫ ଡିଫେନ୍ସ ଏକ୍ସପର୍ଟ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ରୋଟାରିଆନ ଭଜନ ଅଗ୍ରୱାଲ, ବିଦ୍ୟା ଭାରତୀୟ ସ୍କୁଲ ଅଧକ୍ଷ ରାମଚନ୍ଦ୍ର ବେହେରା, ଗୀତା ସିଂ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ଆଗାମୀ ଦିନରେ ଏହି ଅନୁଷ୍ଠାନ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରାଯିବ ବୋଲି ଆଇନଜୀବୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ବଢେଇ ତିନି ବର୍ଷ ହେଲା ଏ ଅନୁଷ୍ଠାନ ସାଙ୍ଗରେ ଏହି ଅନୁଷ୍ଠାନ କେବଳ କରାଟି ନୁହେଁ ଝିଅଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ତଥା କ୍ରୀଡା ପ୍ରତିଭାମାନଙ୍କୁ ସୃଷ୍ଟି କରୁଛି ବୋଲି କହିଥିଲେ। ବଲାଙ୍ଗୀର ଜିଲାରୁ ଏହି ଅନୁଷ୍ଠାନର ଛାତ୍ରୀ ସ୍ୱସ୍ତିକା ପାଢୀ ଜାତୀୟ ସ୍ତରୀୟ କରାଟି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ତାଙ୍କୁ ସାଧାରଣତନ୍ତ୍ର ଦିବସରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ। ଏହି ବେଲ୍ଟ ଟେଷ୍ଟ ପରୀକ୍ଷାରେ ୭୮ ଭାଗ ନେଇଥିଲେ ଏବଂ ସେଥିରୁ ୪୮ଜଣ କୃତିତ୍ୱ ଅର୍ଜନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମାନନ୍ଦ ସାହୁ ଓ ଗୌରଚନ୍ଦ୍ର ଘିଭେଲା ସହଯୋଗ କରିଥିଲେ। ଶେଷରେ କୋଚ୍ ଅସୀମ ଭୋଇ ଧନ୍ୟବାଦ ଦେଇଥିଲେ।




କୃତୀ କରାଟେ ପରୀକ୍ଷାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## କୁଇମୁଣ୍ଡାରେ ହାତୀ ଉପଦ୍ରବ

**ଲାଠୋର, ୪।୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋରେ ବନାଞ୍ଚଳ ଅଧୀନ କୁଇମୁଣ୍ଡାରେ ଏକ ଦନ୍ତାହାତୀ ଉପଦ୍ରବରେ ଚଳିଛି। ଗତ ୪ଦିନ ହେବ ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ସୋମବାର ବିଳମ୍ବିତ ରାତିରେ ଦନ୍ତା କୁଇମୁଣ୍ଡା ଆସି ବହୁ ଲୋକଙ୍କ ବୋଡିରେ ଥିବା କଦଳୀ ଗଛ ଓ ଗୋରୁଛେଳି ଗୁହାଳ ଭାଙ୍ଗି ପକାଇଛି। କେତେକ ଲୋକଙ୍କ ବାସଗୃହ ବି କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଲୋକ ସଂଗଠିତ ହୋଇ ଘଉଡାଇବାରୁ ହାତୀ ଜଙ୍ଗଲକୁ ପଳାଇ ଯାଇଛି। ଏନେଇ ବେନ୍ଦର ସେକ୍ସନ ଫରେଷ୍ଟର ସମୀର ରଞ୍ଜନମହାପାତ୍ରଙ୍କୁ ପଚାରିବାରୁ ଆମେ ଦନ୍ତାହତୀ ଉପରେ ନଜର ନଜର ରଖିଛୁ। ଲାଠୋର ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲରେ ଖୁଣ୍ଟପୋତି ଧୂଆଁ ଦେଇ ଘଉଡାଇବା ପ୍ରୟାସ କରିବୁ ବୋଲି କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ବାପ ଘର ଲୋକ ଆଣିଲେ ହତ୍ୟା ଅଭିଯୋଗ

**ଖପ୍ରାଖୋଲ, ୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ସାପମୁଣ୍ଡ ଗାଁରେ ଘର ଭିତରୁ ଜଣେ ବିବାହିତ ମହିଳାଙ୍କ ମୃତଦେହ ପୋଲିସ୍ ଉଦ୍ଧାର କରଛି। ହେଲେ ମୃତାଙ୍କ ବାପ ଘର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମୃତା ମହିଳା ଜଣକ ହେଲେ ଗାଁର ଚକ୍ର ରାୟଙ୍କ ସ୍ତ୍ରୀ ପୂର୍ଣ୍ଣିମା ସରକାର। ମୃତାଙ୍କ ପିତା ନୂଆପଡା ଜିଲା ଲଖନା ଗାଁର ରାଜୁ ସରକାରଙ୍କ ଅଭିଯୋଗ ଅନୁସାରେ ବର୍ଷକ ତଳେ ଚକ୍ର ରାୟଙ୍କ ସହ ପୂର୍ଣ୍ଣୀମା ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଚକ୍ର ଏବଂ ତାଙ୍କ ପିତା ଧିରଜ ରାୟ ତାଙ୍କ ଝିଅଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏ ନେଇ ପୂର୍ଣ୍ଣୀମା ଅଭିଯୋଗ କରିଆସୁଥିବାବେଳେ ସେ ଧର୍ଯ୍ୟ ଧରି ରହିବାକୁ କହୁଥିଲେ। ହେଲେ ମଙ୍ଗଳବାର ତାଙ୍କ ଝିଅକୁ ମାଡ ମରାଯାଉଥିବା ସୂଚନା ପାଇ ସାପମୁଣ୍ଡ ଗାଁରେ ପହଞ୍ଚିଲା ବେଳକୁ ଝିଅ ଘର ମଝି ଉରାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ଖପ୍ରାଖୋଲ ଥାନାକୁ ଖବର ଦେଲା ପରେ ପୋଲିସ ଦଫା ୪୯୮(କ), ୩୦୨ ଓ ୩୪ ଆଇପିସିରେ ଏକ ମାମଲା (ନଂ. ନଂ ୧୮/୨୦)ରୁଜୁ କରି ମୃତଦେହ ଜବତ କରିଥିଲା। ଖପ୍ରାଖୋଲ ଥାନା ପୋଲିସ ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।



ବିଧାୟକ ନରସିଂହ ମିଶ୍ର ପଥରଚେପାଠାରେ ଆଦିବାସୀ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଆଦିବାସୀ ଛାତ୍ରାବାସର ଶିଳାନ୍ୟାସ

**ବଲାଙ୍ଗୀର ଅଫିସ, ୪।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ପଥରଚେପା ଠାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୯୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରବାସ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗର ଅନ୍ୱେଷ ଯୋଜନାରେ ଏହି ୯୦୦ ଶଯ୍ୟା ବିଶିଷ୍ଟ ଛାତ୍ରବାସ ପାଇଁ ୫ କୋଟି ୯୯ ଲକ୍ଷ ୬୦୬ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ବଲାଙ୍ଗୀର ଜିଲାର ଶିକ୍ଷାସ୍ତରରେ ପଛୁଆ ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାକ୍ଷେତ୍ରରେ ଆହୁରି ଆଗେଇ ନେବା ପାଇଁ ଏହି ଛାତ୍ରାବାସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବିଧାୟକ ମିଶ୍ର ଆଶାପୋଷଣ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନସ୍ଥଳରେ ଉପସ୍ଥିତ ଥିବା ନିର୍ମାଣକାରୀ ସଂସ୍ଥା କର୍ମଚାରୀଙ୍କ ସହ ବିଧାୟକ ମିଶ୍ର ଏହା ଆଲୋଚନା କରି ଯେତେ ଶୀଘ୍ର ହେବ ଏହି ଛାତ୍ରାବାସ ନିର୍ମାଣ କାମକୁ ସମାପ୍ତ କରିବା ପାଇଁ କହିଥିଲେ। ପଥରଚେପା ଗ୍ରାମବାସୀ ଏହି କାମରେ ପୂର୍ଣ୍ଣ ସମର୍ଥନ କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ଏହି ଅବସରରେ ପଥରଚେପା ଗାଁର ବହୁ ଲୋକ ଗାଁର ଅନ୍ୟାନ୍ୟ ସମସ୍ୟା ନେଇ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ପ୍ରାଥମିକତା ଭିତ୍ତିରେ ଗାଁର ସମସ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ କହିଥଇଲେ। ଗାଁରେ ରାସନ କାର୍ଡ, ଇନ୍ଦିରା ଆବାସ, ବାର୍ଦ୍ଧକ୍ୟଭତ୍ତା ତଥା ଭୂମିହୀନ ପରିବାରମାନଙ୍କୁ ଚିହ୍ନଟ କରି ଶୀଘ୍ର ସେମାନେ ଯେମିତି ଏହି ସବୁ ଯୋଜନାରୁ ଲାଭବାନ ହେବେ ସେଦିଗରେ ଶୀଘ୍ର କାର୍ଯ୍ୟକ୍ରମ ଆରମ୍ଭ କରିବେ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାମଦେବ ମିଶ୍ର, ଲୋକନାଥ କୁମୁରା, ଆଦିବାସୀ ହରିଜନ ବିଭାଗ ବିଧାୟକଙ୍କ ପ୍ରତିନିଧି ଓମ୍ ପ୍ରକାଶ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ସୁଶୀଳ ବେହେରା, ଜୟକୃଷ୍ଣ ମିଶ୍ର, ସୁବିନ ବରିହା, ଅସୀତ ମିଶ୍ର, ବୁଲୁ ଦାନି, ଟୁନା ସାହୁ, ଅଙ୍କିତ ସାହୁ, ସଞ୍ଜୀବ ଗୁରୁ, ମିଟୁ ସାହୁ, ସତ୍ୟ ନାଗ, ବ୍ରଜ ନାଗ, କୁଳମଣି ସାହୁ ଉପସ୍ଥିତ ଥିଲେ।

## ୨୭ ପ୍ରତିଶତ ଆରକ୍ଷଣ ଦାବିକଲା ଓବିସି ମଞ୍ଚ

**ବଲାଙ୍ଗୀର ଅଫିସ, ୪।୨**

ଶିକ୍ଷା ତଥା ସରକାରୀ ଚାକିରିରେ ଓଡିଶାରେ ଶୂନ ପ୍ରତିଶତ ଆରକ୍ଷଣ ଦିଆଯାଇ ଗତ ୭୦ ବର୍ଷ ଧରି ଓବିସିଙ୍କୁ ସାମ୍ବିଧାନିକ ନ୍ୟାୟରୁ ବଞ୍ଚିତ କରାଯାଇଛି। ଏହା ଏକ ଐତିହାସିକ ଭୁଲ। ଏହି ଭୁଲକୁ ତୁରନ୍ତ ସୁଧାର କରି ରାଜ୍ୟ ସରକାର ଓଡିଶାରେ ଓବିସିଙ୍କ ପାଇଁ ଶିକ୍ଷା ଓ ଚାକିରିରେ ୨୭ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି ବଲାଙ୍ଗୀର ଜିଲା ଓବିସି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଜିଲା ଓବିସି ମଞ୍ଚ ସଭାପତି ଶଙ୍କର କୁମାର ପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓବିସି ମଞ୍ଚର ପରଦେଶୀ ବିଶ୍ୱାଳ ଓ ଉପସଭାପତି କିଶୋର ସାଏ ମଞ୍ଚାସୀନ ଥିଲେ। ଓଡିଶା ସରକାର ୧୯୯୧ ମସିହାରେ ଦାସ କମିଶନ ବସାଇ ଏସଇବିସି ତାଲିକା ପ୍ରସ୍ତୁତ କରିଥିଲେ। ଓବିସି ଜନସଂଖ୍ୟା ଅନୁସାରେ ଆରକ୍ଷଣ ଦେବା ଛାଡି ଏସିବିସି ତାଲିକା ଅନୁସାରେ ଆରକ୍ଷଣ ବ୍ୟବସ୍ଥା କରି ୧୧.୨୫ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ଏହା ମଣ୍ଡଳ କମିଶନଙ୍କ ଘୋଷିତ ଜାତି ଓବିସିଙ୍କ ପ୍ରତି କ୍ରୂର ଉପହାସ ବୋଲି ପାତ୍ର ଅଭିଯୋଗ କରିଛନ୍ତି। ଏନେଇ ସେ ଜାତୀୟ ଓବିସି ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ଏହା ଏବେ ଏକ ବିତର୍କ ହୋଇପଡିଛି ବୋଲି କହିଥିଲେ। ଓଡିଶାରେ ଓବିସିମାନଙ୍କୁ ଶୂନ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଥିବା ଜାଣି ଜାତୀୟ ଓବିସି ଆୟୋଗ ମଧ ଏନେଇ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ନୀତି ଯୋଗୁଁ ଦୀର୍ଘ ୭୦ ବର୍ଷ ହେଲା ଆରକ୍ଷଣ ସୁବିଧାରୁ ବଞ୍ଚିତ ହୋଇଆସୁଥିବା ଏକ ଐତିହାସିକ ଭୁଲ ବୋଲି ପାତ୍ର କହିଛନ୍ତି। ଓଡିଶାର ଓବିସିମାନେ ଏସଇବିସି ଆରକ୍ଷଣକୁ ବିରୋଧ କରୁନାହାନ୍ତି। ରାଜ୍ୟରେ ପ୍ରାୟ ୮ ପ୍ରତିଶତ ସାଧାରଣ ବର୍ଗର ଲୋକ ଥିବାସ୍ଥଳେ ସେମାନଙ୍କୁ ଆର୍ଥିକ ସ୍ତରରେ ୧୦ ପ୍ରତିଶତ ଆରକ୍ଷଣ ଦେବାକୁ ମଧ ବିରୋଧ କରୁନାହାନ୍ତି ତଥା ଏସସି/ଏସଟିଙ୍କୁ ତାଙ୍କ ସମାନୁପାତିକ ୩୮.୭୫ ପ୍ରତିଶତ ଆରକ୍ଷଣ ଦେବାକୁ ମଧ ବିରୋଧ କରୁନାହାନ୍ତି। ତେଣୁ ଓବିସିଙ୍କ ଆରକ୍ଷଣକୁ ମଧ ବିରୋଧ କରିବା ଉଚିତ୍ ନୁହେଁ ଓ ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ଉଚିତ୍ ପଦକ୍ଷେପ ଗ୍ରହଣ କରି ଓବିସିଙ୍କୁ ୨୭ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲା ଓବିସି ମଞ୍ଚ କର୍ମକର୍ତ୍ତା।

## ହରେକୃଷ୍ଣ ମେହେର ପାଇବେ ଗଙ୍ଗାଧର ସ୍ମୃତି ସମ୍ମାନ

**ଟିଟିଲାଗଡ, ୪।୨ (ଡି.ଏନ.ଏ)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ରକ୍ଷା ପାଇଁ ୨୦୧୮ରୁ ଗଙ୍ଗାଧର ମେହେର ସ୍ମୃତି ସମିତି ଟିଟିଲାଗଡ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ଥାନୀୟ ଛାମୁଆ ସାହିତ୍ୟ ସଂଗଠନ ସାହିତ୍ୟ ସଂସ୍କୃତି ଏବଂ ସରକାରୀ ବାଳକ ହାଇସ୍କୁଲର ୧୯୫୩ରୁ ୧୯୬୫ ବ୍ୟାଚ ପୁରାତନ ଛାତ୍ର ସଂସଦ ଉଦ୍ୟମରେ ସହରରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନା କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଙ୍ଗାଧରଙ୍କ ସାହିତ୍ୟକୁ ଆଦୃତ କରିବା ପାଇଁ ଗଙ୍ଗାଧରଙ୍କ କୃତିକୁ ନେଇ ବକ୍ତୃତା, ଗୀତ ତଥା ରଚନା ପ୍ରତିଯୋଗିତା ସହ ପୁରସ୍କୃତ କରାଯାଉଛି। ଏନେଇ ଚଳିତ ବର୍ଷ ମଧ୍ୟ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସ୍ମୃତି ସମିତି ସଭାପତି ତଥା ଅବସରପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଉପସଚିବ ଡ. ବିନୋଦ ବିହାରି ଜାଲ, ସମ୍ପାଦକ ସାହିତ୍ୟିକ ଅଶ୍ୱିନୀ ମହାନ୍ତି, ସଦସ୍ୟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଘନଶ୍ୟାମ ଜୈନ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶିବଶଙ୍କର ବେହେରା, ସତ୍ୟବ୍ରତ ପଣ୍ଡା କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଉପରୋକ୍ତ ସାହିତ୍ୟିକଙ୍କ ସମେତ ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ବିଭାସ କୁଣ୍ଡୁ, ଘନଶ୍ୟାମ ଗୋୟଲ, ପ୍ରଶାନ୍ତ ବହିଦାର, ପ୍ରଫୁଲ୍ଲ ସରାଫ, ସଞ୍ଜିକାନ୍ତ ରଥ ସମିତିର ସଦସ୍ୟ ରହିଛନ୍ତି। ଆସନ୍ତା ୯ରେ ସ୍ମୃତି ସମିତିର ବାର୍ଷିକ ସମାରୋହ ପାଳନ ହେବ। ହାଇସ୍କୁଲସ୍ତରରେ ପ୍ରତିଯୋଗିତା ଆୟୋଜିତ ହୋଇ ବକ୍ତୃତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା, ଗୀତରେ ପ୍ରଥମ ଶିକ୍ଷାର୍ଥି ପ୍ରାରମ୍ଭିକ ସଂଗୀତ ଗାନ, ରଚନାରେ ପ୍ରଥମ ଶିକ୍ଷାର୍ଥି ସମାରୋହରେ ତାହାକୁ ପଠନ କରିବେ। ଏହା ସହ ସ୍ୱଭାବ କବିଙ୍କ ମହାନ ରଚନା ତପସ୍ୱିନୀ କାବ୍ୟକୁ ସଂସ୍କୃତ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଅନୁବାଦ କରିଥିବା ସିନାପାଲିର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ହରେକୃଷ୍ଣ ମେହେରଙ୍କୁ ଗଙ୍ଗାଧର ମେହେର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସମାରୋହରେ ଗଙ୍ଗାଧର ମେହେରଙ୍କ କୃତି ମଙ୍ଗଳେ ଅଇଲା ଉଷାକୁ ନେଇ ଛାତ୍ରୀଛାତ୍ର ଗୀତିନାଟ୍ୟ ପରିବେଷଣ କରିବେ। ରାଜଜ୍ୟୋତି ସେବା ସମିତି ସଭାପତି ଦୀପକ ସାହୁ ତଥା ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସହରର ବୁଦ୍ଧିଜୀବୀ, ଶିକ୍ଷାବିତ ତଥା ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗଦେବାକୁ ସଭାପତି ଡ. ଜାଲ ନିବେଦନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଗଙ୍ଗାଧର ସ୍ମୃତି ସଂସଦ ପକ୍ଷରୁ ସୂଚନା ଦିଆଯାଉଛି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ସୋନପୁର,୪।୨(ନି.ପ୍ର.):** ସୋନପୁର ସହରର କୁମ୍ଭାରପଡା ଅଞ୍ଚଳର ବାପୁନ୍ ସେଠୀ(୩୮) ନାମକ ଜଣେ ଯୁବକ ସୋମବାର ରାତିରେ ଆତ୍ମହତ୍ୟା କରିଛନ୍ତି। ବାପୁନ୍ ନିଜ ଶୋଇବା ଘରେ ବେକରେ ଗାମୁଛା ବାନ୍ଧି ଫ୍ୟାନ୍‌ରେ ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନି। ସୋନପୁର ପୋଲିସ ଏକ ଆତ୍ମହତ୍ୟା ମାମଲା ରୁଜୁ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ମିଶନ ଶକ୍ତି ବଜାର ଉଦ୍‌ଘାଟିତ

**ବିନିକା, ୪।୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଆରଏମ୍‌ସିଠାରେ ମହିଳା ଶକ୍ତି ମିଶନ ବଜାର ମଙ୍ଗଳବାର ଜିଲାପାଳ ମୋନୀଷା ବାନାର୍ଜୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ବଜାରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ହାତ ତିଆରି ଟେରାକୁଟା ସାମଗ୍ରୀ, ବାଉଁଶରେ ତିଆରି ବିଭିନ୍ନ, ସମ୍ବଲପୁରୀ ଶାଢୀ, ଧୂପକାଠି, ଆଚାର ଆଦି ୫୦ କିସମର ଦ୍ରବ୍ୟ ବିକ୍ରି ପାଇଁ ରଖାଯାଇଛି। ଜିଲାପାଳ ବାନାର୍ଜୀଙ୍କ ସହ ଉପଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଉକ୍ତ ବଜାର ବୁଲି ଦେଖିଥିଲେ । ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ କରି ଲାଭବାନ ହେବାକୁ ଏହି ଅବସରରେ ଅଧିକାରୀମାନେ ପରେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରକାଶଥାଉକି, ବିନିକା ଆର୍‌ଏମ୍‌ସିଠାରେ ପ୍ରଥମ କରି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନକିଣା ଆରମ୍ଭ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ସିଡିପିଓ ସୁଭାଗିନୀ ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ ।

### ପଞ୍ଚାୟତ ପ୍ରତିନିଧି ଦଳର ଉନ୍ନୟନ କାମ ପରିଦର୍ଶନ

**ଲୋଇସିଂହା,୪।୨(ଡି.ଏନ.ଏ):** ବାଲେଶ୍ୱର, ଯାଜପୁର ଓ ଜଗତସିଂପୁର ଜିଲାର ଏକ ପଞ୍ଚାୟତ ପ୍ରତିନିଧି ଦଳ ୩ ଦିନିଆ ଏକ୍ସପୋଜର ଭିଜିଟରେ ବଲାଙ୍ଗୀର ଗସ୍ତରେ ଆସିଛନ୍ତି। ଏହି ପ୍ରତିନିଧି ଦଳ ଲୋଇସିଂହା ଓ ଆଗଲପୁର ଓ ବଲାଙ୍ଗିର ସଦର ବ୍ଲକ ଗସ୍ତ କରି ପାନୀୟ ଜଳପ୍ରକଳ୍ପ, ଗୃହ, ଏମ୍‌ଜିଏନ୍‌ଆରଇଜିଏସ, ଶିକ୍ଷାନୁଷ୍ଠାନ କାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ଏହି ଦଳରେ ୧୫ ଜଣ ଜିଲା ପରିଷଦ ସଭ୍ୟାସଭ୍ୟ ଓ ୧୦ଜଣ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏପରି ମୋଟ ୨୫ ଜଣ ରହିଛନ୍ତି। ମଙ୍ଗଳବାର ଡିଆରଡିଏର ଏପିଡି ଅଭିଜିତ ପଣ୍ଡା(ତାଲିମ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିଦଳ ପ୍ରଥମେ ଆଗଲପୁର ଗସ୍ତରେ ଯାଇଥିଲେ । ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷଙ୍କ ସହ ଉକ୍ତ ପ୍ରତିନିଧି ଦଳ କେଶାଇପାଲି ଗାଁ ଜଳଛାୟା ପ୍ରକଳ୍ପ ଓ କୁଡାଡେରାର ଲେମନ ଗ୍ରାସ କ୍ଷେତ୍ର ପରିଦର୍ଶନ କରି ସ୍ଥାନୀୟ ହିତାଧିକାରୀଙ୍କସହ ଆଲୋଚନା କରିଥିଲେ । ପରେ ଲୋଇସିଂହା ବ୍ଲକର ବୁର୍ଡାରେ ପ୍ରଧାନମନ୍ତ୍ରୀ ଆବାସ ଘର ଓ ଲୋଇସଂହା ବ୍ଲକ ଛକରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ । ଏଠାରୁ ପୁଇଁତଲା ବ୍ଲକ କୁରୁଳ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସଚେତନତା କ୍ୟାନ୍‌ସରକୁ ଦୂରେଇ ପାରେ

**ସୁବର୍ଣ୍ଣପୁରରେ ବିଶ୍ୱ କର୍କଟ ଦିବସ**

**ସୋନପୁର, ୪।୨(ନି.ପ୍ର.)**




ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ତାଲିମ କେନ୍ଦ୍ରଠାରେ ବିଶ୍ୱ କର୍କଟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା ସଚେତନତା ସଭାରେ ଅଧକ୍ଷତା କରିଥିଲେ। ଡାକ୍ତର ପଣ୍ଡା କହିଥିଲେ କର୍କଟ ରୋଗକୁ ପ୍ରତିହତ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ସଚେତନତା ହିଁ ମୁଖ୍ୟ ଅସ୍ତ୍ର। ଏଥିପାଇଁ ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସକାଶେ ପରାମର୍ଶ ଦେଇଥିଲେ। ତେବେ ଫସଲରେ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ଯୋଗୁଁ କର୍କଟ ରୋଗ ବୃଦ୍ଧି ପାଉଛି ବୋଲି ମତପ୍ରକାଶ କରିଥିଲେ। ଭେଷଜ ବିଶେଷଜ୍ଞ ଡାକ୍ତର ଜିତାରାମ୍ ବିଦ୍ କହିଥିଲେ ଯେ, ସବୁ କ୍ୟାନସର ବା କର୍କଟ ରୋଗ ଦୁରାରୋଗ୍ୟ ନୁହେଁ। ଏହାର ନିରାକରଣ ସମ୍ଭବ। ପ୍ରାଥମିକ ଅବସ୍ଥାରେ ଏହାର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ହୋଇ ପାରିଲେ ରୋଗୀଟି ବର୍ଷ ବର୍ଷ ଧରି ସୁସ୍ଥ ରହି ପାରିବ। ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଯୋଗୁଁ କର୍କଟ ରୋଗ ବୃଦ୍ଧି ପାଉଥିବା ଡାକ୍ତର ବିଦ୍ କହିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜିତା ବିଶ୍ୱଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କର୍କଟ ରୋଗର କାରଣ ଏବଂ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସୂଚନା ପ୍ରଦାନ କରାଯାଇଥିଲା ଯେ, ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଦୀନେଶ ପେଣ୍ଡାରକର ଆସନ୍ତା ୬ ତାରିଖ ସୋନପୁର ଆସୁଛନ୍ତି। ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ମାଗଣାରେ ଏକ ସ୍ୱତନ୍ତ୍ର କର୍କଟ ଚିହ୍ନଟ ଶିବିର ସକାଳ ୮ଟାରୁ ୧୦ଟା ମଧ୍ୟରେ ଆୟୋଜିତ ହେବ । ତେଣୁ ଜନସାଧାରଣ ଫୋନ ନଂ ୯୫୫୬୪୩୭୩୮୦ରେ ଯୋଗାଯୋଗ କରି ଅଗ୍ରୀମ ପଞ୍ଜିକରଣ କରି ପାରିବେ। ସଭା ଶେଷରେ ଏକ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା। ସଚେତନତା ହିଁ ସମାଧାନର ବାଟ ବୋଲି କହିବା ସହ ସମଗ୍ର କାର୍ଯ୍ୟକ୍ରମଟିକୁ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିଲେ। ତାରିଣୀ ପାତ୍ର ସହଯୋଗ କରିଥିଲେ ।

## ନକ୍‌ଆଉଟ ଫୁଟବଲ: ଫାଇନାଲରେ ବଲାଙ୍ଗୀର

**ଟିଟିଲାଗଡ, ୪।୨ (ଡି.ଏନ.ଏ.)**

ବୀର ହନୁମାନ ବ୍ୟାୟାମ ଶାଳା ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଚାଲିଥିବା ଅଲ୍ ଓଡିଶା ନକ୍‌ଆଉଟ ଫୁଟବଲ ଚାମ୍ପିୟନଶିପ ଗ୍ରୁପ ଏ ର ପ୍ରଥମ ସେମିଫାଇନାଲ ମ୍ୟାଚ ବଲାଙ୍ଗୀର ସାଇଟ ଦଳ ଏବଂ ଜରାସିଂହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ୩-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ଟିଟିଲାଗଡ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟସୌରଭ ଦାଶ ମୁଖ୍ୟଅତିଥି, କ୍ରିଡାବିତ ଧ୍ରୁବଲେ ଦଳବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ବିନୋଦ ପ୍ରଧାନୀ, ରାଜେଶ ସ୍ୱାଇଁ, ମାଧବ ବିଶି ଖେଳ ପରିଚାଳନା କରିଥିଲେ।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ




ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଡୁଙ୍ଗୁରିପାଲି, ୪।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସାମଲେଇଚୂଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ୍, ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ବିଡିଓ ସହଦେବ ସମାଧିଆ ଓ ଖରମୁଣ୍ଡା ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ଷଡଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟକୃଷ୍ଣ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବେହେରାମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରାରୀ ରଥ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ପୂଝାରୀ ସମାଜ ଓ ଦେଶ ଗଠନରେ ଶିକ୍ଷକଙ୍କ ଗୁରୁ ଭୂମିକା ରହିଛି ବୋଲି କହିଥିଲେ। ବିଶେଷ କରି ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢି ତୋଳିବାରେ ଶିକ୍ଷକମାନେ ମାର୍ଗଦର୍ଶକ ସାଜନ୍ତୁ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ତାଙ୍କର ଏକ ମାସର ଦରମା ରାମପୁର ପ୍ରାଥମିକ ରାମପୁର ବିଦ୍ୟାଳୟକୁ ଦାନ କରିବା ପାଇଁ ଘୋଷଣା କରିଥିଲେ । ଏହି ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୧୬୦ଟି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦ ସଭାପତି ଓ ସରପଞ୍ଚମାନେ ଅଂଶଗ୍ରହଣ କରିଥିଲେ । ପୁରାତନ ଛାତ୍ର ସଂସଦ ସଭାପତିମାନେ ନିଜ ନିଜ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ଚେକ ମାଧ୍ୟମରେ ୧୫ ଲକ୍ଷ ୬୮୫ ଟଙ୍କା ପ୍ରଦାନ କରିଥିଲେ। ସେହିପରି ଲଙ୍ଗଲକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଚିନାୟୁରୀ ସିଆରସିସି ଜୟପ୍ରକାଶ ସେଠ୍ ନିଜ ସ୍କୁଲକୁ ୫ ହଜାର ଟଙ୍କା ଚେକ ମାଧ୍ୟମରେ ଓ ସମଲେଇଚୂଆଁ ଉଚ୍ଚ ବିଦ୍ୟାଳୟକୁ ରମେଶ କୁମାର ଭୋଇ ତାଙ୍କ ସ୍ୱର୍ଗତ ପିତା ଶଙ୍କର୍ଷଣ ଭୋଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୦ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ଏହି ମହତ୍ କାର୍ଯ୍ୟ ପାଇଁ ବିଇଓ ରାଧାକାନ୍ତ ଗଡତ୍ୟା ଡୁଙ୍ଗୁରିପାଲିର ସବୁ ମହଲକୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଶେଷରେ ସମଲେଇଚୂଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ଶିବିର

**ଦେଓଗାଁ, ୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଜଗତବନ୍ଧୁ ବିଶ୍ୱଭାରତୀ ଶିକ୍ଷା ନିକେତନରେ ମଙ୍ଗଳବାର ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟ ତଥା ସାଲେପାଲି ଜେବିବିଏସଏନ ସହଯୋଗରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ଡାକଘର ଅଧୀକ୍ଷକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ହାସ୍ୟକବି ସରରାଜ ଅଚ୍ୟୁତ ପୁରୋହିତ, ଟିଟିଲାଗଡ ଡିଭିଜନ ଇନ୍ସପେକ୍ଟର କିଶୋର କୁମାର ନାଏକ, ସ୍ଥାନୀୟ ଶିକ୍ଷକ ଶିକ୍ଷା ତାଲିମ ମହାବିଦ୍ୟାଳୟ ଅଧକ୍ଷ ଡ. ସୁଧାଂଶୁ ଭୂଷଣ ମେହେର, ଜରା ନିବାସର ମୁଖ୍ୟ ଶିବ ପ୍ରସାଦ ସାହୁ, ହୃଦାନନ୍ଦ ବେହେରା, ରଞ୍ଜନ ଷଡଙ୍ଗୀ, ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ ବାଗ ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଅନେକ ଠକସଂସ୍ଥା ଲୋକଙ୍କୁ ଭୂଆଁ ବୁଲାଇ ଅର୍ଥଲୁଟ କରିବାରେ ଲାଗିଛନ୍ତି । ଲୋକମାନେ ମଧ ଠକସଂସ୍ଥାର ଜାଲରେ ଛନ୍ଦିହୋଇ ନିଜ କଷ୍ଟୋପାର୍ଜିତ ଅର୍ଥକୁ ହାରାଇ ବସୁଛନ୍ତି।

## ବିନିକା: ୪ ପ୍ରକଳ୍ପ ଉଦ୍‌ଘାଟିତ

- କମ୍ୟୁନିଟି କେନ୍ଦ୍ରର ଶିଳାନ୍ୟାସ
- ୨୪୩ ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ

**ବିନିକା, ୪।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଞ୍ଚଳରେ ସୋମବାର ୪ଟି ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଏନ୍‌ଏସି କମ୍ୟୁନିଟି ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବୀରମହାରଜପୁର ଉପଜିଲାପାଳ ତଥା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସକ ଅଶୋକ କୁମାର ଭୋଇଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମନ୍ତ୍ରୀ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ପ୍ରକଳ୍ପଗୁଡିକ ହେଲା ଏନ୍‌ଏସି ପାଲିପଡାରେ ୩ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ଗଣେଶ ମଣ୍ଡପ, ବିନିକା ସହରରେ ୨ଲକ୍ଷ ୫୦ହଜାର ଟଙ୍କା ନବନିର୍ମିତ ମୃଦୁ ପାନୀୟ ଜଳ ପ୍ରକଳ୍ପ, ପାପକ୍ଷୟଠାରୁ ଚୌକିଯୋର ଯାଏ ହୋଇଥିବା ଆଲୋକୀକରଣ ପ୍ରକଳ୍ପ । ଶିଳାନ୍ୟାସ କରାଯାଇଥିବା ପ୍ରକଳ୍ପ ହେଲା ୮ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବିନକେଇ କମ୍ୟୁନିଟି କେନ୍ଦ୍ର । ପରେ ମନ୍ତ୍ରୀ ବେରୋଙ୍କ ସହ ସାମିଲ ହୋଇ ଅର୍ଥ ଏବଂ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଆର୍‌ଜିଏଫ୍ ଅନୁଦାନ ୧କୋଟି ୨ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ବିନିକା ଟାଉନ ହଲ୍‌ର ଶୁଭ ଉଦ୍‌ଘାଟନ କରିଥିଲେ ।

ଏହାପରେ ବିନିକା ଟାଉନ୍ ହଲ୍ ସଭା ଗୃହଠାରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକଙ୍କ ଅଧକ୍ଷତାରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ ଏବଂ ଷ୍ଟ୍ରିଟ୍ ଭେଣ୍ଡରଙ୍କ ପ୍ରାମଣ ପତ୍ର ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ୱତନ୍ତ୍ର ଅତିଥି ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ୨୪୩ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟଦେଶ ପତ୍ର ଓ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଏନ୍‌ଏସି ପ୍ରଶାସକ ଅଶୋକ କୁମାର ଭୋଇ ଉପସ୍ଥିତ ଥିଲେ।

## ବାହାରିଲା କୁଷ୍ଠରୋଗ ସଚେତନତା ଶୋଭାଯାତ୍ରା

**ଅମରପାଲି, ୪।୨ (ଡି.ଏନ.ଏ.)**




ଲୁତୁରପଙ୍କରେ ବାହାରିଥିବା କୁଷ୍ଠରୋଗ ସଚେତନତା ଶୋଭାଯାତ୍ରା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧିନ ଲୁତୁରପଙ୍କ ଗ୍ରାମରେ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୁତୁରପଙ୍କ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ଗାଁ ସ୍ୱାସ୍ଥ୍ୟ ସମୀକ୍ଷକ ରାଜକୁମାର ସାହୁ ଅଧକ୍ଷତା କରିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ତାରାମଣୀ ନାଏକ ଏଥିରେ ଯୋଗଦେଇ ଉପସ୍ଥିତ ଲୋକଙ୍କୁ କୁଷ୍ଠରୋଗର ଲକ୍ଷଣ ଓ ନିରାକରଣ ଉପରେ ସଚେତନ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ଗିରିଶ ମହାକୁର ଓ ଆଶାକର୍ମୀ ଲତା ମୁଣ୍ଡା ଏହି ଅବସରରେ ଉପସ୍ଥିତ ଥିଲେ। କୁଷ୍ଠ ରୋଗ ଏକ ବଡ ରୋଗ ନୁହେଁ, ଚିକିତ୍ସା ମାଧ୍ୟମରେ ଏହା ଆରୋଗ୍ୟ କରାଯାଇପାରିବ ବୋଲି ବକ୍ତାମାନେ କହିଥିଲେ । ସଭାପରେ ସ୍ଥାନୀୟ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।



ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

## ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ଅମରପାଲି, ୪।୨(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୀରମହାରାଜପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଡା. ମଧୁସ୍ମିତା ମେହେର ଓ ସ୍ୱାଗତିକା ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ବିଦ୍ୟାଳୟ ଅଧକ୍ଷା ମିନୀବାଳା ଆଚାର୍ଯ୍ୟ, ରୀତାଞ୍ଜଳି ସେଠୀ, ପ୍ରଦେଶ ମହାକୁର, ପିଙ୍କି ଦଲାଇ, ମନୋରମା ମିଶ୍ର, ନିଳାମ୍ବର ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରୀନ୍ ଦଳକୁ ହରାଇଲା ଏସ୍‌ଡିସିଏ ରେଡ

### ଜିଲାସ୍ତରୀୟ ଅଣ୍ଡର -୧୯ କ୍ରିକେଟ ଲିଗ

**ଉଲୁଣ୍ଡା, ୪।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଲେଜ ପଡିଆରେ ଆୟୋଜିତ ହେଉଥିବା ଅଣ୍ଡର-୧୯ କ୍ରିକେଟ ଲିଗର ମଙ୍ଗଳବାର ଦିନ ଖେଳରେ ଏସଡ଼ିସିଏ ରେଡ ଦଳ ୫ଉଇକେଟରେ ଏସଡ଼ିସିଏ ଗ୍ରୀନ ଦଳକୁ ପରାସ୍ତ କରିଛି। ଓସିଏ ଓ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟ ରେ ଖେଳା ଯାଉଥିବ ଆଜିର ଖେଳରେ ପ୍ରଥମେ ବ୍ୟାଟିଂ କରି ଗ୍ରୀନ ଦଳ ୩୧.୧ ଓଭରରେ ୨୨୦ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ରାକେଶ ସାହୁ ସର୍ବାଧିକ ୭୦ ରନ କରିଥିଲେ। ଅଭିତୋଷ ବଡମାଳୀ ୪ ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ରେଡ ଦଳ ୩୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇ ବିଜୟୀ ହୋଇଥିଲା। ଦଳର ହରେକୃଷ୍ଣ ବାରିକ ୪୬, ଓମ ପ୍ରକାଶ ଦାଶ ୩୭, ବନମାଳୀ ପଧାନ ୩୬ ରନ ସଂଗ୍ରହ କରିଥିଲେ। ଖେଳକୁ ଶ୍ରୀନିବାସ ପଧାନ ଓ ରଘୁବୀର ମିଶ୍ର ପରିଚାଳନା କରିଥିବା ବେଳେ ଓସିଏ ତରଫରୁ ସରୋଜ କୁମାର ମିଶ୍ର ସ୍କୋରଂ କରିଥିଲେ। ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପଣ୍ଡିଆଙ୍କ ସଂଯୋଜନାରେ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଯାପିତ

**ବିନିକା, ୪।୨(ଡି.ଏନ୍.ଏ.)**




ଅତିଥିମାନେ ଡ. ଅଟଳ ବିହାରୀ ପଣ୍ଡାଙ୍କ ଲିଖିତ ବିଶେଷାଙ୍କ 'ଲେଖା'କୁ ଉନ୍ମୋଚନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକା ସହର ବିନିକା-ସୋନପୁର ମୁଖ୍ୟରାସ୍ତା ପାର୍ଶ୍ୱବର୍ତ୍ତୀ ଯାତ୍ରା ପଡିଆରେ ଗତ ୪ଦିନ ଧରି ଚାଲିଥିବା ପାପକ୍ଷୟ ଲୋକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମର ସାଂସ୍କୃତିକ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ଆସାମ କଳାକାରମାନଙ୍କ ଦ୍ୱାରା ପରିବେଶିତ ବିହୁ ନୃତ୍ୟ । ଏଥିସହିତ ଲୋକଗୀତ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ଲିପିକା ବିଭାର, ଦିଲୀପ ଦୀପ, ଗୀତାଞ୍ଜଳି ପୋଢ। ଲୋକନୃତ୍ୟରେ ସ୍ୱତନ୍ତ୍ର ଆକର୍ଷଣ ସାଜିଥିଲା ପ୍ରତିଭା ଗ୍ରୁପ ଭବାନୀପାଟଣା, କୃଷ୍ଣପ୍ରିୟା କଳା ପରିଷଦ ଗ୍ରୁପ୍ ତୁଷୁରା ଓ ସୋନପୁରର ରୁମକୁ ଝୁମାନା ଲୋକନୃତ୍ୟ ଗ୍ରୁପ୍ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ । ବିନିକା ସହରର ପୁରାତନ କିର୍ତ୍ତୀମାନ ପାପକ୍ଷୟ ଘାଟର ସର୍ବାଙ୍ଗୀନ ବିକାଶରେ ଅର୍ଥ ପ୍ରତିବନ୍ଧକ ହେବନାହିଁ। ଏଥିସହିତ ଆଞ୍ଚଳିକ ଲୋକକଳାର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ଚଳଚ୍ଚିତ୍ର ଅଭିନେତା ଡ. ଅଟଳ ବିହାରୀ ପଣ୍ଡା, ବିନିକା ତହସିଲଦାର ଅଲେଖ ଘୁଟା, ଶିକ୍ଷାବିତ୍ ଡ. ଫକୀର ଚନ୍ଦ୍ର ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟି ସଭାପତି ଜୟମଙ୍ଗଳ ବିଶିଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅତିଥିମାନେ ଡ. ଅଟଳବିହାରୀ ପଣ୍ଡାଙ୍କ ଲିଖିତ ବିଶେଷାଙ୍କ 'ଲେଖା'କୁ ଉନ୍ମୋଚନ କରିଥିଲେ । ଶାଶ୍ୱତ ତ୍ରିପାଠି ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିବା ବେଳେ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କମିଟି ସମ୍ପାଦକ ଶେଖର ଶର୍ମା ଉଦ୍‌ଯାପନୀ ସମାରୋହରେ ଧନ୍ୟବାଦ ଅର୍ପଣ କରିଥିଲେ।



ଚରିତ୍ର ଥରେ ମାତ୍ର ନଷ୍ଟ ହେଲେ ତାହା ପୁନଃପ୍ରାପ୍ତ ହୁଏ ନାହିଁ। ମାତ୍ର ସଂଶୋଧନ ହୋଇପାରେ।
- ଠାକୁର ଅଭିରାମ ପରମହଂସ



## ସଂକ୍ଷେପରେ...

### ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଲା ଘରୋଇ ଚିକିତ୍ସକ ସଂଘ

ବରଗଡ଼ ଅଫିସ୍,୪।୨
ବରଗଡ଼ ସହର ମଧ୍ୟରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବରଗଡ଼ ଘରୋଇ ଚିକିତ୍ସକ ସଂଘ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ନିବେଦନ କରିଛି । ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସଚିବଙ୍କ ପାଖକୁ ଏକ ସ୍ମାରକପତ୍ର ପଠାଯାଇଛି । ଅତ୍ୟାଧୁନିକ ଭାବେ ନିର୍ମିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ତାହା ବରଗଡ଼ ସହରଠାରୁ ପ୍ରାୟ ୧୦କି.ମି ଦୂରରେ ରହିଥିବା ଯୋଗୁ ପ୍ରାଥମିକ ଚିକିତ୍ସା ପାଇଁ ସହରବାସୀଙ୍କ ପକ୍ଷେ ସେଠାକୁ ଯିବା ସହଜ ହୋଇ ପାରୁନାହିଁ । ଏଭଳି ସ୍ଥଳେ ସହର ମଧ୍ୟରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଣ ଦିଗରେ ବିହିତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ।

### ସିସି କ୍ୟାମେରା ଭାଙ୍ଗିଲେ ଦୁର୍ବୃତ୍ତ

ଗାଇସିଲେଟ୍,୪।୨(ଡି.ଏନ.ଏ)
ବରଗଡ଼ ଜିଲା ଗାଇସିଲେଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଲାଗିଥିବା ସିସି କ୍ୟାମେରାକୁ ସୋମବାର ସ୍କୁଲ ଛୁଟି ହେବା ପରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏ ନେଇ ସ୍କୁଲର ପ୍ରଧାନଶିକ୍ଷକ ଅନ୍ତର୍ଯାମୀ ବେହେରା ଗାଇସିଲେଟ ଥାନାରେ ଏତଲା ଦେଇଛନ୍ତି। ଏହାପୂର୍ବରୁ ମଧ୍ୟ ଦୁର୍ବୃତ୍ତମାନେ ସ୍କୁଲରେ ଲାଗିଥିବା ପାଣି ପାଇପ୍, ବିଦ୍ୟୁତ ବଲ୍‌ବ ଆଦି ଭାଙ୍ଗି ଦେଇଥିଲେ। ମାଟ୍ରିକ ପରୀକ୍ଷା ସମୟରେ ଉକ୍ତ ହାଇସ୍କୁଲ ନୋଡ଼ାଲ ସେଣ୍ଟର ହୋଇଥାଏ ଏବଂ ଏଠାରେ ୬ଟି ପରୀକ୍ଷାକେନ୍ଦ୍ରର ପ୍ରଶ୍ନପତ୍ର ରହିଥାଏ ।

### ଭେଡେନରେ ଅଦିନିଆ ବର୍ଷା

ଭେଡ଼େନ, ୪।୨(ଡ଼ି.ଏନ.ଏ)
ଭେଡ଼େନ ଅଞ୍ଚଳରେ ମଙ୍ଗଳବାର ଦିନ ସାରା ମେଘୁଆ ପାଗ ରହିବା ସହ ସନ୍ଧ୍ୟାରେ ଝିପିଝିପି ବର୍ଷା ହୋଇଥିଲା। ଏଥିଯୋଗୁ ଅଞ୍ଚଳର ଚାଷୀଙ୍କ ପନିପରିବା ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ପ୍ରକାଶ ପାଇଛି ।





ବରଗଡ଼ ସହରରେ ବନ୍ଦ ରହିଥିବା ଦୋକାନ (ବାମ)। ବିକ୍ଷୋଭଯାତ୍ରାରେ ଶିଶୁମାନେ ସାମିଲ ।

# ଥମିନି ଅସନ୍ତୋଷ, ବଢୁଛି ତାତି

**ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପ୍ରସଙ୍ଗ**
- ସହରରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ
- ୨ଦିନ ଧରି ଜୀବନଯାତ୍ରା ବ୍ୟାହତ
- ରାସ୍ତାକୁ ପୁଣି ଓହ୍ଲାଇଲେ ମହିଳା
- ବରଗଡ଼ରେ ପୋଲିସ ଆଇଜି

ବରଗଡ଼ ଅଫିସ୍,୪।୨

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଣ କିମ୍ବା ଏହି ଡାକ୍ତରଖାନାକୁ ସିଟି ହସ୍‌ପିଟାଲ ଘୋଷଣା ଦାବି ନେଇ ଅସନ୍ତୋଷର ନିଆଁ ଥମିନାହିଁ । ଏହାକୁ ନେଇ ଆନ୍ଦୋଳନ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସୋମବାର ସହରବାସୀ ଆନ୍ଦୋଳନ କରିଥିଲେ। ଏହାପରେ ସନ୍ଧ୍ୟାରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବା ସହିତ ଚିକିତ୍ସା ସେବା ଆରମ୍ଭ ହୋଇଥିଲା । ଅନ୍ୟପଟେ ସିଟି ହସ୍‌ପିଟାଲ ଘୋଷଣା ଦାବିରେ ବରଗଡ଼ ଏକତା ମଞ୍ଚ ଆହ୍ୱାନରେ ମଙ୍ଗଳବାର ବରଗଡ଼ ସହରରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳିତ ହୋଇଥିଲା। ସହରବାସୀ ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ, ବଜାର ବନ୍ଦ କରିଥିବାବେଳେ ସ୍କୁଲ, କଲେଜ, ବ୍ୟାଙ୍କ ଆଦି ସରକାରୀ, ବେସରକାରୀ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ସହର ମଧ୍ୟରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସେହିପରି କୋର୍ଟକାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ସହରର ବିଭିନ୍ନ ପଡ଼ାର ମହିଳାମାନେ ହସପିଟାଲ ସମ୍ମୁଖରେ ଧାରଣା ଦେବା ସହ ବରଗଡ଼ ଭଟଲି ଛକରେ ଦୀର୍ଘ ସମୟ ଧରି ସହରର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ପରେ ଏକ ଟ୍ରକ ଯୋଗେ ମହିଳାମାନେ ପୁଣି ସହର ଉପକଣ୍ଠ ଫୋର୍‌ଲେନ ରାସ୍ତାକୁ ଯାଇ ଅବରୋଧ କରିଥିଲେ। ଏଭଳିଭାବେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବି ନେଇ ଅସନ୍ତୋଷର ତାତି ବଢ଼ି ଚାଲିଛି । କୌଣସି ମୁହୂର୍ତ୍ତରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ସେଥିପ୍ରତି ପୋଲିସ ମଧ୍ୟ କଡ଼ା ନଜର ରଖିଛି । ଉତ୍ତରାଞ୍ଚଳ ଦାୟିତ୍ୱରେ ଥିବା ତାଳଚେର ଆଇଜି ନରସିଂହ ଭୋଳ ସୋମବାରଠାରୁ ଏଠାରେ ଉପସ୍ଥିତ ଅଛନ୍ତି । ସେହିପରି ବରଗଡ଼ ଏସପି ପଦ୍ମିନୀ ସାହୁ, ଅତିରିକ୍ତ ଏସପି ଅମରେନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ସହରର ବିଭିନ୍ନ ଛକ, ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଏବଂ ସ୍ଥାନୀୟ ବିଧାୟକଙ୍କ ଘର ଆଗରେ ମୁତୟନ ହୋଇଛନ୍ତି ।



ଭଟଲି ରୋଡ୍ ଛକରେ ମହିଳାଙ୍କ ରାସ୍ତାରୋକୋ ।

## ଖୋଲିଲା ଅନ୍ତର୍ବିଭାଗ

ବରଗଡ଼ ଅଫିସ୍,୪।୨: ଜନ ଆନ୍ଦୋଳନ ପରେ ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସୋମବାର ସନ୍ଧ୍ୟାରୁ କାର୍ଯ୍ୟକ୍ଷମ କରାଯାଇଛି। ଆଶୁ ଚିକିତ୍ସା ସମେତ ଉଭୟ ବର୍ହିବିଭାଗ, ଅନ୍ତର୍ବିଭାଗରେ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇଛି। ଅନ୍ତର୍ବିଭାଗରେ ମଙ୍ଗଳବାର ଅପରାହ୍ନ ୨ଟା ସୁଦ୍ଧା ୨ଜଣ ରୋଗୀ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ମାତ୍ର ଏପର୍ଯ୍ୟନ୍ତ ସହରବାସୀଙ୍କ ସନ୍ଦେହ ଦୂର ହୋଇପାରି ନାହିଁ । ଆଗକୁ ଉକ୍ତ ଡାକ୍ତରଖାନାକୁ ପୁଣି ବନ୍ଦ କରି ଦିଆଯିବ ବୋଲି ଅନେକ ଆଶଙ୍କା ପ୍ରକାଶ କରିଛନ୍ତି । ଫଳରେ ଏଠାରେ ପୂର୍ବଭଳି ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଦାବି ଜୋର୍ ଧରିବାରେ ଲାଗିଛି । ଅନ୍ୟପଟେ ପୂର୍ବଭଳି ଉକ୍ତ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଜାରି ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଅନ୍ତର୍ବିଭାଗରେ ଭର୍ତ୍ତି ହୋଇଥିବା ଜଣେ ଅସୁସ୍ଥ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ବିଜେଡି ପ୍ରତିନିଧି ଦଳ



ବରଗଡ଼ ବିଧାୟକଙ୍କ ବାସଭବନରେ ଚାଲିଥିବା ବିଜେଡ଼ିର ବୈଠକ।

**ବରଗଡ଼ ଅଫିସ୍,୪।୨ :** ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପ୍ରସଙ୍ଗକୁ ନେଇ ଗତ ୪ ଦିନ ହେଲା ସହର ଅଶାନ୍ତ ହୋଇ ପଡ଼ିଛି। ଏଠାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଣ କିମ୍ବା ସିଟି ହସପିଟାଲ ଘୋଷଣା ଦାବିରେ ଗତ ୧ତାରିଖରୁ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହା ଶାସକ ଦଳ ବିଜେଡ଼ି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିବାବେଳେ ବିରୋଧୀ କଂଗ୍ରେସ, ଭାଜପା ମଧ୍ୟ ସେଥିରୁ ଫାଇଦା ଉଠାଇବା ଚକ୍କରରେ ରହିଛନ୍ତି । ଏହି ଦାବି ନେଇ ଗତ ୧ତାରିଖରେ ଭାଜପା ଧାରଣା ଏବଂ କଂଗ୍ରେସ ଅନଶନକୁ ଓହ୍ଲାଇଥିବାବେଳେ ଜନ ଆନ୍ଦୋଳନ, ସହରରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ମଧ୍ୟ ଗତ ଦୁଇଦିନ ଧରି ହୋଇଛି । ଏଭଳି ସ୍ଥିତିରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାର ସମସ୍ୟା ନେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ବାସଭବନରେ ଏକ ବୈଠକ ବସିଥିଲା। ବୈଠକରେ ବିଧାୟକ ଆଚାର୍ଯ୍ୟ, ଦଳର ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବିମଳ କିଶୋର ଦେବତା, ପ୍ରଶାନ୍ତ କୁମାର ବେହେରା, ଶ୍ୟାମସୁନ୍ଦର ଅଦାବରଙ୍କ ସମେତ ଦଳର ଯୁବକର୍ମୀମାନେ ଉପସ୍ଥିତ ଥିଲେ । ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାର ସମସ୍ୟା ନେଇ ବିଜେଡ଼ିର ଏକ ପ୍ରତିନିଧି ଦଳ ନିକଟ ଭବିଷ୍ୟତରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

## ବସ୍ ବନ୍ଦ: ସ୍ୱାସ୍ଥ୍ୟ କର୍ମଚାରୀ, ରୋଗୀ ହଟହଟା



ବସ୍ ସେବା ବନ୍ଦ ଯୋଗୁ ସ୍ୱାସ୍ଥ୍ୟ କର୍ମଚାରୀମାନେ ସରକାରୀ ବସଷ୍ଟାଣ୍ଡରେ ଅଟକି ରହିଛନ୍ତି ।

ବରଗଡ଼ ଅଫିସ୍,୪।୨: ସିଟି ହସପିଟାଲ ଦାବିରେ ମଙ୍ଗଳବାର ବରଗଡ଼ ଏକତା ମଞ୍ଚ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା। ବନ୍ଦ ପାଳନରେ ଉଭୟ ଘରୋଇ, ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ, ଛାତ୍ରୀଛାତ୍ରଙ୍କ ପରୀକ୍ଷା ଆଦିକୁ ବାଦ୍ ଦିଆଯାଇଥିଲା। ଏଥିପାଇଁ କେବଳ ଦୋକାନ, ବଜାର, ସରକାରୀ, ବେସରକାରୀ ଦପ୍ତର ବନ୍ଦ ହୋଇଥିଲା, ତାହା ନୁହେଁ। ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡରୁ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଏପରିକି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରୁ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ସରକାରୀ ବସ୍ ଯୋଗେ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ବସ୍ ସେବା ମଧ୍ୟ ବନ୍ଦ ରହିଥିଲା । ଫଳରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରୁ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯିବା ପାଇଁ ଉଭୟ ରୋଗୀ, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅନ୍ୟଦିନ ଭଳି ମଙ୍ଗଳବାର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଆଗରେ ସରକାରୀ ବସ୍ ନ ଲାଗିବାରୁ ଅନେକ ସ୍ୱାସ୍ଥ୍ୟ କର୍ମଚାରୀ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡକୁ ପହଞ୍ଚିଥିଲେ। ମାତ୍ର ସରକାରୀ ବସ୍ ନ ଥିବା ଜାଣି ସେମାନେ ଅସୁବିଧାରେ ପଡ଼ିଥିଲେ। ପୁଣି ସେମାନେ ଚାଲି ଚାଲି ବସଷ୍ଟାଣ୍ଡରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ ଏବଂ ବିଳମ୍ବରେ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇଥିବା ସୂଚନା ମିଳିଛି ।

## ବରପାଲି ଡାକ୍ତରଖାନା ଏବେ ବିଶେଷଜ୍ଞ ଡାକ୍ତର ଶୂନ୍ୟ

ବରପାଲି, ୪।୨ (ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଡାକ୍ତରଖାନାରେ ଡାକ୍ତର ସମସ୍ୟା ପିଛା ଛାଡୁନାହିଁ । ଦୀର୍ଘ ଦିନରୁ ଡାକ୍ତର ପଦବୀ ଖାଲି ପଡିଥିଲେ ସୁଦ୍ଧା ତାକୁ ପୂରଣ କରିବା ଦିଗରେ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇପାରୁନାହିଁ। ଏହାର ପ୍ରତିବାଦରେ ଗତ ୨ବର୍ଷ ତଳେ ବରପାଲିରେ ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା, ଆନ୍ଦୋଳନ ଓ ବରପାଲି ବନ୍ଦ ଡାକରା ଦିଆଯାଇଥିଲା । ଫଳସ୍ୱରୂପ ଏଠାରେ ଜିଲା ଡାକ୍ତରଖାନାର ୩ଜଣ ଅଭିଜ୍ଞ ଡାକ୍ତରଙ୍କୁ ୩ଦିନ ଲେଖାଏଁ ଡେପୁଟେଶନରେ ସ୍ୱାସ୍ଥ୍ୟସେବା ତୁଲାଇବାକୁ ଦିଆଯାଇଥିଲା। ତେବେ ସିଟି ହସ୍ପିଟାଲ ଦାବି ନେଇ ଗତ ଦୁଇଦିନ ଧରି ବରଗଡ ସହର ଅଶାନ୍ତ ହୋଇପଡିଛି। ଫଳରେ ବରପାଲି ଡାକ୍ତରଖାନାକୁ ଡେପୁଟେଶନରେ ଆସିଥିବା ଡା. ରାଧେଶ୍ୟାମ ଅଗ୍ରୱାଲ, ଡା. ଦୁର୍ଗାପ୍ରସାଦ ସାହୁ ଓ ଡା. ନିମାଇଁ ସାହୁଙ୍କୁ ସରକାରଙ୍କ ଚିଠି ନଂ. ୧୦୯୦ ଅନୁସାରେ ପୁଣି ପୂର୍ବ ସ୍ଥାନ (ବରଗଡ)କୁ ଫେରାଇ ନିଆଯାଇଛି। କେବଳ ସେତିକି ନୁହେଁ ଏଠାରେ ମୁଖ୍ୟ ଚିକିତ୍ସାଧିକାରୀ ଥିବା ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡା. ରାଜେଶ ବେହେରାଙ୍କୁ ମଧ୍ୟ ପଦ୍ମପୁର ଡାକ୍ତରଖାନାକୁ ସପ୍ତାହକୁ ୩ଦିନ ଡେପୁଟେଶନରେ ପଠାଯାଇଛି। ଫଳରେ ବରପାଲି ଡାକ୍ତରଖାନା ଏବେ ବିଶେଷଜ୍ଞ ଡାକ୍ତର ଶୂନ୍ୟ ହୋଇପଡିଛି। ଏହି ଡାକ୍ତରଖାନାରେ ବର୍ତ୍ତମାନ ୨ଜଣ ଡାକ୍ତର ରୋଗୀସେବା କରୁଛନ୍ତି। ଏହାକୁ ନେଇ ବରପାଲି ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଅସନ୍ତୋଷ ଆଗାମୀ ଦିନରେ ପୁଣି ଏକ ଆନ୍ଦୋଳନ ପାଇଁ ଖୋରାକ ଯୋଗାଇଛି।





ବରପାଲି ଡାକ୍ତରଖାନା ।

## ପୁସ୍ତକମେଳାରେ ବରଗଡ଼ ଛାତ୍ରୀ ପୁରସ୍କୃତ

ବରଗଡ଼ ଅଫିସ୍,୪।୨

ସମ୍ବଲପୁର ପୁସ୍ତକମେଳାର ଉଦଯାପନୀ ସମାରୋହରେ ବରଗଡ଼ର ଜଣେ ଛାତ୍ରୀ ନବ୍ୟା ନବେଲୀ ଆଚାର୍ଯ୍ୟଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଗତବର୍ଷ ମାଟ୍ରିକ ପରୀକ୍ଷାରେ ଅବିଭକ୍ତ ସମ୍ବଲପୁର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୋଗୁ ତାଙ୍କୁ ପୁରସ୍କୃତ କରାଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ସମ୍ମାନରେ ପୁରସ୍କୃତ କରିଥିଲେ ।



ବରଗଡ଼ର ଛାତ୍ରୀ ନବ୍ୟା ନବେଲୀ ଆଚାର୍ଯ୍ୟ ପୁରସ୍କାର ଗ୍ରହଣ କରୁଛନ୍ତି ।

## ଫକୀର ମୋହନ ସାହିତ୍ୟ ଆଲୋଚନାଚକ୍ର

ଭେଡ଼େନ, ୪।୨(ଡ଼ି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ମଙ୍ଗଳବାର ଫକୀର ମୋହନ ସାହିତ୍ୟରେ ନାରୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବୁଦ୍ଧଦେବ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଗଜାନନ ପଣ୍ଡା ମୁଖ୍ୟଅତିଥି ଏବଂ ଅଧ୍ୟାପକ ପ୍ରେମ ପ୍ରକାଶ ପୁରୋହିତ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ କ୍ଷୀରେଶ୍ୱରୀ ବେହେରା, ଗାୟତ୍ରୀ ମେହେର, ସରିତା ଭୁଏ ପ୍ରମୁଖ ବିଷୟ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଶେଷରେ ଅଧ୍ୟାପିକା ମନ୍ଦୋଦରୀ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

## କେନାଲରୁ ମୃତଦେହ ଉଦ୍ଧାର

ଅତାବିରା,୪।୨(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ପୋଲିସ ସୋମବାର ରେଙ୍ଗାଲି ନିକଟ ଏକ କେନାଲରୁ ଜଣେ ଲୋକଙ୍କ ଶବ ଉଦ୍ଧାର କରିଛି। ମୃତକ ହେଲେ ରେଙ୍ଗାଲିର ଉଦ୍ଧବ ଖଡ଼ିଆ । ଅତାବିରା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦୨୦) ରୁଜୁ ହୋଇଥିବାବେଳେ ମଙ୍ଗଳବାର ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି ।

## ପ୍ଲାଟିନମ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ପଦ୍ମପୁର, ୪।୨ (ଡି.ଏନ.ଏ)

ପଦ୍ମପୁର ନିକଟସ୍ଥ ଭେଉଁରିଆଠାରେ ସରକାରୀ ନେହେରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ଜୀବର୍ଦ୍ଧନ ସାହୁ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଓ ବରପାଲି ହାଇସ୍କୁଲ ଶିକ୍ଷକ ଶଙ୍କର ପ୍ରସାଦ ପାଢ଼ୀ, ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ, ସିଆରସିସି ସରୋଜ ପ୍ରସାଦ ଷଡଙ୍ଗୀ ସମ୍ମାନିତ ଅତିଥି ଏବଂ ବ୍ୟଙ୍ଗକବି ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭକ୍ତପୁରନ ସାହୁ ଅଧ୍ୟକ୍ଷତା କରିଥିଲେ। ପଦ୍ମଶ୍ରୀ ଡ. ହଳଧର ନାଗ ମୁଖ୍ୟବକ୍ତା, ଚୂଳବତୀ ସାହୁ, ଭେଉଁରିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।





ପ୍ଲାଟିନମ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

## କାର୍ ଧକ୍କାରେ ଯୁବକ ଗୁରୁତର, ରାସ୍ତା ଅବରୋଧ

ସୋହେଲା,୪।୨(ଡି.ଏନ.ଏ)

ସୋହେଲା-ବରଗଡ ଜାତୀୟ ରାଜପଥର ବାଇପାଲି ଛକ ନିକଟରେ ଏକ କାର୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଇପାଲି ଗ୍ରାମର ଯୁବକ ସୁଦାମ ସାହୁ(୨୩) । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବରଗଡ ପଠାଇଛନ୍ତି।

ବାଇପାଲି ଗ୍ରାମର ସୁଦାମ ଚକରକେନ୍ଦ ନିକଟରେ ଥିବା ଏକ ତେଲ ମିଲ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି ଏବଂ ସେ ଆଜି ଅନ୍ୟ ଜଣେ ଶ୍ରମିକଙ୍କ ସହିତ ମିଲ୍‌କୁ ଯାଉଥିବା ବେଳେ ବାଇପାଲି ଛକଠାରେ ସୋହେଲା ପଟୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ କାର୍ ଚାଳକ ଗାଡି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଖବରପାଇ ଗ୍ରାମବାସୀ ସେଠାକୁ ଆସି କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ତଥା ମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଗଛ ପକାଇ ୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ସୋହେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଲୋକେ ରାସ୍ତାରୁ ଉଠି ନ ଥିଲେ । ପରେ ଯୁବନେତା ସୁବ୍ରତ ସିଂ, ସମାଜସେବୀ ରବି ଶଙ୍କର ପଧାନ ପ୍ରମୁଖ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ଏ ସମ୍ପର୍କରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଅବଗତ କରିଥିଲେ । ଗୁରୁତର ଆହତ ସୁଦାମଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହିତ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟା ୬ଟାରେ ରାସ୍ତା ଅବରୋଧ ହଟିଥିଲା ।



ଲୋକମାନେ ରାସ୍ତାରେ ଗଛ ପକାଇ ଅପରୋଧ କରିଛନ୍ତି ।



"ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।"
- ମିଲଟନ



## ସଂକ୍ଷେପରେ




### ଉଦନ୍ତୀ ମହୋତ୍ସବ ଆରମ୍ଭ ଆଜିଠୁ

**ସିନାପାଲି,୪।୨(ଡି.ଏନ.ଏ.):** କଳା, ସାହିତ୍ୟ ଓ ସଂସ୍କୃତିର ପର୍ବ ଉଦନ୍ତୀ ମହୋତ୍ସବ ବୁଧବାରଠାରୁ ଆରମ୍ଭ ହେବନ୍। ଏହା ୭ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସିନାପାଲି ଉଚ୍ଚ ବିଦ୍ୟାଳୟ ପଡିଆରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଉଚ୍ଚକୋଟୀର ମଞ୍ଚ ନିର୍ମାଣ ସହିତ ଷ୍ଟଲ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଜୋରଦାର ପ୍ରସ୍ତୁର ଜାରି ରହିଛି । ବୁଧବାରଠାରୁ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଅନେକ ସାଂସ୍କୃତିକ ଦଳଗୁଡିକକୁ ନିମନ୍ତ୍ରଣ କରାଯାଇଛି । ସକାଳ ୯ ଘଣ୍ଟା ସମୟରେ ସ୍ଥାନୀୟ ଦୁର୍ଗାମନ୍ଦିରଠାରୁ ମଶାଲ ଓ ଛତର ଶୋଭାଯାତ୍ରା ପରେ ମହୋତ୍ସବ ମଞ୍ଚରେ ମହୋତ୍ସବ ଉଦ୍‌ଘାଟିତ ହେବ।

### ନୂଆପଡ଼ା ବନ୍ଦ ଆଜି

**ନୂଆପଡା ଅଫିସ,୪।୨:** କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଦେଇଥିବା ବନ୍ଦ ଡାକରାରେ ନୂଆପଡା ଜିଲା ସିଭିଲ ବାର ଆସୋସିଏଶନ ସାମିଲ ହେବ ବୋଲି ଏକ ପ୍ରେସ ବିବୃତିରେ ଜଣାଇ ଦିଆଯାଇଛି। ମଙ୍ଗଳବାର ନୂଆପଡା ଜିଲା ବନ୍ଦ ଘୋଷଣା କରାଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ କୋର୍ଟ କଚେରି, ସରକାରୀ ବେସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଦୋକାନ ବଜାର ବନ୍ଦ ରହିବ। ଚକ ଅଖ ଚାଲିବା ସହ କେତେକ ଜରୁରୀକାଳୀନ ସେବା ଚାଲିବ ବୋଲି କୁହାଯାଇଛି। ଏହାକୁ ନେଇ ମଙ୍ଗଳବାର ମଧ୍ୟାହ୍ନରେ ଏକ ଜରୁରୀକାଳୀନ ବୈଠକ ବସିଥିବାବେଳେ ବନ୍ଦ ପାଳନକୁ ସମର୍ଥନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ସୁପ୍ରିମକୋର୍ଟ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ କରୁଥିବା ଆନ୍ଦୋଳନକାରୀଙ୍କ କଣ୍ଠରୋଧ କରିବାକୁ ଅପଚେଷ୍ଟା କରୁଥିବା ନେଇ ଦାବି ରଖିଛନ୍ତି । ଅନ୍ୟପକ୍ଷେ ସଂଘ ହାଇକୋର୍ଟ ବେଞ୍ଚ ଯେ କୌଣସି ଜାଗାରେ କରାଯିବାକୁ ସମର୍ଥନ କରିଛନ୍ତି। ଏହି ବନ୍ଦରେ ଜିଲାର ସମସ୍ତ ବ୍ଲକ କୋର୍ଟ ସାମିଲ ରହିବାକୁ ଆହ୍ୱାନ କରାଯାଇଛି ।

# ଜଙ୍ଗଲ ଅଧିକାର ଆନ୍ଦୋଳନରେ ମହିଳାଙ୍କ ଶକ୍ତି ପ୍ରଦର୍ଶନ

- ସଦର ବ୍ଲକରୁ ଶତାଧିକ ମହିଳା ସାମିଲ
- ଧାରଣାକୁ ୯ଦିନ ପୂରିଲା

**ନୂଆପଡା ଅଫିସ,୪।୨**

ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ନେଇ ବନବାସୀ ଆଦିବାସୀଙ୍କ ଅସନ୍ତୋଷ ଧୀରେ ଧୀରେ ତୀବ୍ର ହେବାରେ ଲାଗିଛି। ଗତ ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବାବେଳେ ଏହି ସୋମବାର ଏଥିରେ ମହିଳାମାନେ ମଧ୍ୟ ସାମିଲ ରହି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶକ୍ତି ପ୍ରଦର୍ଶନ କରିଥିଲେ।

ଆଜକୁ ୧୫ ବର୍ଷ ହେବ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀତା ହେବା ପରେ ମଧ୍ୟ ପ୍ରଶାସନ ଗ୍ରାମ ସଭାକୁ ଉପେକ୍ଷା କରିବା ସହ ଜଣେ ହେଲେ ଆଦିବାସୀଙ୍କୁ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରପତ୍ର ଦେଇପାରି ନ ଥିବାବେଳେ ଜଣେ ହେଲେ ଅଣପାରମ୍ପରିକ ବନବାସୀଙ୍କୁ ପଟ୍ଟା ଦେବାରେ ବିଫଳ ହୋଇଛନ୍ତି। ଏହାକୁ ନେଇ ବାରମ୍ବାର ଜଙ୍ଗଲ ମୁକ୍ତି ଅଭିଯାନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ତତକାଳୀନ ଅଧିକାରୀ, ଜିଲାପାଳ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଟାଳି ନେଉଥିଲେ। ବର୍ତ୍ତମାନ ଆଦିବାସୀମାନେ ଏହାକୁ ନେଇ ଉଗ୍ର ହୋଇପଡିଛନ୍ତି। ଗତ ସୋମବାର ଏହି ଅଭିଯାନ ଆନୁକୂଲ୍ୟରେ ୪ ହଜାରରୁ ଊର୍ଦ୍ଧ୍ୱ ବନବାସୀ ଆଦିବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତଥାପି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାଧ୍ୟ ହୋଇ ଆଦିବାସୀମାନେ ଧାରଣା ଆରମ୍ଭ କରିଥିଲେ। ସେହି ଦିନଠାରୁ ଧାରଣା ଜାରି ରହିଛି। ଇତିମଧ୍ୟରେ ଜିଲାପାଳ ଏବଂ ଉପଜିଲାପାଳ ଏଥିରୁ ନିବୃତ ରହିବାକୁ ଅନୁରୋଧ କରିଛନ୍ତି । ହେଲେ ଯେଉଁଦିନ ପର୍ଯ୍ୟନ୍ତ ଅଧିକାର ନ ମିଳିଛି ଏଥିରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀ ଅଡି ବସିଛନ୍ତି । ୪ ଦିନ ତଳେ ଜିଲା ଓକିଲ ସଂଘ ଆସି ସମର୍ଥନ ଜଣାଇଥିବାବେଳେ ରବିବାର ସ୍ଥାନୀୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ଢୋଲକିଆ ଆସି ସମର୍ଥନ କରିଛନ୍ତି ।ଏହାକୁ ନେଇ ବିଧାନସଭାରେ ଉଠାଇ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆମ ଆଦମୀ ପାର୍ଟିରୁ ରାଜ୍ୟ ସମ୍ପାଦକ ଅଂଶୁମାନ ମଧ୍ୟ ଆସି ସମର୍ଥନ ଜଣାଇଛନ୍ତି। ସୋମବାର ଏଥିରେ ସଦର ବ୍ଲକର ଚୁଲାଭାଟ ଗ୍ରାମପଞ୍ଚାୟତ ପଖାନପଦର ଏବଂ ଭଇଁଷାଦାଦର ଗାଁର ଶତାଧିକ ମହିଳା ଆସି ପୂର୍ବାହ୍ନ ୯ଟାରେ ଧାରଣାରେ ସାମିଲ ହୋଇଛନ୍ତି। ସନ୍ଧ୍ୟା ଯାଏଁ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଆଦିବାସୀଙ୍କ ଉପରେ ଅନ୍ୟାୟ କରୁଛନ୍ତି। ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ବିଷୋଦଗାର କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଟିକମନୀ ମାଝି, ସନବାଇ ମାଝି, ଲକ୍ଷ୍ମୀ ମାଝି, କମଳ ମାଝି, ଧରନୀ ମାଝି, ଶାନ୍ତି ମାଝି, ଗାୟତ୍ରୀ ଶବର, ନାରଙ୍ଗୀ ଶବର, ସନ୍ତରା ରଣା, ଫୁଲବାଇ ରଣା, ରତ୍ନୀ ଧରୁଆ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ବ୍ଲକର ଜଙ୍ଗଲ ଇଲାକାରୁ ବନବାସୀ ଆଦିବାସୀ ମହିଳାମାନେ ଆସି ସାମିଲ ହେବାର ଯୋଜନା କରିଥିବା ଜଣାପଡିଛି। ପ୍ରଶାସନ ଏହା ଉପରେ କେତେଦୂର କାର୍ଯ୍ୟାନୁଷ୍ଠାନ କରୁଛି ତାହା ଆଗାମୀ ଦିନରେ ଜଣାପଡିବ।



ଧାରଣାରେ ମହିଳାମାନେ ବସିଛନ୍ତି।



ନିର୍ବାଚିତ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର କୁମାରଙ୍କ ସହ ଅନ୍ୟମାନେ।

# କିଶୋର ଚନ୍ଦ୍ର କୁମାର ନିର୍ଦ୍ୱନ୍ଦ୍ୱରେ ଉପାଧ୍ୟକ୍ଷ ନିର୍ବାଚିତ

**ସିନାପାଲି ବ୍ଲକ୍ ଉପାଧ୍ୟକ୍ଷ ଉପନିର୍ବାଚନ**

**ସିନାପାଲି,୪।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦବୀ ପାଇଁ ଉପ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କୁସୁମଯୋର ଗ୍ରାମପଞ୍ଚାୟତ ସମିତି ସଭ୍ୟ କିଶୋର ଚନ୍ଦ୍ର କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସିନାପାଲି ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ଉପନିର୍ବାଚନରେ କିଶୋର ଚନ୍ଦ୍ର କୁମାର ଜଣେମାତ୍ର ପ୍ରାର୍ଥୀ ଭାବେ ଉପାଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ। କୌଣସି ପ୍ରତିଦ୍ୱନ୍ଦୀ ଭାଗ ନେଇ ନ ଥିବା ଯୋଗୁ ତାଙ୍କୁ ରିଟର୍ନିଙ୍ଗ ଅଫିସର ପୂର୍ଣ୍ଣଚନ୍ଦ୍ର ଭୋଇ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ଅଗ୍ରୱାଲ ଏହି ପଦବୀରୁ ଇସ୍ତଫା ପ୍ରଦାନ କରିଥିବାରୁ ଏହି ପଦବୀ ଖାଲି ପଡିଥିଲା।

## ୮ରେ ଆସିବେ ପ୍ରତାପ ଷଡ଼ଙ୍ଗୀ

**ନୂଆପଡା ଅଫିସ,୪।୨:** ଆସନ୍ତା ୮ତାରିଖରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ନୂଆପଡା ଗସ୍ତରେ ଆସୁଛନ୍ତି। ପୂର୍ବାହ୍ନ ୯ଟାବେଳେ ଖରିଆରରୋଡ ସହରରେ ସ୍ୱାଗତ କରାଯିବାକୁ ଥିବାବେଳେ ଗୁରୁକୁଳ ଆମସେନାର ବାର୍ଷିକ ଉତ୍ସବରେ ଯୋଗଦେବେ। ପରେ ୧ଟାରେ ନୂଆପଡା ଏବଂ ୪ଟାରେ ଖଡିଆଳରେ କର୍ମୀ ସମ୍ମିଳନୀ ହେବା କାର୍ଯ୍ୟସୂଚୀ ରହିଛି।

## ଧିମେଇ ଯାଇଛି ଏଟିଏମ୍ ସେବା

**ନୂଆପଡା ଅଫିସ,୪।୨**

ଆଜକୁ ପ୍ରାୟ ସପ୍ତାହେ ହେବ ଜିଲାରେ ଏଟିଏମ ସେବା ବ୍ୟାହତ ହୋଇଛି। ଗତ ସପ୍ତାହରେ ୪ ଦିନ ଧରି ବ୍ୟାଙ୍କ ବନ୍ଦ ରହିଥିବାବେଳେ ଏଟିଏମଗୁଡିକରେ ଟଙ୍କା ଶେଷ ହୋଇଯାଇଥିଲା। ଦିନେ ଚାଲିବା ପରେ ଟଙ୍କା ଆଉ ମିଳି ନ ଥିଲା। ସୋମବାର ବ୍ୟାଙ୍କ ଖୋଲିବା ପରେ ଜିଲାର ସମସ୍ତ ବ୍ୟାଙ୍କଗୁଡିକରେ ଅହେତୁକ ଭିଡ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଏଟିଏମଗୁଡିକରେ ମଧ୍ୟ ଦିନଯାକ ଲୋକେ ଧାଡିରେ ଜଗି ରହିଥିଲେ। ଗ୍ରାହକଙ୍କ ଠିକ ଦରକାର ବେଳେ ଏଟିଏମ ସେବା ମିଳୁ ନ ଥିବାରୁ ଗ୍ରାହକ ମହଲରେ ଅସନ୍ତୋଷ ବଢିଚାଲିଛି। ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଏହି ସେବାକୁ ତ୍ୱରିତ କରିବାକୁ ଦାବି ହେଉଛି।




କୋମନା ସହର ମଧ୍ୟରେ ଥିବା ଏକ ଏଟିଏମ୍‌ରେ ଲୋକେ ଖରାରେ ଧାଡିବାନ୍ଧି ରହିଛନ୍ତି।

## ପଛୁଆବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ ହେବ

**ଜିଲାସ୍ତରୀୟ ପଛୁଆ ବର୍ଗ କମିଟି କର୍ମକର୍ତ୍ତା**

**ନୂଆପଡା ଅଫିସ/ଖଡିଆଳ, ୪।୨(ଡି.ଏନ.ଏ.)**

ଜିଲା ତଥା ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ ପଛୁଆବର୍ଗ ପଛରେ ପଡିଯାଇଛନ୍ତି। ଏଥିପ୍ରତି ସରକାର ଆଖି ବୁଜି ଦେଉଥିବା ନେଇ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ରାଜ୍ୟ ପଛୁଆବର୍ଗ ସଭାପତି ଗୋପାଳ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, କଳାହାଣ୍ଡି ଜିଲା ଓବିସି ସଭାପତି ପରମେଶ୍ୱର କାଣ୍ଡ, ବେଣୁଧର ଗହୀର, ଶୁକ୍ଳାମ୍ବର ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଜିଲା ଖଡିଆଳ ଉଗ୍ରସେନ ଭବନଠାରେ ପଛୁଆବର୍ଗ ସଂଘର୍ଷ ସମିତି ଗଠନ କରାଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ସନ୍ୟାସୀ ଦାସଙ୍କୁ ସଭାପତି, କିଶୋର ଚନ୍ଦ୍ର କଠାରଙ୍କୁ ସାଧାରଣ ସମ୍ପାଦକ, ନିତ୍ୟାନନ୍ଦ ପ୍ରଧାନଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଛି। ଆଗକୁ କ'ଣ ସବୁ ପଦକ୍ଷେପ ନିଆଯିବ ସେ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମ ସୁନ୍ଦର ନିଆଲ, ଉମରା ସିଂ ସାହୁ, ହୃଷିକେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାଗଣ।

# ସରକାର କର୍ମଚାରୀ ମାରଣନୀତି କରୁଛନ୍ତି

**ମିଳିତ କର୍ମଚାରୀ ସଂଘର ବୈଠକ**

**ନୂଆପଡା ଅଫିସ,୪।୨**

ସରକାର ସପ୍ତମ ବେତନ କମିଶନ କାର୍ଯ୍ୟକାରୀ କରିବାର ଦୀର୍ଘ ଦିନ ପରେ ମଧ୍ୟ କର୍ମଚାରୀମାନଙ୍କୁ ପ୍ରାପ୍ୟ ଦେବାରେ ବିଫଳ ହେଉଛନ୍ତି। ସବୁ କ୍ଷେତ୍ରରେ ପ୍ରତ୍ୟକ୍ଷ ନିଯୁକ୍ତି ନ ଦେଇ ସେବା ଯୋଗାଣ ସଂସ୍ଥା ମଧ୍ୟମରେ କାମଚଳାଇବାକୁ ଉଦ୍ୟମ କରୁଛନ୍ତି। ବିଭିନ୍ନ ସମୟରେ କର୍ମଚାରୀମାନଙ୍କଠାରୁ କଡା କାମ ଅସୁଲି କରି ମାନସିକ ନିର୍ଯାତନା ଦେଉଥିବାରୁ ମିଳିତ କର୍ମଚାରୀ ସଂଘ ତୀବ୍ର ଅସନ୍ତେଷ ପ୍ରକାଶ କରିଛି। ସ୍ଥାନୀୟ ରାଜୀବ ସେବାକେନ୍ଦ୍ରଠାରେ ଆୟୋଜିତ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବକ୍ତାମାନେ ଏହା କହି କ୍ଷୋଭ ପ୍ରକାଶ କରିଥିଲେ। ମଦନ ସୁନ୍ଦର ସାହୁଙ୍କ ଆହ୍ୱାନ ବୈଠକରେ ଓଡିଶା ରାଜସ୍ୱ ଅମଳା ସଂଘର ରାଜ୍ୟ ପରାମର୍ଶଦାତା ଦିଲୀପ କୁମାର ପାତ୍ର ସଭାପତିତ୍ୱ କରି ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଓଡିଶାର ଜିଲା ସଭାପତି ସମରେନ୍ଦ୍ର ସାହୁ, ଜିଲା ଅମଳା ସଂଘ ସଭାପତି ସୁରଜିତ ସିଂ ମହାରଥା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ସଭାପତି ଭାନୁପ୍ରତାପ ସିଂ ଦଣ୍ଡସେନା, ଶିଶୁ ବିକାଶ ବିଭାଗ ମହିଳା ପରିଦର୍ଶିକା ସଂଘ ଉପସଭାପତି ନର୍ମଦା ବେହେରା, ନର୍ସିଂ ସଂଘ ଜିଲା ସଭାପତି ମନୋରମା ବେହେରା, ବହୁମୁଖୀ ସ୍ୱାସ୍ଥ୍ୟ ସଙ୍ଗଠନ ସମ୍ପାଦକ ମଧୁସୂଦନ ହୋତା, କନଷ୍ଟେବଳ, ହାବିଲଦାର ସଂଘ ଜିଲା ସଭାପତି ଜୟା ନାଥନ, ଅମିନ ସଂଘ ଜିଲା ସଭାପତି ରିଖିରାମ ମଶରା, ଫରେଷ୍ଟ ଷ୍ଟାଫ ଆସୋସିଏଶନ ଘନଶ୍ୟାମ ସତାର ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ମାରଣନୀତି ଉପରେ ସମସ୍ତେ ବିକ୍ଷୋଦଗାର କରିଥିଲେ। ଏଥିସହ ଜିଲାସ୍ତରରେ କର୍ମଚାରୀମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ବିଷଦ ଭାବେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ବୈଠକ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାକୁ ମୋହନ ବାଗ, କୈଳାସ ଚନ୍ଦ୍ର ଦାସ, ମନୋଜ ମହାରଣା ପରିଚାଳନା କରିଥିଲେ। ଶ୍ରୀନିବାସ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପାତାଳଗଙ୍ଗା ମହୋତ୍ସବ ପ୍ରସ୍ତୁତି ବୈଠକ

**ବୋଡେନ,୪।୨(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ପାତାଳଗଙ୍ଗା ମହୋତ୍ସବ ପ୍ରସ୍ତୁତି ବୈଠକ ସ୍ଥାନୀୟ ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପ୍ରତିନିଧି ରାଜକୁମାର ନାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠି, ନେତୃମଣ୍ଡଳି, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଆଗାମି ଦିନରେ ସରକାରୀ, ବେସରକାରୀ ଓ ବ୍ଲକର ସମସ୍ତ ଜନସାଧାରଣଙ୍କ ସାହାର୍ଯ୍ୟ ସହେଯାଗ କାମନା କରି ମହୋତ୍ସବ ପାଇଁ ତାରିଖ ନିର୍ଦ୍ଧାରଣ କରିବା ସକାଶେ ଏକ ବୈଠକ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ଉତ୍ସବରେ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ହେବାକୁ ମତପ୍ରକାଶ ପାଇଥିଲା।

# କାମ ଚାଲୁଛି, ପିଚୁ ଉଠୁଛି

**ଜାତୀୟ ରାଜପଥ ନିର୍ମାଣ ନିମ୍ନମାନର**

**ନୂଆପଡା ଅଫିସ,୪।୨**

ନୂଆପଡାରୁ ଖଡିଆଳ ଦେଇ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥ ନିର୍ମାଣରେ ବିଭିନ୍ନ ସମୟରେ କାମ ହେଉଥିବାବେଳେ ସେଥିରେ ଉପଯୁକ୍ତ ତଦାରଖ ଅଭାବରୁ ସବୁ ନିମ୍ନମାନର ହୋଇଥାଏ। କାମ ସରିବାର କିଛି କ୍ଷଣପରେ ଖରାପ ହେବା ସ୍ୱାଭାବିକ କଥା ହୋଇଥାଏ । ବର୍ତ୍ତମାନ ପେଣ୍ଡ୍ରାବନ୍ଧ ନିକଟରେ ହେଉଥିବା ପିଚୁ କାମ ଏହାର ଏକ ନଜିର ହୋଇଛି। ଗୋଟିଏ ପଟେ କାମ ଚାଲିଥିବା ବେଳେ କିଛି ଘଣ୍ଟା ପରେ ପିଚୁ ଉଠିଯାଇ ଧୂଳି ଉଡୁଥିବା ଦେଖାଯାଉଛି। ସୂଚନାଯୋଗ୍ୟ ଯେ, ଜାତୀୟ ରାଜପଥ ନିର୍ମାଣ କାମ ଗୋଟିଏ ପଟେ ଜାତୀୟ କମ୍ପାନୀ ଠିକା ନେଇ କାମ କରୁଛି। ଅନ୍ୟୁନ ୮୦ ପ୍ରତିଶତ କାମ ଶେଷ ହୋଇଥିବାବେଳେ ପେଣ୍ଡ୍ରାବନ୍ଧ ଗାଁ ନିକଟରେ ଲୋୟର ଇନ୍ଦ୍ର ଜଳ ସେଚନରେ ରାସ୍ତାର କିଛି ଭାଗ ବୁଡିଯାଉଥିବା ହେତୁ ଏଠିକାର ଜମି ଅଧିଗ୍ରହଣ କାମରେ ବିଳମ୍ବ ଯୋଗୁ ଅଟକିଯାଇଛି। ଏହି ରାସ୍ତା ଗୋଟିଏ ପ୍ରକାର ମରଣଯନ୍ତା ପାଲଟିଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ହସ୍ତକ୍ଷେପ ଯୋଗୁ ଜରୁରୀକାଳୀନ ପାଣ୍ଠିରୁ କାମ ରାସ୍ତାକାମ ହେଉଛି। ଏହିକ୍ରମରେ ମାତ୍ର ୨ କି.ମି. ରାସ୍ତା ପାଇଁ ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପିଚୁ କାମ ହେଉଛି। ଏଥିରେ ସମ୍ପୃକ୍ତ ଠିକାକାର ରାସ୍ତାରେ ନାମକୁ ମାତ୍ର ଦୁଇକଡର ମାଟିକୁ ସଫା କରି ପତଳା ପିଚୁ ଲଗାଇ ଦେଉଥିବା ଅଭିଯୋଗ ହେଉଛି । ଏଥିରେ ଅନ୍ୟୁନ ଅଧ କିମି ଦୂର ରାସ୍ତା କାମ ହୋଇଛି। ହେଲେ ସବୁ ପିଚୁ ଉଠିଯାଇଛି। ଏହା ଉପରେ ସମ୍ପୃକ୍ତ ଠିକାଦାରଙ୍କ ଏଜେଣ୍ଟଙ୍କୁ ପଚାରିବାରୁ ଭାରୀଯାନ ସବୁ ଚାଲୁଥିବାରୁ ଏଭଳି ହେଉଛି। ଏହାକୁ ପୁଣି ଥରେ କରାଯିବ ବୋଲି କହିଛନ୍ତି । ଅନ୍ୟପଟେ ଏହି କାମ ଦେଖିବାକୁ କେହି ଅଧିକାରୀ କି ଯନ୍ତ୍ରୀ ଆସୁ ନ ଥିବାରୁ ଏଭଳି ହେଉଥିବା କୁହାଯାଉଛି। ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ହେଉଛି।



ରାସ୍ତା ନିର୍ମାଣ ବେଳେ ଶ୍ରମିକମାନେ କାମ କରୁଛନ୍ତି ।

# ଚତୁର୍ଥ କଳାହାଣ୍ଡି ଜିଲା କରାଟେ ପ୍ରତିଯୋଗିତା

- ଭାଗ ନେଲେ ଜିଲାର ବିଭିନ୍ନ ସ୍ଥାନରୁ ୨ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

**ଭବାନୀପାଟଣା,୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଜିଲା ବ୍ୟାୟାମ ଇଣ୍ଡୋରହଲଠାରେ କରାଟେ ଡୁ ଆସୋସିଏଶନ ଅଫ କଳାହାଣ୍ଡି ପକ୍ଷରୁ ଚତୁର୍ଥ କଳାହାଣ୍ଡି ଜିଲାସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କେଏକେ (କେରେଟି ଟୁ ଆସୋସିଏଶନ୍ ଅଫ୍ କଳାହାଣ୍ଡି) ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଚିପ ଟେକ୍ନିକାଲ ଡାଇରେକ୍ଟର କଳାହାଣ୍ଡି ସୁରେଶ ଜାଲ (ୟାଦବ), ଇଦୋସ୍ତି ଫାଉଣ୍ଡର ଏକ୍ସ ଆର୍ମୀ ଗଜେନ୍ଦ୍ର ଡାକୁଆ, ଜିଲା କରାଟେ ଗୁଜୁରୀୟ ଚିପ ଟେକ୍ନିକାଲ ଡାଇରେକ୍ଟର ସୁଧୀର ଛତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲାର ଉତ୍କଳ କରାଟେ ସ୍କୁଲ ଭବାନୀପାଟଣା, ଗୁଜୁରୀୟ କରାଟେ ସ୍କୁଲ ଭବାନୀପାଟଣା, ଉତ୍କଳ କରାଟେ ସ୍କୁଲ ଲାଞ୍ଜିଗଡ ତଥା ଜିଲାର ବିଭିନ୍ନ ବ୍ଲକର ୨୦୦ ଶହରୁ ଊର୍ଦ୍ଧ୍ୱ ବାଳକବାଳିକା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।



କରାଟେ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

ଏହି ପ୍ରତିଯୋଗିତାକୁ କଳାହାଣ୍ଡି ଚିପ ଟେକ୍ନିକାଲ ଡାଇରେକ୍ଟର ପେଫରି ଏଣ୍ଡ ଜଜ୍ ୫ ଡନ ବ୍ଲାକବେଲ୍ଟ ସେନସାଇ ସୁରେଶ ଜାଲ ୟାଦବ ପରିଚାଳନା କରିଥିଲେ। ପ୍ରତିଯୋଗୀତାରେ ୭ ବର୍ଷ ବାଳକ ବାଳିକା ବର୍ଗରୁ ଆରମ୍ଭ କରି ପୁରୁଷ ଓ ମହିଳା ବର୍ଗ ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଉଭୟ କାତା ଓ କୁମିତେ (ଫାଇଟ)ରେ ୨୬ ଟି ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ବିଭାଗରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୋପ୍ୟ ଓ ଦୁଇଟି କାଂସ୍ୟ ପଦକ ଓ ସାର୍ଟିଫିକେଟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ରେଫରି ଓ ଜଜ୍ ଭାବେ ସେନସାଇ ସୁରେଶ ଜାଲ ୟାଦବ, ସେନସାଇ ସୁଧୀର ଛତ୍ରିଆ, ସେନସାଇ ଗୋପାଳ ଦୀପ, କେଦାର କବାଟ, ଜିତେନ୍ଦ୍ର ପୁଷ୍ଟି, ଦେବେନ୍ଦ୍ର ଜେନ, କୃଷ୍ଣଚନ୍ଦ୍ର ସାହୁ, କ୍ଷମାନିଧି ମହାଖୁଡ, ବ୍ୟାମକେସ ବେହେରା, ପ୍ରଧାଞ୍ଜଳି ଜାଲ, ମୁକେଶ ସାହୁ, ପ୍ରହଲ୍ଲାଦ ସାହୁ ଯୋଗଦେଇଥିଲେ। ଅଫିସ କାର୍ଯ୍ୟରେ ରାହୁଲ ଜାଲ, ସୋନାଲି ବେହେରା ଓ ସରନ ବେହେରା ସହଯୋଗ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାବେଶରେ କଳାହାଣ୍ଡି ଜିଲା ସ୍ପୋର୍ଟ୍ସ ଅଫିସର ଦେବାଶିଷ ନାୟକ ମୁଖ୍ୟଅତିଥି ଏବଂ କେଏକେ ଉପସଭାପତି ଜିତେନ୍ଦ୍ର ସାହୁ, ସେନସାଇ ସୁରେଶ ଜାଲ ୟାଦବ, ସେନସାଇ ସୁଧୀର ଛତ୍ରିଆ ମଞ୍ଚାସୀନ ଥିଲେ। ଭାନୁ ପ୍ରତାପ ରଥ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପଦକ ବିଜେତା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗି ପାଇଁ ମନୋନୀତ କରାଯିବ ବୋଲି ଡାଇରେକ୍ଟର ସେନସାଇ ୟାଦବ ପ୍ରକାଶ କରିଥିଲେ । ଶେଷରେ କେଏକେ ସଂଘ ପକ୍ଷରୁ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୫ ଫେବୃୟାରୀ, ୨୦୨୦



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରୋ



# ୪ବର୍ଷ ହେଲା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ଟଙ୍କା

- ଦେଓଗାଁ ପଞ୍ଚାୟତ ସମିତି ବୈଠକ
- ଉନ୍ନୟନ ଅର୍ଥ ଖର୍ଚ୍ଚ ହୋଇ ନ ପାରିବା ନେଇ ଉଦ୍‌ବେଗ

**ଦେଓଗାଁ, ୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତିର ବୈଠକ ବ୍ଲକ ସଭାଗୃହରେ ମଙ୍ଗଳବାର ଅଧକ୍ଷା ରୀନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ଉପାଧକ୍ଷ ରାଜୁ ବାଗ, ବିଧାୟକଙ୍କ ପ୍ରତିନିଧି କାନ୍ତେଶ୍ୱର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୨୦୧୫-୧୬ ଆର୍ଥିକ ବର୍ଷରୁ ଅଦ୍ୟାବଧି ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ବ୍ଲକରେ ଖର୍ଚ୍ଚ ହୋଇ ନ ପାରି ୧୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଲଣ୍ଡାପଥର ପଞ୍ଚାୟତରେ ହୋଇଥିବା ଏକ ଉନ୍ନୟନ କାମ ବିନା ଲେଆଉଟରେ ହୋଇଥିବା ଦର୍ଶାଇ ବିଲ୍ କରାଯାଉ ନ ଥିବାରୁ ସମ୍ପୃକ୍ତ ପଞ୍ଚାୟତର ସମିତି ସଭ୍ୟା ଆସାମୀ ଛତ୍ରିଆ ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଘଟଣାର ବିଭାଗୀୟ ତଦନ୍ତ କରାଯାଇ ବିଲ ପଇଠ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ବିଧାୟକ ମିଶ୍ର ପ୍ରସ୍ତାବ ଦେଇଥିଲେ। ବ୍ଲକରେ ଅଧାପନ୍ତରିଆ ହୋଇ ରହିଥିବା ଚେକଡ୍ୟାମଗୁଡ଼ିକର କାମ ଅବିଳମ୍ବେ



ଦେଓଗାଁ ବ୍ଲକ ସଭାଗୃହରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

ଶେଷ କରିବାକୁ ପ୍ରସ୍ତାବ ରଖିଥିଲେ ଉପାଧକ୍ଷ ରାଜୁ ବାଗ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ବ୍ଲକରେ ୨ଶହ ଦିନକୁ ବୃଦ୍ଧିପାଇଁ ପ୍ରସ୍ତାବ ଦେଇଥିଲେ ବଡବାହାଲ ସରପଞ୍ଚ ଜୟ ରଣା। ଜରାସିଂହା ସରପଞ୍ଚ କୁଶମଣି ମେହେର ବୁଢ଼ିଆଇ ବନ୍ଧର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଉପରେ ଜୋର ଦେଇଥିଲେ। ଏଥିସହ ବ୍ଲକରେ ଷ୍ଟ୍ରିଟଲାଇଟ ଲଗାଇବାରେ ହୋଇଥିବା ଦୁର୍ନୀତିର ସେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଧାନକିଣା ବିକା ଉପରେ ବ୍ଲକକୁ ମିଳୁଥିବା ୨ପ୍ରତିଶତ ଅର୍ଥକୁ ଚାଷୀଙ୍କ ହିତ ଉଦ୍ଦେଶ୍ୟରେ ଖଳା ନିର୍ମାଣ ପାଇଁ ଖର୍ଚ୍ଚ କରାଯିବା କଥା। ବ୍ଲକରେ ବର୍ଷାଧିକ କାଳ ହେଲା ପଡି ରହିଥିବା ପ୍ରାୟ ୩୨ଲକ୍ଷ ଟଙ୍କାକୁ ଖର୍ଚ୍ଚ କରାଯାଉ ନାହିଁ ବୋଲି ଏମ୍‌ପି ପ୍ରତିନିଧି ଅମିତ କୁମାର ସିଂ ନିନା କହିଥିଲେ। ଏହା ସହ ଦେଓଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉନ୍ନତିକରଣ ପାଇଁ ବସୁଧା ଯୋଜନାରେ୧କୋଟି ୬୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଭଞ୍ଜପଡାକୁ ପାଣି ଆସୁ ନ ଥିବା ସେ ଅଭିଯୋଗ ଉଠାଇଥିଲେ। ଏଥିସହ ଦେଓଗାଁ ସଦର ପଞ୍ଚାୟତ ହୋଇଥିବାରୁ ଏହାର ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ନେବାକୁ ପ୍ରସ୍ତାବ ଆଗତ କରିଥିଲେ। ପ୍ରତି ୨ ମାସରେ ସମିତି ବୈଠକ ବସିବା ସହ ମୁଭମେଣ୍ଟ ରେଜିଷ୍ଟର ମେଣ୍ଟେନ କରିବାପାଇଁ ଦାବି କରିଥିଲେ। ବନ୍ଧପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ତଥା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଡାକ୍ତରଅଭାବ ଥିବାରୁ ବୈଠକରେ ସରପଞ୍ଚ ସଂଘ ସଭାପତି ମଣ୍ଟୁ ଖମାରୀ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଅର୍ଜୁନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୧୧ଟା ପରେ ତାଲା ଖୋଲୁଛି ବୋଲି ଉପାଧକ୍ଷ ରାଜୁ ବାଗ ଅଭିଯୋଗ ଉଠାଇଥିଲେ। ବ୍ରାହ୍ମଣୀଯୋର ପଞ୍ଚାୟତ ତାଲପାଲିରେ ନବନିର୍ମିତ ଓଭରହେଡ ଟ୍ୟାଙ୍କ କାମ ନ ସରୁଣୁ ଭାଙ୍ଗି ଯାଇଥିବା ବେଳେ ପୁନଃ ନିର୍ମାଣ ମଧ ନିମ୍ନମାନର ହୋଇଥିବା ସମିତି ସଭ୍ୟା ବାସନ୍ତି ଭୋଇ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ବୈଠକରେ ଉନ୍ନୟନ କାର୍ଯ୍ୟ, ସ୍ୱାସ୍ଥ୍ୟ ଓ ପାନୀୟ ଜଳକୁ ବାଦଦେଲେ ଶିକ୍ଷା, କୃଷି ପରି ଅନ୍ୟାନ୍ୟ ସମସ୍ୟା ଉପରେ ବିଶେଷ ଆଲୋଚନା କରା ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ସହକାରୀ ଯନ୍ତ୍ରୀ ମୋହନ ମହାଲିକ ବିବରଣୀ ପାଠ କରିଥିବା ବେଳେ ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ଉପେନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସମସ୍ତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଉପସ୍ଥିତ ଥିଲେ। ବିଡିଓ ବେର୍ଣ୍ଣାଦେତ ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଝରବାହାଲି ଫୁଟବଲ : ମଧପୁର, ଚଲକି ବିଜୟୀ

**ଟିକ୍ରାପଡା, ୪।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଝରବାହାଲିଠାରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଚତୁର୍ଥ ଦିବସ। ଅନୁଷ୍ଠିତ ଗ୍ରୁପ ଏ ମ୍ୟାଚରେ ଡଙ୍ଗରପଡା ଦଳକୁ ୧-୦ଗୋଲରେ ହରାଇ ମଧପୁର ବିଜୟୀ ହୋଇଥିଲା। କଣ୍ଟାବାଞ୍ଜି ଓ ଚଲକି ମଧରେ ଅନୁଷ୍ଠିତ ଗ୍ରୁପ ବି ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ କଣ୍ଟାବାଞ୍ଜିକୁ ୧-୦ ଗୋଲରେ ହରାଇ ଚଲକି ବିଜୟୀ ହୋଇଥିଲା। ଜିତେନ୍ଦ୍ର ଜାଲ ଖେଳ ପରିଚାଳନା କରିଥିଲେ। ପିଣ୍ଟୁ ବଗର୍ତ୍ତି, ଅକ୍ଷୟ ଘିଭେଲା ଧାରା ବିବରଣୀ ପ୍ରଦାନ କରିଥିଲେ। ଦଶରଥ ଦାଶ, କାଲୁ ବଗର୍ତ୍ତୀ, ଗୋକୁଳାନନ୍ଦ ବାରିକ, ଯୁବରାଜ ବଗର୍ତ୍ତୀ, ଚନ୍ଦ୍ରଭାନୁ ବଗର୍ତ୍ତୀ ଅତିଥି ରହିଥିଲେ। ବୁଧବାର ଗ୍ରୁପ ଏ ମ୍ୟାଚ କଲଛିକିଛାର ବନାମ ଘୁଷୁରାମୁଣ୍ଡା ଓ ଗ୍ରୁପ ବି ମ୍ୟାଚ ମୁରିବାହାଲ ବନାମ ବଡମାଲ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ଜିଲା ରାଜସ୍ୱ ଅମଲା ସଂଘର ବୈଠକ

**ଟିଟିଲାଗଡ, ୪।୨ (ଡି.ଏନ.ଏ.):** ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବଲାଙ୍ଗୀର ଜିଲା ରାଜସ୍ୱ ଅମଲା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅମଲା ସଂଘ ଜିଲା ସଭାପତି ପ୍ରଦ୍ୟୁମ୍ନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ଏକତା ତଥା ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସଭାରେ ଜିଲା ସଂଯୋଜକ ଚୈତନ୍ୟ କଟା, କାର୍ଯ୍ୟକାରୀ ସଭାପତି ରାମନାରାୟଣ ମିଶ୍ର, ସଭ୍ୟ ଶରତ ଚନ୍ଦ୍ର ସାହୁ, ବିଭୂତି ସେଠ, ଗୋପାଳ ଦାଶ, ଟିକେଲାଲ ବେହେରା, ଅନୁପମା ତ୍ରିପାଠୀ, ରଶ୍ମିରେଖା ବେହେରା, ରଶ୍ମି ସାହୁ, ଅର୍ଚ୍ଚନା ସେଠ, ତପସ୍ୱିନୀ ନାଏକ, ଦୟାସାଗର ମହାପାତ୍ର, ବିଘ୍ନରାଜ ରଣା, ଶ୍ୟାମ ସୁନ୍ଦର ସେଠ, ମୋହନ ମୁଣ୍ଡା, ସ୍ୱାଗତିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ କ୍ୟାନସର ଦିବସ ପାଳିତ

**ଲୋଇସିଂହା,୪।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆଶାକର୍ମୀଙ୍କୁ ନେଇ ବିଶ୍ୱ କ୍ୟାନସର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ଦେଶରେ ୧ ମିନିଟରେ ୧୭ ଜଣ କ୍ୟାନସର ରୋଗୀଙ୍କ ମୃତ୍ୟୁ ଘଟୁଛି। ପ୍ରାରମ୍ଭିକ ସମୟରୁ ଚିକିତ୍ସା କଲେ ରୋଗ ଭଲ ହୋଇପାରିବ। ଏଣୁ ଗ୍ରାମାଞ୍ଚଳର ମହିଳାଙ୍କୁ ରୋଗ ଚିହ୍ନଟ, ଚିକିତ୍ସା ଓ ନିବାରଣ ଦିଗରେ ସଚେତନତା ସୃଷ୍ଟି ପାଇଁ ଆଶାକର୍ମୀମାନଙ୍କୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପିଏଚଓ ରମେଶ ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ତନ କର୍କଟରେ ଲୋଇସିଂହା ଅଞ୍ଚଳରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସଭାରେ ଆୟୁଷ ଡାକ୍ତର ସଞ୍ଜୀବ ବିଶ୍ୱାଳ ବକ୍ତବ୍ୟରେ ମସଲା ଯୁକ୍ତ ଖାଦ୍ୟ, ଫାଷ୍ଟଫୁଡରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଶିଶୁମାନଙ୍କ ଖାଦ୍ୟରେ ଶାଗ ଓ ପନିପରିବା ଅଧିକ ମାତ୍ରାରେ ଦେବାକୁ ଅଭିଭାବକଙ୍କୁ ବୁଝାଇଥିଲେ। ମୁଖଗହ୍ୱର କର୍କଟ ରୋଗରୁ ଦୂରେଇ ରହିବା ପାଇଁ ହେଲେ ଗୁଟକା ଓ ତମାଖୁ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସକ ମାନସ ରଞ୍ଜନ ଥାଏତ ଚଳିତ ବର୍ଷର ବାର୍ତ୍ତା ମୁଁ ଅଛି ଓ ମୁଁ ବଞ୍ଚିବି ଉପରେ କହିଥିଲେ।

## ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ସୁନ୍ଦରାକାଣ୍ଡ ପାରାୟଣ

**ଦେଓଗାଁ, ୪।୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି ପୋନ୍ନିସୁଗର କଲୋନୀରେ ଚାଲିଥିବା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମଙ୍ଗଳବାର ତୃତୀୟ ଦିବସରେ ସୁନ୍ଦରାକାଣ୍ଡ ପାରାୟଣ ଓ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ କମିଟି ଆୟୋଜନରେ ଗାୟିକା ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ ଓ ସାଥିଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ସମାଜିକ କର୍ମୀ ମଣି ଦୀପଙ୍କ ପରିଚାଳନାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ମଙ୍ଗତୁରାମ ଅଗ୍ରୱାଲ, ରାମଜୀ ଚୌଧୁରୀ, ଯୁବନେତା ବିଶ୍ୱଜିତ ପାତ୍ର, କୁନା ସାହୁ ପ୍ରମୁଖ ଯୋଗଦେଇ ୫୦ଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ଯଜ୍ଞ ଓ ଭଜନ ପରିବେଷଣ ଚାଲିଥିବା ବେଳେ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହିମାଧର୍ମିଙ୍କ ଦ୍ୱାରା ସଂଚାର ନୃତ୍ୟ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲା ଭବାନୀପାଟଣା ମଠରେ କୌଶିକ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ବିଶ୍ୱଶାନ୍ତି ପାଇଁ ଅଖଣ୍ଡଯଜ୍ଞରେ ୨୦ ଜଣ ଅଲେଖ ମହିମାଧର୍ମି ବାବା ଯୋଗଦେଇଛନ୍ତି।

## ଜିଲା କରାଟେ ଅର୍ଗାନାଇଜେଶନର ବେଲ୍ଟ ଗ୍ରେଡିଂ ଉତ୍ସବ

**ବଲାଙ୍ଗୀର ଅଫିସ, ୪।୨**

ବଲାଙ୍ଗୀର ରେଲୱେ ଷ୍ଟେଶନ ଛକସ୍ଥିତ କରାଟେ ସ୍କୁଲରେ ବେଲ୍ଟ ଗ୍ରେଡିଂ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ୱର୍ଣ୍ଣପଦକ ବିଜେତା ତଥା ସେଲ୍ଫ ଡିଫେନ୍ସ ଏକ୍ସପର୍ଟ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ରୋଟାରିଆନ ଭଜନ ଅଗ୍ରୱାଲ, ବିଦ୍ୟା ଭାରତୀୟ ସ୍କୁଲ ଅଧକ୍ଷ ରାମଚନ୍ଦ୍ର ବେହେରା, ଗୀତା ସିଂ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ଆଗାମୀ ଦିନରେ ଏହି ଅନୁଷ୍ଠାନ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରାଯିବ ବୋଲି ଆଇନଜୀବୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ବଡେଇ ତିନି ବର୍ଷ ହେଲା ଏ ଅନୁଷ୍ଠାନ ସାଙ୍ଗରେ ଏହି ଅନୁଷ୍ଠାନ କେବଳ କରାଟି ନୁହେଁ ଝିଅଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ତଥା କ୍ରୀଡା ପ୍ରତିଭାମାନଙ୍କୁ ସୃଷ୍ଟି କରୁଛି ବୋଲି କହିଥିଲେ। ବଲାଙ୍ଗୀର ଜିଲାରୁ ଏହି ଅନୁଷ୍ଠାନର ଛାତ୍ରୀ ସ୍ୱସ୍ତିକା ପାଢୀ ଜାତୀୟ ସ୍ତରୀୟ କରାଟି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ତାଙ୍କୁ ସାଧାରଣତନ୍ତ୍ର ଦିବସରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ। ଏହି ବେଲ୍ଟ ଟେଷ୍ଟ ପରୀକ୍ଷାରେ ୭୮ ଭାଗ ନେଇଥିଲେ ଏବଂ ସେଥିରୁ ୪୮ଜଣ କୃତିତ୍ୱ ଅର୍ଜନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମାନନ୍ଦ ସାହୁ ଓ ଗୌରଚନ୍ଦ୍ର ଘିଭେଲା ସହଯୋଗ କରିଥିଲେ। ଶେଷରେ କୋଚ୍ ଅସୀମ ଭୋଇ ଧନ୍ୟବାଦ ଦେଇଥିଲେ।




କୃତୀ କରାଟେ ପରୀକ୍ଷାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ବାପ ଘର ଲୋକ ଆଣିଲେ ହତ୍ୟା ଅଭିଯୋଗ

**ଖପ୍ରାଖୋଲ, ୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ସାପମୁଣ୍ଡ ଗାଁରେ ଘର ଭିତରୁ ଜଣେ ବିବାହିତ ମହିଳାଙ୍କ ମୃତଦେହ ପୋଲିସ୍ ଉଦ୍ଧାର କରିଛି। ହେଲେ ମୃତାଙ୍କ ବାପ ଘର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମୃତା ମହିଳା ଜଣକ ହେଲେ ଗାଁର ଚକ୍ର ରାୟଙ୍କ ସ୍ତ୍ରୀ ପୂର୍ଣ୍ଣିମା ସରକାର। ମୃତାଙ୍କ ପିତା ନୂଆପଡା ଜିଲା ଲଖନା ଗାଁର ରାଜୁ ସରକାରଙ୍କ ଅଭିଯୋଗ ଅନୁସାରେ ବର୍ଷକ ତଳେ ଚକ୍ର ରାୟଙ୍କ ସହ ପୂର୍ଣ୍ଣୀମା ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଚକ୍ର ଏବଂ ତାଙ୍କ ପିତା ଧିରଜ ରାୟ ତାଙ୍କ ଝିଅଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏ ନେଇ ପୂର୍ଣ୍ଣୀମା ଅଭିଯୋଗ କରିଆସୁଥିବାବେଳେ ସେ ଧର୍ଯ୍ୟ ଧରି ରହିବାକୁ କହୁଥିଲେ। ହେଲେ ମଙ୍ଗଳବାର ତାଙ୍କ ଝିଅକୁ ମାଡ ମରାଯାଉଥିବା ସୂଚନା ପାଇ ସାପମୁଣ୍ଡ ଗାଁରେ ପହଞ୍ଚିଲା ବେଳକୁ ଝିଅ ଘର ମଝି ଉରାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ଖପ୍ରାଖୋଲ ଥାନାକୁ ଖବର ଦେଲା ପରେ ପୋଲିସ ଦଫା ୪୯୮(କ), ୩୦୨ ଓ ୩୪ ଆଇପିସିରେ ଏକ ମାମଲା (ନଂ. ନଂ ୧୮/୨୦)ରୁଜୁ କରି ମୃତଦେହ ଜବତ କରିଥିଲା। ଖପ୍ରାଖୋଲ ଥାନା ପୋଲିସ ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।



ବିଧାୟକ ନରସିଂହ ମିଶ୍ର ପଥରଚେପାଠାରେ ଆଦିବାସୀ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଆଦିବାସୀ ଛାତ୍ରାବାସର ଶିଳାନ୍ୟାସ

**ବଲାଙ୍ଗୀର ଅଫିସ, ୪।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ପଥରଚେପା ଠାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୯୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରବାସ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗର ଅନ୍ୱେଷ ଯୋଜନାରେ ଏହି ୯୦୦ ଶଯ୍ୟା ବିଶିଷ୍ଟ ଛାତ୍ରବାସ ପାଇଁ ୫ କୋଟି ୯୯ ଲକ୍ଷ ୬୦୬ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ବଲାଙ୍ଗୀର ଜିଲାର ଶିକ୍ଷାସ୍ତରରେ ପଛୁଆ ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାକ୍ଷେତ୍ରରେ ଆହୁରି ଆଗେଇ ନେବା ପାଇଁ ଏହି ଛାତ୍ରାବାସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବିଧାୟକ ମିଶ୍ର ଆଶାପୋଷଣ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନସ୍ଥଳରେ ଉପସ୍ଥିତ ଥିବା ନିର୍ମାଣକାରୀ ସଂସ୍ଥା କର୍ମଚାରୀଙ୍କ ସହ ବିଧାୟକ ମିଶ୍ର ଏହା ଆଲୋଚନା କରି ଯେତେ ଶୀଘ୍ର ହେବ ଏହି ଛାତ୍ରାବାସ ନିର୍ମାଣ କାମକୁ ସମାପ୍ତ କରିବା ପାଇଁ କହିଥିଲେ। ପଥରଚେପା ଗ୍ରାମବାସୀ ଏହି କାମରେ ପୂର୍ଣ୍ଣ ସମର୍ଥନ କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ଏହି ଅବସରରେ ପଥରଚେପା ଗାଁର ବହୁ ଲୋକ ଗାଁର ଅନ୍ୟାନ୍ୟ ସମସ୍ୟା ନେଇ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ପ୍ରାଥମିକତା ଭିତ୍ତିରେ ଗାଁର ସମସ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ କହିଥଇଲେ। ଗାଁରେ ରାସନ କାର୍ଡ, ଇନ୍ଦିରା ଆବାସ, ବାର୍ଦ୍ଧକ୍ୟଭତ୍ତା ତଥା ଭୂମିହୀନ ପରିବାରମାନଙ୍କୁ ଚିହ୍ନଟ କରି ଶୀଘ୍ର ସେମାନେ ଯେମିତି ଏହି ସବୁ ଯୋଜନାରୁ ଲାଭବାନ ହେବେ ସେଦିଗରେ ଶୀଘ୍ର କାର୍ଯ୍ୟକ୍ରମ ଆରମ୍ଭ କରିବେ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାମଦେବ ମିଶ୍ର, ଲୋକନାଥ କୁମୁରା, ଆଦିବାସୀ ହରିଜନ ବିଭାଗ ବିଧାୟକଙ୍କ ପ୍ରତିନିଧି ଓମ୍ ପ୍ରକାଶ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ସୁଶୀଳ ବେହେରା, ଜୟକୃଷ୍ଣ ମିଶ୍ର, ସୁବିନ ବରିହା, ଅସୀତ ମିଶ୍ର, ବୁଲୁ ଦାନି, ଟୁନା ସାହୁ, ଅଙ୍କିତ ସାହୁ, ସଞ୍ଜୀବ ଗୁରୁ, ମିଟୁ ସାହୁ, ସତ୍ୟ ନାଗ, ବ୍ରଜ ନାଗ, କୁଳମଣି ସାହୁ ଉପସ୍ଥିତ ଥିଲେ।

## କୁଇମୁଣ୍ଡାରେ ହାତୀ ଉପଦ୍ରବ

**ଲାଠୋର, ୪।୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋରେ ବନାଞ୍ଚଳ ଅଧୀନ କୁଇମୁଣ୍ଡାରେ ଏକ ଦନ୍ତାହାତୀ ଉପଦ୍ରବରେ ଚଳିଛି। ଗତ ୪ଦିନ ହେବ ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ସୋମବାର ବିଳମ୍ବିତ ରାତିରେ ଦନ୍ତା କୁଇମୁଣ୍ଡା ଆସି ବହୁ ଲୋକଙ୍କ ବୋଡିରେ ଥିବା କଦଳୀ ଗଛ ଓ ଗୋରୁଛେଳି ଗୁହାଳ ଭାଙ୍ଗି ପକାଇଛି। କେତେକ ଲୋକଙ୍କ ବାସଗୃହ ବି କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଲୋକ ସଂଗଠିତ ହୋଇ ଘଉଡାଇବାରୁ ହାତୀ ଜଙ୍ଗଲକୁ ପଳାଇ ଯାଇଛି। ଏନେଇ ବେନ୍ଦର ସେକ୍ସନ ଫରେଷ୍ଟର ସମୀର ରଞ୍ଜନମହାପାତ୍ରଙ୍କୁ ପଚାରିବାରୁ ଆମେ ଦନ୍ତାହତୀ ଉପରେ ନଜର ନଜର ରଖିଛୁ। ଲାଠୋର ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲରେ ଖୁଣ୍ଟପୋତି ଧୂଆଁ ଦେଇ ଘଉଡାଇବା ପ୍ରୟାସ କରିବୁ ବୋଲି କହିଛନ୍ତି।

## ୨୭ ପ୍ରତିଶତ ଆରକ୍ଷଣ ଦାବିକଲା ଓବିସି ମଞ୍ଚ

**ବଲାଙ୍ଗୀର ଅଫିସ, ୪।୨**

ଶିକ୍ଷା ତଥା ସରକାରୀ ଚାକିରିରେ ଓଡିଶାରେ ଶୂନ ପ୍ରତିଶତ ଆରକ୍ଷଣ ଦିଆଯାଇ ଗତ ୭୦ ବର୍ଷ ଧରି ଓବିସିଙ୍କୁ ସାମ୍ବିଧାନିକ ନ୍ୟାୟରୁ ବଞ୍ଚିତ କରାଯାଇଛି। ଏହା ଏକ ଐତିହାସିକ ଭୁଲ। ଏହି ଭୁଲକୁ ତୁରନ୍ତ ସୁଧାର କରି ରାଜ୍ୟ ସରକାର ଓଡିଶାରେ ଓବିସିଙ୍କ ପାଇଁ ଶିକ୍ଷା ଓ ଚାକିରିରେ ୨୭ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି ବଲାଙ୍ଗୀର ଜିଲା ଓବିସି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଜିଲା ଓବିସି ମଞ୍ଚ ସଭାପତି ଶଙ୍କର କୁମାର ପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓବିସି ମଞ୍ଚର ପରଦେଶୀ ବିଶ୍ୱାଳ ଓ ଉପସଭାପତି କିଶୋର ସାଏ ମଞ୍ଚାସୀନ ଥିଲେ। ଓଡିଶା ସରକାର ୧୯୯୧ ମସିହାରେ ଦାସ କମିଶନ ବସାଇ ଏସଇବିସି ତାଲିକା ପ୍ରସ୍ତୁତ କରିଥିଲେ। ଓବିସି ଜନସଂଖ୍ୟା ଅନୁସାରେ ଆରକ୍ଷଣ ଦେବା ଛାଡି ଏସିବିସି ତାଲିକା ଅନୁସାରେ ଆରକ୍ଷଣ ବ୍ୟବସ୍ଥା କରି ୧୧.୨୫ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ଏହା ମଣ୍ଡଳ କମିଶନଙ୍କ ଘୋଷିତ ଜାତି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲା ଓବିସି ମଞ୍ଚ କର୍ମକର୍ତ୍ତା।

ଓବିସିଙ୍କ ପ୍ରତି କ୍ରୁର ଉପହାସ ବୋଲି ପାତ୍ର ଅଭିଯୋଗ କରିଛନ୍ତି। ଏନେଇ ସେ ଜାତୀୟ ଓବିସି ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ଏହା ଏବେ ଏକ ବିତର୍କ ହୋଇପଡିଛି ବୋଲି କହିଥିଲେ। ଓଡିଶାରେ ଓବିସିମାନଙ୍କୁ ଶୂନ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଥିବା ଜାଣି ଜାତୀୟ ଓବିସି ଆୟୋଗ ମଧ ଏନେଇ ରାଜ୍ୟ ସରକାରଙ୍କୁ ସ୍ୱଷ୍ଟୀକରଣ ମାଗିଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ନୀତି ଯୋଗୁଁ ଦୀର୍ଘ ୭୦ ବର୍ଷ ହେଲା ଆରକ୍ଷଣ ସୁବିଧାରୁ ବଞ୍ଚିତ ହୋଇଆସୁଥିବା ଏକ ଐତିହାସିକ ଭୁଲ ବୋଲି ପାତ୍ର କହିଛନ୍ତି। ଓଡିଶାର ଓବିସିମାନେ ଏସଇବିସି ଆରକ୍ଷଣକୁ ବିରୋଧ କରୁନାହାନ୍ତି। ରାଜ୍ୟରେ ପ୍ରାୟ ୮ ପ୍ରତିଶତ ସାଧାରଣ ବର୍ଗର ଲୋକ ଥିବାସ୍ଥଳେ ସେମାନଙ୍କୁ ଆର୍ଥିକ ସ୍ତରରେ ୧୦ ପ୍ରତିଶତ ଆରକ୍ଷଣ ଦେବାକୁ ମଧ ବିରୋଧ କରୁନାହାନ୍ତି ତଥା ଏସସି/ଏସଟିଙ୍କୁ ତାଙ୍କ ସମାନୁପାତିକ ୩୮.୭୫ ପ୍ରତିଶତ ଆରକ୍ଷଣ ଦେବାକୁ ମଧ ବିରୋଧ କରୁନାହାନ୍ତି। ତେଣୁ ଓବିସିଙ୍କ ଆରକ୍ଷଣକୁ ମଧ ବିରୋଧ କରିବା ଉଚିତ୍ ନୁହେଁ ଓ ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ଉଚିତ୍ ପଦକ୍ଷେପ ଗ୍ରହଣ କରି ଓବିସିଙ୍କୁ ୨୭ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଛନ୍ତି।

## ହରେକୃଷ୍ଣ ମେହେର ପାଇବେ ଗଙ୍ଗାଧର ସ୍ମୃତି ସମ୍ମାନ

**ଟିଟିଲାଗଡ, ୪।୨ (ଡି.ଏନ.ଏ)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ରକ୍ଷା ପାଇଁ ୨୦୧୮ରୁ ଗଙ୍ଗାଧର ମେହେର ସ୍ମୃତି ସମିତି ଟିଟିଲାଗଡ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ଥାନୀୟ ଛାମୁଆ ସାହିତ୍ୟ ସଂଗଠନ ସାହିତ୍ୟ ସଂସ୍କୃତି ଏବଂ ସରକାରୀ ବାଳକ ହାଇସ୍କୁଲର ୧୯୫୩ରୁ ୧୯୬୫ ବ୍ୟାଚ ପୁରାତନ ଛାତ୍ର ସଂସଦ ଉଦ୍ୟମରେ ସହରରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନା କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଙ୍ଗାଧରଙ୍କ ସାହିତ୍ୟକୁ ଆଦୃତ କରିବା ପାଇଁ ଗଙ୍ଗାଧରଙ୍କ କୃତିକୁ ନେଇ ବକ୍ତୃତା, ଗୀତ ତଥା ରଚନା ପ୍ରତିଯୋଗିତା ସହ ପୁରସ୍କୃତ କରାଯାଉଛି। ଏନେଇ ଚଳିତ ବର୍ଷ ମଧ୍ୟ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସ୍ମୃତି ସମିତି ସଭାପତି ତଥା ଅବସରପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଉପସଚିବ ଡ. ବିନୋଦ ବିହାରି ଜାଲ, ସମ୍ପାଦକ ସାହିତ୍ୟିକ ଅଶ୍ୱିନୀ ମହାନ୍ତି, ସଦସ୍ୟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଘନଶ୍ୟାମ ଜୈନ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶିବଶଙ୍କର ବେହେରା,



ଖବରଦାତା ସମ୍ମିଳନୀରେ ଗଙ୍ଗାଧର ସ୍ମୃତି ସଂସଦ ପକ୍ଷରୁ ସୂଚନା ଦିଆଯାଉଛି।

ସତ୍ୟବ୍ରତ ପଣ୍ଡା କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଉପରୋକ୍ତ ସାହିତ୍ୟିକଙ୍କ ସମେତ ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ବିଭାସ କୁଣ୍ଡୁ, ଘନଶ୍ୟାମ ଗୋୟଲ, ପ୍ରଶାନ୍ତ ବହିଦାର, ପ୍ରଫୁଲ୍ଲ ସରାଫ, ସଚ୍ଚିକାନ୍ତ ରଥ ସମିତିର ସଦସ୍ୟ ରହିଛନ୍ତି। ଆସନ୍ତା ୯ରେ ସ୍ମୃତି ସମିତିର ବାର୍ଷିକ ସମାରୋହ ପାଳନ ହେବ। ହାଇସ୍କୁଲସ୍ତରରେ ପ୍ରତିଯୋଗିତା ଆୟୋଜିତ ହୋଇ ବକ୍ତୃତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା, ଗୀତରେ ପ୍ରଥମ ଶିକ୍ଷାର୍ଥି ପ୍ରାରମ୍ଭିକ ସଂଗୀତ ଗାନ, ରଚନାରେ ପ୍ରଥମ ଶିକ୍ଷାର୍ଥି ସମାରୋହରେ ତାହାକୁ ପଠନ କରିବେ। ଏହା ସହ ସ୍ୱଭାବ କବିଙ୍କ ମହାନ ରଚନା ତପସ୍ୱିନୀ କାବ୍ୟକୁ ସଂସ୍କୃତ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଅନୁବାଦ କରିଥିବା ସିନାପାଲିର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ହରେକୃଷ୍ଣ ମେହେରଙ୍କୁ ଗଙ୍ଗାଧର ମେହେର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସମାରୋହରେ ଗଙ୍ଗାଧର ମେହେରଙ୍କ କୃତି ମଙ୍ଗଳେ ଅଇଲା ଉଷାକୁ ନେଇ ଛାତ୍ରୀଛାତ୍ର ଗୀତିନାଟ୍ୟ ପରିବେଷଣ କରିବେ। ରାଜଜ୍ୟୋତି ସେବା ସମିତି ସଭାପତି ଦୀପକ ସାହୁ ତଥା ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସହରର ବୁଦ୍ଧିଜୀବୀ, ଶିକ୍ଷାବିତ ତଥା ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗଦେବାକୁ ସଭାପତି ଡ. ଜାଲ ନିବେଦନ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୫ ଫେବୃୟାରୀ,୨୦୨୦



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# କଳାହାଣ୍ଡି ଓକିଲ ସଂଘ କୋର୍ଟ କାର୍ଯ୍ୟ ବର୍ଜନ ଆଜି

**ଭବାନୀପାଟଣା,୪।୨(ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବା ଓକିଲ ସଂଘ ବିରୋଧରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ହାଇକୋର୍ଟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ପ୍ରତିବାଦରେ ଫେବୃୟାରୀ ୫ ତାରିଖ (ବୁଧବାର) ପଶ୍ଚିମ ଓଡିଶା ବନ୍ଦ ଡାକରା ପାଇଁ ପଶ୍ଚିମ ଓଡିଶା ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ବନ୍ଦ ପାଳନରେ କଳାହାଣ୍ଡି ଓକିଲ ସଂଘ ସାମିଲ ନ ହୋଇ କଳାହାଣ୍ଡି ଜିଲାର ସମସ୍ତ ଓକିଲ ସଂଘ କୋର୍ଟ କାର୍ଯ୍ୟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ପଶ୍ଚିମ କଳାହାଣ୍ଡିରେ ଓଡିଶାର ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ କଳାହାଣ୍ଡି ଓକିଲ ସଂଘ ଗତ କିଛି ବର୍ଷ ହେଲା ଅହରହ ଆନ୍ଦୋଳନ ଜାରି ରଖିଛି। ବିଭିନ୍ନ ସଙ୍ଗଠନ ଓ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମାସର ଶେଷ ସୋମବାର ଧାରଣା ଦେଇ ଆସୁଛନ୍ତି। କିନ୍ତୁ ପଶ୍ଚିମ ଓଡିଶାର ବହୁ ଜିଲାର ଓକିଲ ସଂଘ ନିଜ ଜିଲାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଆନ୍ଦୋଳନ କରିବା ଫଳରେ ମାସ ମାସ ଧରି କୋର୍ଟ କାର୍ଯ୍ୟ ବନ୍ଦ ରହୁଛି। ଏହାକୁ ନେଇ ସୁପ୍ରିମକୋର୍ଟ ଓ ଅଲ ଇଣ୍ଡିଆ ବାର କାଉନସିଲର ନିର୍ଦ୍ଦେଶକ୍ରମେ ଓଡିଶା ହାଇକୋର୍ଟ ଯେଉଁ ଓକିଲ ସଂଘ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଲିକା ବାହାରିଛି ସେଥିରେ କଳାହାଣ୍ଡି ଓକିଲ ସଂଘ ନାମ ନାହିଁ । କଳାହାଣ୍ଡି ଓକିଲ ସଂଘ କୋର୍ଟ କାର୍ଯ୍ୟ ବନ୍ଦ ନ କରିବା ପାଇଁ ଓଡିଶା ହାଇକୋର୍ଟକୁ ଏଫିଡେଫିଟ ମାଧ୍ୟମରେ ଜଣାଇଛନ୍ତି। ଏପରିକି ବଲାଙ୍ଗୀରଠାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଓକିଲ ସଂଘକୁ ଡକା ଯାଇ ନ ଥିଲା। ଉକ୍ତ ବୈଠକରେ ଫେବୃୟାରୀ ୫ରେ ପଶ୍ଚିମ ଓଡିଶା ବନ୍ଦ ଡାକରା ପାଇଁ ପଶ୍ଚିମ ଓଡିଶା ଓକିଲ ସଂଘର ନିଷ୍ପତ୍ତି ହୋଇଥିଲା। ଏହି ବନ୍ଦ ପାଳନରେ କଳାହାଣ୍ଡି ଓକିଲ ସଂଘ ଭାଗ ନେବ କି ନାହିଁ ସେଥିପାଇଁ ଓକିଲ ସଂଘ ପକ୍ଷରୁ ଗତ ୩୦ ତାରିଖରେ ସଂଘ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ୫ ତାରିଖରେ ବନ୍ଦ ପାଳନରେ କଳାହାଣ୍ଡି ଓକିଲ ସଂଘ ଭାଗ ନେବନାହିଁ ବୋଲି ସ୍ଥିର ହୋଇଥିଲା। ଗତ ୩ ତାରିଖରେ ବଲାଙ୍ଗୀର ଓକିଲ ସଂଘର ୫ ଜଣିଆ ଦଳ ଓ ସମ୍ବଲପୁର ଓକିଲ ସଂଘର ୩ ଜଣିଆ ଦଳ ମିଳିତ ଭାବେ ଭବାନୀପାଟଣା ଆସି ଆସନ୍ତା ୫ ତାରିଖ ପଶ୍ଚିମ ଓଡିଶା ବନ୍ଦ ପାଳନକୁ କଳାହାଣ୍ଡି ଓକିଲ ସଂଘ ସମର୍ଥନ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅନୁରୋଧ ଅନୁଯାୟୀ ମଙ୍ଗଳବାର କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘ ଗତ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବନ୍ଦ ପାଳନରେ କଳାହାଣ୍ଡି ଓକିଲ ସଂଘ ସାମିଲ ହେବନାହିଁ। କିନ୍ତୁ ପଶ୍ଚିମ ଓଡିଶା ଓକିଲମାନଙ୍କ ଉପରେ ଓଡିଶା ହାଇକୋର୍ଟ ନେବାକୁ ଯାଉଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ କଳାହାଣ୍ଡି ଓକିଲ ସଂଘ ଦୃଢ଼ ବିରୋଧ କରିବ। ଏଥିସହିତ ସେମାନଙ୍କ ଆନ୍ଦୋଳନକୁ ନୈତିକତାର ସହିତ ଜିଲାର ସମସ୍ତ ଓକିଲ ସଂଘ ସମର୍ଥନ କରି ଆସନ୍ତା ୫ ତାରିଖରେ ଭବାନୀପାଟଣା ସମେତ ଜିଲାର ସମସ୍ତ ଓକିଲ ସଂଘ କୋର୍ଟ କାର୍ଯ୍ୟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଓକିଲ ସଂଘର ସଭାପତି ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଅଶ୍ୱିନୀ କୁମାର ଦାଶଙ୍କ ସମେତ ଉପସଭାପତି ଦିଲୀପ କୁମାର ପ୍ରହରାଜ, ସହକାରୀ ସମ୍ପାଦକ ନିହାର ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ମହେଶ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ କ୍ଷୀରୋଦ ପ୍ରସାଦ ନେଗୀ, ଗଣେଶ ପଟ୍ଟନାୟକ, ସୁଧୀର କୁମାର ପଣ୍ଡା, ଶୈଳେଶ କୁମାର ବେହେରା, ସଞ୍ଜୟ କୁମାର ବେହେରା, ରୋହିତକାନ୍ତ ଚଲାନ, ସୁଜିତ୍ ବହିଦାର, ସିଦ୍ଧାର୍ଥ ନାୟକ, ଅଶ୍ୱିନୀ କୁମାର ସାହୁ, ନିମାଞ୍ଚଳ ନାଏକ, ପ୍ରକାଶ ନାଏକ, ବିଶ୍ୱଜିତ୍ କର, ଜୟଶଙ୍କର ନାଏକ, ବିଭୁତି ସାହୁ, କମଳ ଲୋଚନ ଶତପଥି, ନିକେତନ ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



କଳାହାଣ୍ଡି ଓକିଲ ସଂଘ ୫ ତାରିଖ ପଶ୍ଚିମ ଓଡ଼ିଶା ବନ୍ଦ ପାଳନରେ ସାମିଲ ହେବେ କି ନାହିଁ ସେ ନେଇ ଆଲୋଚନା କରୁଛି ।

**୫ ତାରିଖ ପଶ୍ଚିମ ଓଡ଼ିଶା ବନ୍ଦରେ ସାମିଲ ହେବନାହିଁ**

## ସଂକ୍ଷେପରେ

### ଓପିଟିସିଏଲ୍ ଗ୍ରିଡ୍ ମରାମତି ପାଇଁ ବିଦ୍ୟୁତ୍ କାଟ୍

**ଭବାନୀପାଟଣା,୪।୨(ଡି.ଏନ.ଏ.)** ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଭଙ୍ଗାବାବରିରେ ଥିବା ଓପିଟିସିଏଲ ଗ୍ରିଡ୍ ମରାମତି ପାଇଁ ବିଦ୍ୟୁତ କାଟ ହେବ ବୋଲି ୱେସ୍କୋର ପୂର୍ବଖଣ୍ଡ ଡିଭିଜନର ନିର୍ବାହୀଯନ୍ତ୍ରୀ ଇଂ ଆଲୋକ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଗ୍ରିଡ ମରାମତି ପାଇଁ ବିଦ୍ୟୁତ କାଟ ହେବ ବୋଲି ସୂଚନା ମିଳିଛି। ଫେବୃୟାରୀ ୫ ତାରିଖରୁ ୧୧ ତାରିଖ ଓ ୧୩ ତାରିଖ ସକାଳ ୯ ଟାରୁ ଦିନ ୧ଟା ପର୍ଯ୍ୟନ୍ତ ବିଦ୍ୟୁତ ସେବା ବନ୍ଦ ରହିବ। ସେହିଭଳି ଫେବୃୟାରୀ ୧୪ ତାରିଖ ସକାଳ ୭ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ବିଦ୍ୟୁତ ସେବା ବନ୍ଦ ହେବ ବୋଲି ସୂଚନା ମିଳିଛି। ଏଥିଯୋଗୁ ଭବାନୀପାଟଣା ସହର, କାମଠଣା, ଭଙ୍ଗାବାରି, ମେଦିନୀପୁର, ଶଗଡା, ଦେପୁର, କୁଟୁଖମାର, ବାନ୍ଦୋପଲା ସମେତ ଭବାନୀପାଟଣା ସହରର ଆଖପାଖ ଅଞ୍ଚଳରେ ବିଦ୍ୟୁତ ସେବା ବନ୍ଦ ରହିବ।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ଆହତ

**ଭବାନୀପାଟଣା,୪।୨(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୟପାଟଣା-ମୋଟେର ମୁଖ୍ୟରାସ୍ତା ଶିବ ମନ୍ଦିର ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଜୟପାଟଣା ଥାନା ପାଣିଗାଁର ଗୋପବନ୍ଧୁ ରାଉତ (୩୦) ଏବଂ ଭାରତ ରାଉତ (୪୦) ଏକ ମୋଟରସାଇକେଲ (ନଂ.ଓଆର ୦୮ଜି-୪୮୩୫) ଯୋଗେ ଜୟପାଟଣାରୁ ନିଜ ଗ୍ରାମ ପାଣିଗାଁକୁ ଯାଉଥିଲେ। ବିପରିତ ଦିଗକୁ ଆସୁଥିବା ଚୁରାଗାଁର ଜଏମଲ ରାଉତ (୪୫)ଙ୍କ ମୋଟରସାଇକେଲ (ନଂ.ଓଆର ୦୮ଏମ୍-୩୪୯୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି।

### ଆନନ୍ଦମାର୍ଗ ୟୁନିଭର୍ସାଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା,୪।୨(ଡି.ଏନ.ଏ.)** ଆନନ୍ଦମାର୍ଗ ୟୁନିଭର୍ସାଲ ରିଲିଫ ଟିମ୍ ପକ୍ଷରୁ ଭବାନୀପାଟଣା ସହର ଜିଲା ମୁଖ୍ୟ ଡାକ୍ତରଖାନାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ଦୟାଶିଖରା ନନ୍ଦଙ୍କ ନେତୃତ୍ୱରେ ଆନନ୍ଦମାର୍ଗର ପ୍ରଚାରକ ସଂଘର ଡଃ ଅଶୋକ ରଥ, ଆଲୋକ ବେହେରା, ସବିତା ମହାନନ୍ଦ, ତନୁଜା ରଥ, ଦିପ୍ତି ପଟେଲ, ରଞ୍ଜିତା ନିଆଲ, ଦକ୍ଷ ସାହୁ, ବିଜୟ ଶବର, ହାତୀରାମ ଦୁର୍ଗା ପ୍ରମୁଖ ଲୋକମାନଙ୍କୁ ସଚେତନତା କରାଇଥିଲେ। ଏହା ପରେ ସଦର ମୁଖ୍ୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡିଏମଓ ଜଗୁଲାଲ ଅଗ୍ରୱାଲ, ଡା. ବିଶ୍ୱଜିତ ହୋତା, ହେମନ୍ତ ଚୌହାନ, ରଞ୍ଜିତ ଭଟ୍ଟାଚାର୍ଯ୍ୟ, ଦିନେଶ ପଟେଲ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଭବାନୀପାଟଣା,୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ବୋର୍ଡା ଫାଣ୍ଡି ଅଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବୋର୍ଡା ଫାଣ୍ଡି ଅଞ୍ଚଳର ଲୋକେଶ ମାଝି (୨୨)। ସେ ନିଜ ସମ୍ପର୍କୀୟ କାକଙ୍କ ଘର କାମ କରିବାକୁ ଶ୍ରମିକ ଭାବେ ଯାଇଥିଲେ। ନିର୍ମାଣାଧୀନ ଘର ଲୁହା ରଡ ସିଧା କରିବା ବେଳେ ୧୧ କେ.ଭି ସଂସ୍ପର୍ଶରେ ଆସିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଟ୍ରାକ୍ଟର ଓଲଟି ୨ ଆହତ

**ଭବାନୀପାଟଣା,୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳ ଇନ୍ଦ୍ରାବତୀ ଟେଲ୍ରେସ୍ କେନାଲ ରାଣିବାହାଲ ବ୍ରିଜ ତଳକୁ ଏକ ଟ୍ରାକ୍ଟର ଖସି ପଡିବାର ଡ୍ରାଇଭର ଏବଂ ଜଣେ ଶ୍ରମିକ ଆହତ ହୋଇଛନ୍ତି। ସୂଚନା ଅନୁସାରେ ସୋମବାର ପ୍ରାୟ ୨ଟା ବେଳେ ଏକ ଟ୍ରାକ୍ଟର (ନଂ.ଓଆର୦୮-ଏଫ୍ ୪୦୫୦)ରେ ମେଟାଲ ବୋଝେଇ ହୋଇ ରାଣିବାହାଲସ୍ଥିତ ଏକ କ୍ରଶର ଅଭିମୁଖେ ଅସୁଥିଲା। ଏହି ସମୟରେ ରାଣିବାହାଲ-ମାଉଳି ମନ୍ଦିର ରାସ୍ତା ଟେଲ୍ରେସ କେନାଲ ପୋଲ ତଳକୁ ଖସି ପଡିପଡିବାରୁ ୨ ଜଣ ଆହତ ହୋଇଛନ୍ତି।

## ନାବାଳିକାକୁ ଅପହରଣ, ବଳାତ୍କାର ଅଭିଯୋଗ

**ପର୍ଲା,୪।୨(ଡି.ଏନ.ଏ.)**

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତାଙ୍କ ମା'ବାପା**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଧଅରପୁର ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ପରେ ବଳାତ୍କାର କରାଯାଇଥିବା ନେଇ ସୋମବାର କଳାହାଣ୍ଡି ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି । ଡାକ୍ତରିମାଇନା ପାଇଁ ନାବାଳିକାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଗ୍ରାମର ଗଜ ପାୟାସିଂ (୨୦) ନାମକ ଯୁବକ ହାଇଦ୍ରାବାଦଠାରେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଗତ ୨୦୧୯ ଏପ୍ରିଲ ୨୦ରେ ନାବାଳିକା ଘରେ ଏକା ଥିବା ବେଳେ ଗଜ ପାୟାସିଂ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଲୋକ ଲଜ୍ଜା ଭୟରେ ଥାନାରେ କୌଣସି ଅଭିଯୋଗ ନ କରି ଗ୍ରାମରେ ଏକ ବୈଠକ କରି ସମାଧାନ କରାଯାଇଥିଲା। ବୈଠକରେ ଗଜ ଆଉ କେବେ ଏଭଳି କାମ କରିବ ନାହିଁ ବୋଲି ଲିଖିତ ଭାବେ ଗାଁ କମିଟିକୁ ଦେଇଥିଲେ। ଭବିଷ୍ୟତରେ କିଛି ଅଘଟଣ ଘଟିବା ଆଶଙ୍କା ନେଇ ବାପା ଝିଅକୁ ନେଇ ହାଇଦ୍ରାବାଦରେ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ଗଜ ପାୟାସିଂ ହାଇଦ୍ରାବାଦ ଯାଇ ବାପା ମା'ଙ୍କ ଅନୁପସ୍ଥିତିରେ ସେଠାରୁ ଅପହରଣ କରିଥିଲେ। ଦୀର୍ଘ ୨୦ ଦିନ ଧରି ଏକ ଅଜଣା ସ୍ଥାନରେ ରଖି ବଳାତ୍କାର କରିଥିବା ନାବାଳିକା କହିଛନ୍ତି। ଗଜ ପାୟାସିଂଙ୍କ ବାପା କୃଷ୍ଣଚନ୍ଦ୍ର, ବଡପୁଅ ରୁପେନ୍ଦ୍ରଙ୍କ ସହ ଧଅରପୁର ଗ୍ରାମର ୩ଜଣ ଯୁବକଙ୍କୁ ହାଇଦ୍ରାବାଦ ପଠାଇ ସେଠାରେ ମାରିଦେବାକୁ ଉଦ୍ୟମ କରାଯାଇଥିଲା ବୋଲି ନାବାଳିକା ଅଭିଯୋଗ କରିଛନ୍ତି। ୩ଜଣ ମିଶି ମାଡ ମାରିବାରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ପୋଲିସଙ୍କ ସହାୟତାରେ ଏକ ମହିଳା ହଷ୍ଟେଲରେ ରଖାଯାଇ ବାପା ମା'ଙ୍କୁ ଖବର କରାଯାଇଥିଲା। ସେଠାର ଭାଷା ଅଜଣା ଯୋଗୁ ସ୍ଥାନୀୟ ଥାନାରେ ଅଭିଯୋଗ ନ କରି ଝିଅକୁ ନେଇ ଘରକୁ ଫେରି ଆସିଥିଲେ। ଏ ନେଇ କୋକସରା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୋଗକୁ ଅଧିକାରୀ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି। ଏପରିକି ଦୀର୍ଘ ୮ରୁ ୧୦ ଦିନ ହେବ କୋକସରା ପୋଲିସ ଜାଣିଶୁଣି ଘଣ୍ଟ ଘୋଡାଉଥିବା ସହ ଅଭିଯୋଗ ଗ୍ରହଣ କରୁ ନ ଥିବା ଜଣାପଡ଼ିଛି। ଶେଷରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପାଖରେ ନାବାଳିକ ଓ ବାପା ମା' ଯାଇ ଅଭିଯୋଗ କରିଛନ୍ତି। କୋକସରା ଥାନା ଅଧିକାରୀ ବାସୁଦେବ ଛତାରିଆଙ୍କୁ ପଚାରିବାରୁ ମଙ୍ଗଳବାର ଏ ନେଇ ଏକ ମାମଲା (ନଂ. ୨୪/୨୦୨୦) ରୁଜୁ ହୋଇଛି।

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**କୋକସରା,୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନଂ. ଜାତୀୟ ରାଜପଥ କୁସୁମଖୁଣ୍ଟି-ନୂଆପଡା ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକକ ହେଲେ କୋକସରା ବ୍ଲକ ସାନପୋଡାଗୁଡା ପଞ୍ଚାୟତ ନେଗିଗୁଡା ଗ୍ରାମର ବୀର କିଶୋର ଗୋପାଳ (୫୦)। ନେଗିଗୁଡା ଗ୍ରାମର ବୀର କିଶୋର ମଙ୍ଗଳବାର ସକାଳୁ ସାଇକେଲରେ ଜାଳେଣି କାଠ ବିକ୍ରି କରିବାକୁ ମୋଟେର ଯାଇ ଘରକୁ ଫେରୁଥିଲେ। ଏହି ସମୟରେ କୁସୁମଖୁଣ୍ଟି-ନୂଆପଡା ଛକ ନିକଟରେ ଏକ ବାଇକ (ନଂ. ଓଡି୦୮ଜେ-୫୫୧୭) ସାଇକେଲ ଆରୋହୀ ବୀର କିଶୋରଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଗଭିର କ୍ଷତ ହେବା ସହ ରକ୍ତସ୍ରାବ ହୋଇଥିଲା। ହିରଣ୍ୟ ବେହେରା ଗୁରୁତର ବ୍ୟକ୍ତିଙ୍କୁ ସ୍ଥାନୀୟ କୁସୁମଖୁଣ୍ଟି ଏଲଏଣ୍ଡଟି କାର୍ଯ୍ୟାଳୟ ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକ ଓ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି। ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। କୋକସରା ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା (ନଂ ୨୩/୨୦୨୦) ରୁଜୁ ହୋଇଛି।



ମଣ୍ଡିରେ ପଡିରହିଛି ଚାଷୀଙ୍କ ଧାନ।

## ୧୦ ଦିନ ହେଲା ମଣ୍ଡିରେ ପଡ଼ିଛି ଧାନ

**କର୍ଲାମୁଣ୍ଡା,୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର କର୍ଲାମୁଣ୍ଡା ସମବାୟ ସମିତି ଜରିଆରେ ଖୋଲିଥିବା ମଣ୍ଡିରେ ଗତ ୧୦ ଦିନ ହେଲା ଧାନ ପଡ଼ିରହିଛି। ହେଲେ ଧାନ ଉଠାଇବା ବ୍ୟବସ୍ଥା ପ୍ରଶାସନ କରୁ ନ ଥିବାରୁ ଚାଷୀମାନେ ଶୀତ କାକରରେ ମଣ୍ଡିରେ ପଡି ରହିଥିବା ଦେଖିବାକୁ ମିଳିଛି। ସୂଚନା ମତେ ଜାନୁୟାରୀ ଶେଷ ସପ୍ତାହରୁ ସ.ମାଲପଡା, ପୁଟିଗାଁ, ରାଜପୁର, କର୍ଲାମୁଣ୍ଡା, ଝାରମୁଣ୍ଡା ଓ ଓଡିଆମୁଣ୍ଡା ପ୍ରମୁଖର ପ୍ରାୟ ୨୧୦ ଜଣ ଚାଷୀ ୧୭ ହଜାର କୁଇଣ୍ଟାଲ ଧାନ ଆଣି ରଖିଛନ୍ତି। ଦୀର୍ଘଦିନ ବିତିଥିଲେ ହେଁ ମଣ୍ଡିରୁ ଧାନ ଉଠିପାରୁ ନ ଥିବା ସଂ.ମାଲପଡା ଚାଷୀ ଅନ୍ତରାମ ସାହୁ, ପୁଟିଗାଁ ଚାଷୀ ଗୋପୀନାଥ ସାହୁ, ରାଜପୁର ଚାଷୀ ବିଶିକେଶନ ସାହୁ ଅଭିଯୋଗ କରିଛନ୍ତି। ଏ ନେଇ କର୍ଲାମୁଣ୍ଡା ସମବାୟ ସମ୍ପାଦକ ଭବାନୀ ଶଙ୍କର ସାହୁଙ୍କୁ ପଚାରିବାରୁ ପୂର୍ବରୁ ଚାଷୀମାନଙ୍କ ଟୋକନ୍ ଇସୁ୍ୟ ହୋଇଥିଲା ଓ ସେ ସମୟରେ ରିଞ୍ଜାଠାରେ ସବ ମଣ୍ଡି ଚାଲୁଥିବାରୁ କର୍ଲାମୁଣ୍ଡା ମଣ୍ଡି ବନ୍ଦ ରହିଥିଲା। ଫଳରେ ଚାଷୀଙ୍କ ଟୋକନ ଡିଲେଟ ହୋଇଗଲା। ଏବେ ସେମାନେ ବିନା ଟୋକନରେ ଧାନ ଆଣିଥିବାରୁ ଧାନ ଉଠାଇବା ନେଇ ସମସ୍ୟା ଉପୁଜିଛି ବୋଲି କହିଛନ୍ତି। ଅନ୍ୟପଟେ କର୍ଲାମୁଣ୍ଡା ତହସିଲଦାର ବାସନ୍ତୀ ସେଠିଙ୍କୁ ପଚାରିବାରୁ ମୁଁ ମଣ୍ଡି ପରିଦର୍ଶନ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଛି। ଯାହା ହେବ ଭୁବନେଶ୍ୱରସ୍ତରରେ ହିଁ ହୋଇପାରିବ। କାରଣ ଟୋକନ ଇସୁ୍ୟ ଭୁବନେଶ୍ୱରରେ ହିଁ ହେଉଛି ବୋଲି କହିଥିଲେ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

**ଉଠାଇବାକୁ ପ୍ରଶାସନ ନେଉନି ପଦକ୍ଷେପ**

## ଏସ୍.ସି.ସି. ଭବାନୀପାଟଣା ବିଜୟୀ

■ ପ୍ରଥମ ଜୁନିୟର ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ

**ଭବାନୀପାଟଣା,୪।୨(ଡି.ଏନ.ଏ.)**

କଳାହାଣ୍ଡି କ୍ରୀଡ଼ା ସଂସ୍ଥା ଆନୁକୁଲ୍ୟରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିବସରେ ଏସ୍.ସି.ସି. ଭବାନୀପାଟଣା ଦଳ ବିଜୟୀ ହୋଇଛି। ଏସ୍.ସି.ସି. ଭବାନୀପାଟଣା ବନାମ ଏସ୍କନ୍ ନର୍ଲା ମଧ୍ୟରେ ହୋଇଥିଲା। ଏସ୍.ସି.ସି. ଭବାନୀପାଟଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୯୬ ରନ କରିଥିଲା। ଜବାବ୍‌ରେ ଏସ୍କନ୍ ନର୍ଲା ଦଳ ୧୦ ଉଇକେଟ ବିନିମୟରେ ୧୬୧ ରନ କରିଥିଲେ। ଫଳରେ ଏସ୍.ସି.ସି. ଭବାନୀପାଟଣା ଦଳ ବିଜୟୀ ହୋଇଥିଲା। ଏସ୍.ସି.ସି. ଭବାନୀପାଟଣା ଦଳ ପକ୍ଷରୁ ଉମେଶ ଚନ୍ଦ୍ର ସରାଫ ସର୍ବାଧିକ ୫ ଉଇକେଟ ନେଇଥିବା ବେଳେ ଶେଷଦେବ ସୁନା ୮୫ ବଲରେ ୮୨ ରନ କରିଥିଲେ। ମ୍ୟାଚ୍‌ରେ ଅମ୍ପାୟାର ଭାବେ ପ୍ରଭାତ କୁମାର ବ୍ରହ୍ମା ଓ ରମେଶ ସାହୁ ପରିଚାଳନା କରିଥିଲେ। ୨ୟ ଦିବସରେ ମୁଖ୍ୟଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ ଯୋଗଦେଇଥିଲେ। ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ସୁନିଲ କୁମାର ବେହେରା, କାଳିପ୍ରସାଦ ପଟ୍ଟନାୟକ, ମହମଦ୍ ଅବଦୁଲ କାଦର, ଭିକାରୀ ଚରଣ ମିଶ୍ର, ସୁବାସ ଚନ୍ଦ୍ର ପଣ୍ଡା, ଶମ୍ଭୁ ପ୍ରସାଦେ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, କ୍ରିଡା ଶିକ୍ଷକ ସମୀର ରଞ୍ଜନ ନାଏକ, ଅଶୋକ ପଟ୍ଟନାୟକ, ଧିରେନ୍ଦ୍ର ପଟ୍ଟନାୟକ, ବିପିନ ମିଶ୍ର, ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କ୍ରିକେଟ ସମ୍ପାଦକ ସନ୍ତୁ ସିଂଙ୍କ ନେତୃତ୍ୱରେ ମ୍ୟାଚ୍ ହୋଇଥିଲା।



୨ୟ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଭୀମା ବିହା ସଂଗେ ବାଲିଯାତ୍ରା ଉଦ୍‌ଯାପିତ

**କୋକସରା,୪।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଁଚେତ୍ ଧନସରାରେ ଗଲା ୩ ମାସ ଧରି ପାଲିତ ହେଇଥିବାର ବାଲିଯାତ୍ରା ମାଘ ମାସ ଉଜିଆ ଦଶମୀ ମଙ୍ଗଳବାର ଦିନ ଉଦ୍‌ଯାପିତ ହେଇଯାଇଛେ। ଇ ଯାତ୍ରାଟା ଧନସରାର ମା'ଲଙ୍କେଶ୍ୱରୀ ଗାଁ ପୂଜା କମିଟି ତରଫୁ ଆୟୋଜିତ ହେଇଥିଲା। ଯାତ୍ରାରେ ମାଟି ଦେବତା ଭୀମାକଁର ପୂଜାପାଠ୍ ସଂଗେ ବିହା ପରବ୍ ଅନୁଷ୍ଠିତ ହେଇଥିଲା। ପଛେ ପୋଡ଼ ବଲି ପଡ଼ି ଯାତ୍ରା ଉଦ୍‌ଯାପିତ ହେଇଛେ।

ପରଥା ଅନ୍‌ସାରେ ଚାଷ୍ କାମ୍ ମୂଳ କରବାର ଆଗ୍‌ରୁ ଗାଁବାସୀ ମାନସିକ ପୂରନ ଆର ଭଲ ଚାଷ୍‌ବାସ ଲାଗି ମାଟି ଦେବତା ଭୀମାକଁର ବିହାର ଆୟୋଜନ କରସନ୍। ଇ ପରବ୍‌ର ମୁଖିଆ ଆକରଷନ୍ ହେଉଛେ ଗୁରୁମେ ଗାଁର ଶେଷ ମୁଡ଼ସାନେ ଗୁଟେ ମାଏଟ୍ ଘର କରି ୩ ମାସ୍ ତକ୍ ପୂଜାପାଠ୍ କରସନ୍। ସେନ୍ତା ଗାଁର ମଂଗଲ କାମନା କରି କୁଆଁରୀ ଟୁକେଲମାନକୁ ଫିଦିନ ପୂଜାପାଠ୍ କରାଯାଏସି ଆର ସେମାନକର ଦିହେ ଦେବତା ଭରେଇ ଭକତମାନକର ମାନସିକ ପୂରନ୍ କରାଯାଏସି। ଶେଷେ ଗୁଟେ ପୋଡ଼କେ ଗାଁର ପୂଝାରୀକଁର ଘରୁ ପୂଜାପାଠ୍ କରି ବାଲିଯାତ୍ରା ପଡ଼ିଆକେ ପରସେଶନରେ ଆନ୍‌ସନ। ସେଠାନେ ଧରନୀପେନୁ (ମାଟି ଦେବତା)କଁର ଉଦେଶରେ ଗୁରୁମେ ପୂଜାପାଠ୍ କରସନ୍। ଗାଁର ପୂଝାରୀ ଇ କାମ୍‌ରେ ତାହାକୁ ସହଯୋଗ କରସନ୍। ପୂଜାପାଠ୍‌କେ ୩ ମାସ ପୂରଲା ଉତାରୁ ଗୁରୁମେକଁର ନିରଦେଶରେ ପୂଜା ପାଉଥିବାର ପୋଡ଼କେ ମାଟି ଦେବତାର ଉଦେଶ୍‌ରେ ବଲି ଦେଇ ତାର ରକତ୍‌କେ ଭୋଗ୍ ହିସାବେ ସମରପନ୍ କରାଯାଏସି। ଇ ପୂଜାପାଠ୍‌ରେ ଧରନୀ ଦେବତା ଖୁସ୍ ହେବାର ସଂଗେ ଗାଁବାସୀକର ମଂଗଲ କରସନ୍, ଚାଷ୍‌ବାସ ଭଲ ହେସି ବଲି ଆଏଜ୍ ବି ଲୋକ୍ ବିଶୁଆସ ରହିଛେ। ଇ ବାଲିଯାତ୍ରା ପରବ୍‌ଟା ବଉଁଶ ପରଂପରା ହିସାବେ ପାଲନ ହେଇ ଆସୁଥିଲାବେଳେ ଇଟା ଆଦିବାସୀମାନକର ଗୁଟେ ମୁଖିଆ ପରବ୍ ଆଏ। ବାଲିଯାତ୍ରା କମିଟିରେ ଗାଁର ଗଉଁତିଆ ଆର ପୂଜା କମିଟି ସଭାପତି ରୁଦ୍ର ପ୍ରସାଦ ନାଏକ, ଗାଁ ପୂଝାରୀ ସୁରେଶ ପୂଝାରୀ, ଉପସଭାପତି କ୍ଷେତ୍ରମୋହନ ସତନାମୀ, ସମ୍ପାଦକ ଜଗତରାମ ସତନାମୀ, ସହ ସମ୍ପାଦକ ତନୁକଲାଲ ନାଗ, କୋଷାଧ୍ୟକ୍ଷ ବରିଞ୍ଚି ଶବର, ଲକ୍ଷ୍ମଣ ନାଏକ, ଭୋଲାନାଥ ନାଏକ, ଗାଁର ନରିଆ ଶିବ ରାଉତ ପରମୁଖ ରହି ପରିଚାଳନା କରିଥିଲେ। ସେନ୍ତା ଧନସରା ଆର ଆସର ପାସର ଗାଁର ଶତାଧିକ ଲୋକ୍ ପରିଚାଳନାରେ ଭାଗ ନେଇଥିଲେ। ଇ କୃଷି ଭିତିକ ପରବ୍ ବାଲିଯାତ୍ରା ଅବ୍‌ସରରେ ଗାଁରେ ୩ ମାସ୍ ଧରି ଉଛବ୍‌ର ମାହୋଲ ଦେଖିବାକେ ମିଳିଥିଲା। ଉଦ୍‌ଯାପନୀ କାଯ୍‌କରମରେ ଯୁବନେତା ଦିଗାମ୍ବର ଦୁରିଆ, ସନ୍ତୋଷ କୁମାର ପାଢୀ, ଗୋବିନ୍ଦ ଜାଳ, ଶ୍ୟାମ ସୁନ୍ଦର ମାଝି, ଢଗ ନାଏକ ପରମୁଖ ଠୋଲ ହେଇଥିଲେ।



ଧରନୀପେନୁକଁର ପୂଜାପାଠ୍ ଚାଲିଛେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୫ ଫେବୃୟାରୀ, ୨୦୨୦



ଗୋଟିଏ କର୍ତ୍ତବ୍ୟର ପୁରସ୍କାର ହେଲା ଆଉ ଗୋଟିଏ କର୍ତ୍ତବ୍ୟ ସମ୍ପାଦନ ପାଇଁ ଶକ୍ତି ଆହରଣ।
- ଜର୍ଜ ଆଲିଅଟ୍



## ସଂକ୍ଷେପରେ...

### ବିଦ୍ୟାଳୟକୁ ଆସୁଥିବା ବେଳେ ବସ ଧକ୍କାରେ ଛାତ୍ରୀ ଗୁରୁତର

ଲହୁଣୀପଡା, ୪।୨ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା କଲେଜ ଛକ ନିକଟରେ ମଙ୍ଗଳବାର ପ୍ରାୟ ସାଢ଼େ ୯ଟା ବେଳେ ଦୁର୍ଘଟଣା ଘଟିଛି। ବିଦ୍ୟାଳୟକୁ ସାଇକେଲ ଯୋଗେ ଆସୁଥିବାବେଳେ ଛାତ୍ରୀ ବସ ଧକ୍କାରେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଲହୁଣୀପଡା ଥାନା ଅନ୍ତର୍ଗତ ସାଲେଇଡିହି ଗ୍ରାମର ସୁନ୍ଦରମଣୀ ମୁଣ୍ଡା (୧୪) ସାଇକେଲ ଯୋଗେ ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଆସୁଥିଲେ। କେ.ବଲାଙ୍ଗ ପଟୁ ରାଉରକେଲା ଯାଉଥିବା ଯାତ୍ରୀବାହୀ ସଦାମ ବସ ଓଆର୍ ୧୪ ଭି- ୧୫୭୧ ଛାତ୍ରୀଙ୍କୁ ଧକ୍କା ଦେଇଥିଲା। ଫଳରେ ସାଇକେଲ ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ଛାତ୍ରୀ ଜଣକ ଛିଟିକି ଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୁନ୍ଦରମଣୀଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ମଧ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବସ ଓ ସାଇକେଲକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଛକରେ ହମ୍ପ୍ ନିର୍ମାଣ ପାଇଁ ଲୋକେ ଦାବି କରିଛନ୍ତି।

# ନୂଆଗାଁରେ ହେବ ଇନାମ ହୋଲସେଲ ମାର୍କେଟ

## ଭିଡିଓ କନଫରେନ୍ସିଂ ଯୋଗେ ଉଦ୍‌ଘାଟନ କଲେ ରାଜ୍ୟପାଳ

ନୂଆଗାଁ, ୪।୨ (ଡି.ଏନ.ଏ)

ବହୁପ୍ରତୀକ୍ଷିତ ପ୍ରଧାନମନ୍ତ୍ରୀ ଡ୍ରିମ ପ୍ରୋଜେକ୍ଟ କୁହାଯାଉଥିବା ନ୍ୟାଶନାଲ ଏଗ୍ରିକଲଚରାଲ ମାର୍କେଟିଂ (ଇନାମ) ହୋଲସେଲ ମାର୍କେଟ ବ୍ୟବସ୍ଥାକୁ ମଙ୍ଗଳବାର ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଶୁଭ ଉଦ୍‌ଘାଟନ କରିଛନ୍ତି। ସୁନ୍ଦରଗଡ ଜିଲାର ନୂଆଗାଁ ବ୍ଲକର ଫୁଲଝର ଗ୍ରାମରେ ନିର୍ମାଣ ହେବାକୁ ଯାଉଥିବା ଇନାମ ହୋଲସେଲ ମାର୍କେଟ ଜିଲାରେ ପ୍ରଥମ ବୋଲି କୁହାଯାଉଛି। ଫୁଲଝର ଗ୍ରାମରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ରାଜ୍ୟପାଳ ସୁନ୍ଦରଗଡରୁ ଭିଡିଓ କନଫରେନ୍ସିଂ ଯୋଗେ ଏହାର ଶୁଭ ଉଦଘାଟନ କରିଥିଲେ।

ନୂଆଗାଁ ବ୍ଲକ ଏକ କୃଷି ବହୁଳ ବ୍ଲକ ଥିବାରୁ ଏବଂ ଉକ୍ତ ବ୍ଲକର ଉତ୍ପାଦିତ ପନିପରିବା ଚାଷ ବହୁଳ ଭାବେ ବିଭିନ୍ନ ରାଜ୍ୟକୁ ଯାଉଥିବାରୁ ଉକ୍ତ ବ୍ଲକରେ ଏହି ପ୍ରକଳ୍ପ ଚାଷୀ ମହଲରେ ଆନନ୍ଦ ଆଣି ଦେଇଛି। କେବଳ ଏତିକି ନୁହେଁ, ଉକ୍ତ ସ୍ଥାନରେ ଏକ ଶୀତଳଭଣ୍ଡାର ମଧ ହେବାକୁ ଯାଉଛି। ତେଣୁ ଉକ୍ତ ବ୍ଲକର ୨୦ଟି ପଞ୍ଚାୟତର ହଜାର ହଜାର ଚାଷୀ ଉପକୃତ ହେବା ସହ ବିଶ୍ରା ବ୍ଲକର ମଧ ଅନେକ ଚାଷୀ ଉପକୃତ ହେବେ। ବିଶେଷକରି ଚାଷୀମାନଙ୍କ ନିଜ ଉତ୍ପାଦିତ ଜିନିଷର ବଜାର ସୁବିଧା ସାଙ୍ଗକୁ ସଂରକ୍ଷିତ ସୁବିଧା ନିଶ୍ଚିତ ରୂପେ ଚାଷୀମାନଙ୍କ ଆର୍ଥୀକ ସ୍ଥିତି ସୁଦୃଢ଼ କରିବାରେ ସହାୟକ ହେବ। ଉକ୍ତ ବ୍ଲକର ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରୁଥିବା ବେଳେ ଚାଷୀମାନେ ଖରା, ବର୍ଷା, ଶୀତ କାକରରେ ଲଢ଼େଇ କରି ନିଜ ଉତ୍ପାଦିତ ଶସ୍ୟ, ପନିପରିବାଗୁଡିକୁ ଅତି କମ୍ ଦାମରେ ବିକ୍ରି କରିଥାଆନ୍ତି। ବିଭିନ୍ନ ଅଞ୍ଚଳର ଲାଭଖୋର ବେପାରୀ ଦ୍ୱାରା ଶୋଷିତ ହୋଇ ନିଜ ମୂଳ ଟଙ୍କା ମଧ ଫେରିପାଇବା କଷ୍ଟକର ହୋଇପଡେ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଇନାମ ଓ ଶୀତଳ ଭଣ୍ଡାର ଚାଷୀମାନଙ୍କ ମନୋବଳ ବୃଦ୍ଧି କରିବ ବୋଲି ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରକାଶ କରିଥିଲେ। ବୀରମିତ୍ରପୁର ବିଧାୟକ ହେବା ପରେ ଶଙ୍କର ଓରାମ ନୂଆଗାଁ ଓ ବିଶ୍ରା ବ୍ଲକ ଚାଷୀମାନଙ୍କ ପାଇଁ ଏହାବଡ ପଦକ୍ଷେପ ବୋଲି କୁହାଯାଉଛି। ନିୟନ୍ତ୍ରିତ ବଜାର କମିଟି ପାନପୋଷର ପ୍ରତ୍ୟେକ ତତ୍ତ୍ୱାବଧାନରେ ଫୁଲଝର ଗ୍ରାମରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ଜିଲାପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ବୀରମିତ୍ରପୁର ତହସିଲଦାର ଅଂଶୁମାନ ଦାସ, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ଟୁଟୀ, ବିଶ୍ରା ବ୍ଲକ ଜିଲାପରିଷଦ (ଖ) ସଭ୍ୟ ଅର୍ଜ୍ଜୁନ ଓରାମ, ନୂଆଗାଁ ବ୍ଲକ ବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।



ଫୁଲଝର ଗ୍ରାମରେ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଓ ସରକାରୀ ଅଧିକାରୀ ଉପସ୍ଥିତ।

## ଜଗନ୍ନାଥ ଧାମରୁ ବଦ୍ରିନାଥ

ପୁରୀ ଅଫିସ, ୪।୨: ଭଗବାନଙ୍କ ପ୍ରତି ବିଶ୍ୱାସ ଥିଲେ ସବୁକିଛି ସମ୍ଭବ। କିନ୍ତୁ ଏଥିପାଇଁ ଦରକାର ନିଷ୍ଠା, ଏକାଗ୍ରତା ଏବଂ ସମର୍ପଣ ଭାବ। ଆଉ ବିଶ୍ୱାସ ହିଁ ଅସମ୍ଭବକୁ ସମ୍ଭବରେ ପରିଣତ କରାଇବାକୁ ସାହସ ଦେଇଥାଏ। ଲକ୍ଷ୍ୟ ଦୂର ହେଉ କି ସ୍ୱପ୍ନ ପୂରଣ କରିବା ସହଜ ନ ଥାଉ, ବିଶ୍ୱାସ ହିଁ ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ। ଏମିତି ମହାପ୍ରଭୁଙ୍କ ସ୍ୱପ୍ନାଦେଶକୁ ବିଶ୍ୱାସ କରି କଠିନ ଯାତ୍ରା ଆରମ୍ଭ କରିଛନ୍ତି ଝାଡ଼ଖଣ୍ଡର ଜଣେ ସାଧୁ। ତାଙ୍କ ନାମ ବଡ଼ ଝାଡ଼ଖଣ୍ଡି ବାବା। ମଙ୍ଗଳବାର ସେ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି ପୁରୀରୁ ଦଣ୍ଡପ୍ରଣାମ ଯାତ୍ରା ଆରମ୍ଭ କରିଛନ୍ତି। ଆଉ ଏମିତି ଦଣ୍ଡ ପ୍ରଣାମ କରି କରି ଯିବେ ସୁଦୂର ବଦ୍ରିନାଥ। ଜଗନ୍ନାଥ ଧାମରୁ ବଦ୍ରିନାଥ ଯାତ୍ରା ତାହା ପୁଣି ଦଣ୍ଡ ପ୍ରଣାମ କରି କରି ଯେ କେହି ଶୁଣିଲେ ବି ଚକିତ ହୋଇପଡ଼ିବେ। କିନ୍ତୁ ଏଭଳି ଯାତ୍ରାରେ ବାହାରିଛନ୍ତି ବଡ଼ ଝାଡଖଣ୍ଡି ବାବା। ପ୍ରତିଦିନ ଏମିତି ୫ କି.ମି. ଯିବା ଲାଗି ସେମାନଙ୍କ ଲକ୍ଷ୍ୟ ରଖିଛନ୍ତି। ବିଭିନ୍ନ ଧର୍ମାନୁଷ୍ଠାନରେ ରହିବେ। କିନ୍ତୁ ୩ ବର୍ଷ ମଧ୍ୟରେ ବଦ୍ରିନାଥ ମଧ୍ୟରେ ପହଞ୍ଚିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି ଯାତ୍ରା ସମୟରେ ସେମାନେ କୌଣସି ଗାଡ଼ି ବ୍ୟବହାର କରିବେ ନାହିଁ।

# ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଜୟନ୍ତୀ ପାଳିତ

ରାଉରକେଲା ଅଫିସ,୪। ୨

ଓଡ଼ିଆ ସାହିତ୍ୟ କାବ୍ୟ କବିତାର ଏକ ସଶ୍ରଦ୍ଧ ଉଚ୍ଚାରଣ ଥିଲେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର। ବିଦଗ୍ଧ ଚିନ୍ତାମଣି ଯଥାର୍ଥରେ ତାଙ୍କ କବି ପ୍ରତିଭାର ବିଜୟ ବୈଜୟନ୍ତୀ ବୋଲି ଅଭିମନ୍ୟୁଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିରଜା କ୍ଷେତ୍ରରେ ସଂଘ ପକ୍ଷରୁ ସେକ୍ଟର-୭ ସ୍ଥିତ ସିଆର କାର୍ଯ୍ୟାଳୟ ଠାରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୩ତମ ଜୟନ୍ତୀ ପାଳନ କରାଯାଇଥିଲା। ସଂଘର ସଭାପତି ଇଂ ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, କବି ରାଜୀବ ପାଣି ମୁଖ୍ୟବକ୍ତା, ଆଇନଜୀବୀ ଗିରିଶଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ କବିଙ୍କ ଜୀବନୀ ଓ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ରାଉତ ଏହି ଅବସରରେ ନିଜ ବକ୍ତବ୍ୟରେ କହିଲେ ଯେ, ରୀତିଯୁଗୀୟ କବି ପ୍ରତିଭା ମଧ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଅନ୍ୟତମ। ଅସାମାନ୍ୟ ପାଣ୍ଡିତ୍ୟ ଓ ପ୍ରତିଭା ବଳରେ ସେ ଅଭିନବ ରସାତ୍ମକ କାବ୍ୟ ଓ କୋମଳ ପଦାବଳୀ ରଚନା କରି ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ତେବେ ବିଦଗ୍ଧ ଚିନ୍ତାମଣି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ମୁଖ୍ୟବକ୍ତା ପାଣି ନିଜ ବକ୍ତବ୍ୟରେ କହିଲେ ଯେ, ଅଭିମନ୍ୟୁ ସାହିତ୍ୟ ଏକ ଉଚ୍ଚାଙ୍ଗ ସାହିତ୍ୟ। ଗୁରୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦିଗଦର୍ଶନରେ ସେ ରଚନା କରିଥିଲେ ଅନେକ କାବ୍ୟକବିତା। ବୋଲେ ହୁଁ ଟି, ବାଘଗୀତ, ଚଢେଇଗୀତ, ରସକଳା ଓ ଏହାପରେ ପ୍ରଥମ କାବ୍ୟ ରସବତୀ, ପ୍ରେମ, କଳ୍ପଲତା, ସୁଲକ୍ଷଣା, ବୈଦେହିଶ ବିଳାସ, ଭଜନ, ଚଉପଦୀ, ପ୍ରେମକଳା, ପ୍ରେମ ଚିନ୍ତାମଣି ଓ ବିଦଗ୍ଧ ଚିନ୍ତାମଣି ଆଦି ରଚନାରେ ସ୍ୱକୀୟ ପରିଚୟ ପ୍ରତିପାଦିତ କରିଥିଲେ। ସମ୍ମାନିତ ଅତିଥି ମହାପାତ୍ର କହିଲେ ଯେ ଅଷ୍ଟାଦଶ ଶତାବ୍ଦୀର କବି ଅଭିମନ୍ୟୁଙ୍କ କାବ୍ୟ ରାଧାକୃଷ୍ଣଙ୍କ ପ୍ରେମଲୀଳା ଉପରେ ଆଧାରିତ। ସାଂସ୍କୃତିକ ସମ୍ପାଦିକା ଉର୍ବଶୀ ଦାଶ ପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ବରିଷ୍ଠ ଶ୍ରମିକ ନେତା ବୈଦ୍ୟନାଥ ଦାସ ଅନୁଷ୍ଠାନର ସଂକଳ୍ପ ସମ୍ପର୍କରେ ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାମଲ ଅତିଥିଙ୍କ ପରିଚୟ ସହ ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ୟଙ୍ଗକବି ବ୍ରଜବିହାରୀ ଦାଶ ଓ ଅକ୍ଷୟ କୁମାର ଧଳ କବିଙ୍କ ଜୀବନୀ ଓ କବିତା ପାଠ କରିଥିବାବେଳେ ପ୍ରାରମ୍ଭରେ ପ୍ରଭାସିନୀ ଜେନା, ସ୍ୱାଗତିକା ମହାପାତ୍ର, ପ୍ରଜ୍ଞା ପରିମିତା ଦାସ ସଙ୍ଗୀତ ପରିବେଷଣ କରିଥିଲେ। ଦେବସ୍ମିତା ପଟ୍ଟନାୟକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କୁଆଁରମୁଣ୍ଡା ତହସିଲଦାର ସୁଶ୍ରୀ ଚାନ୍ଦିନୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ଆୟୋଜିତ କରାଯାଇଥିବା ପ୍ରତିଯୋଗିତାଗୁଡିକର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିପ୍ଳବୀ କବି ରବି ସିଂ, କବି କଲ୍ୟାଣ ସାହୁ ଓ ପୂର୍ବତନ ସମ୍ପାଦକ ମିହିର କୁମାର ସାହୁଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ବରିଷ୍ଠ ସଦସ୍ୟ ଲକ୍ଷ୍ମୀ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ କେଶରୀ ମହାନ୍ତି, ଗଗନ ବିହାରୀ ଧଳ, ମନୋରଞ୍ଜନ ସାମଲ, ଡ. ଅଶ୍ୱିନୀ ରାୟ, ଶିକ୍ଷାବିତ୍ ପ୍ରଶାନ୍ତ ପତି, ପ୍ରତାପ ରାୟ, କାର୍ତ୍ତିକ ମିଶ୍ର, ଦେବବ୍ରତ ପଟ୍ଟନାୟକ, ବୈକୁଣ୍ଠ ଦ୍ୱିବେଦୀ, ନବକିଶୋର ସାମଲ, ଅଶୋକ ଶୁକ୍ଲା, ଅଲେଖ ନାୟକ, ହରିହର ବେହେରା, ଅକ୍ଷୟ ଜେନା, ଦେବେନ୍ଦ୍ର ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ସାମଲ, ମୌସୁମୀ ସାମଲ, ଚିତ୍ତରଞ୍ଜନ ଦାସ, ବିରଜା ଦାସ, ଜ୍ୟୋତ୍ସ୍ନା ରାୟ, ମୀନତି ସାମଲ, ସଂଯୁକ୍ତା ଶୁକ୍ଲା, ମାନସୀ ପଟ୍ଟନାୟକ, ଶ୍ରୀକାନ୍ତ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବିରଜା କ୍ଷେତ୍ରରେ ସଂଘ ପକ୍ଷରୁ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

# ସୁପ୍ତ ଚେତନାକୁ ଜାଗ୍ରତ କରେ ଶିକ୍ଷା: ରାଜ୍ୟପାଳ

## ବରଙ୍ଗାକଛାର ଉଚ୍ଚ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ

ବଡ଼ଗାଁ, ୪।୨ (ଡି.ଏନ.ଏ)

ସୁପ୍ତ ଚେତନାକୁ ଜାଗ୍ରତ କରେ ଶିକ୍ଷା। ଶିକ୍ଷାରୁ ସତ୍ୟ, ବିନମ୍ର ଓ ସମ୍ପୂର୍ଣ୍ଣତା ପ୍ରାପ୍ତିର ସୃଷ୍ଟି। ବିଦ୍ୟାଶିକ୍ଷାରୁ ଅମୃତ ପ୍ରାପ୍ତି ହୋଇଥାଏ। ଶିକ୍ଷା ଏକ ଫୁଲ ସଦୃଶ। ଫୁଲ ଯେପରି ସମସ୍ତଙ୍କୁ ମହକ ପ୍ରଦାନ କରେ, ବିଦ୍ୟା ଜ୍ଞାନର ମହକ ଦିଏ। ବିଦ୍ୟାର୍ଥୀ ଜୀବନ ଏକ କୋମଳ ଫୁଲ ପରି। ଏହାର ମହକ ବିଶ୍ୱକୁ ଅମୃତମୟ କରିପାରିବ ବୋଲି ସୋମବାର ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମ ସ୍ଥିତ ଉଚ୍ଚ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ ତାଙ୍କ ଅଭିଭାଷଣରେ କହିଛନ୍ତି। ସେ କହିଥିଲେ ମୁଁ କୌଣସି ଭାଷାର ବିରୋଧି ନୁହେଁ। କିନ୍ତୁ ଏହା ସତ ଯେ, ଯାହା ମାଆ ଗର୍ଭରୁ ଶିଖେ ତାହା ଆନନ୍ଦଦାୟୀ। ଭାଷା ସହିତ ସଂସ୍କୃତି ଯୋଡି ହୋଇଛି। ଏହା ସହିତ ଜୀବନମରଣ ମଧ ଯୋଡି ହୋଇଛି। ନୀରବତା ହୃଦୟର ଭାଷା। ଏହାକୁ ଚୈତନ୍ୟ କୁହାଯାଏ। ଭାରତ ହେଉଛି ଜ୍ଞାନ, ବିଦ୍ୟାର ବିଶ୍ୱ ଗୁରୁ। ଏଥିପାଇଁ ବିଦେଶରୁ ଆସି ଏଠାରେ ଶ୍ରୀମା ହୋଇପାରିଥିଲେ। ନିବେଦିତା ବିଦେଶରୁ ଆସି ଏଠାରେ ଆଧାତ୍ମିକ ଶିକ୍ଷା ନେଇଥିଲେ। ଭାରତୀୟ ଧର୍ମ, ସଂସ୍କୃତିରେ ଉଦବୁଦ୍ଧ ହୋଇ ଷ୍ଟିଲିନଙ୍କ ଝିଅ ଗଙ୍ଗା ନଦୀକୂଳରେ କୁଟୀର କରି ସନ୍ୟାସ ଜୀବନ ବିତାଇଥିଲେ। ଏହିପରି ସେ ବିଭିନ୍ନ ଦୃଷ୍ଟାନ୍ତ, ଉଦାହରଣ ଦେଇ ଶିକ୍ଷା, ସଂସ୍କୃତି, ଭାଷା ଉପରେ ବୁଝାଇଥିଲେ। ତାଙ୍କ ହୃଦୟସ୍ପର୍ଶୀ ଭାଷଣ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ କହିଥିଲେ, ରାଜ୍ୟ ସରକାର ପ୍ରଥମ ଶ୍ରେଣୀରୁ ଇଂରାଜୀ କଥନ ପାଇଁ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ପ୍ରଥମରୁ ମ୍ୟାଟ୍ରିକ ପର୍ଯ୍ୟନ୍ତ ଗୋଟିଏ ଛାତ ତଳେ ଶିକ୍ଷାଦାନ କରାଇବାକୁ ପ୍ରସ୍ତାବ ରଖି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ବରଙ୍ଗାକଛାର ଅଞ୍ଚଳର ୬୦ ବର୍ଷ ପୂର୍ବର ସ୍ଥିତି ଓ ବର୍ତ୍ତମାନର ସ୍ଥିତି ଉପରେ କହି ଛୋଟ ମୋର ଗାଁଟି ଗୀତର ଗୋଟିଏ ପଂକ୍ତି ଗାଇଥିଲେ । ଏ ମାଟି, ଭାଷା, ଶିକ୍ଷାର ଉନ୍ନତି ପାଇଁ ଲୋକଙ୍କ ମଧ୍ୟରେ ଭାବନା ଜାଗ୍ରତ ହେବା କଥା ବୋଲି କହିଥିଲେ। ଅତିଥି ତଲସରା ବିଧାୟକ ଭବାନୀ ଭୋଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ଗୁରୁଜନ, ଅଭିଭାବକ, ଶିକ୍ଷକଙ୍କ କଥା ମାନି ଚଳିବା ଓ ସମୟାନୁବର୍ତ୍ତି ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମରୁ ହାଇସ୍କୁଲ ପର୍ଯ୍ୟନ୍ତ ବିଇଓଙ୍କ ଅଧିନରେ ପରିଚାଳନା କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀ ବକ୍ସିଂରେ କୃତୀତ୍ୱ ଅର୍ଜନ କରିଥିବା ରଞ୍ଜୁ ଲାକ୍ରା, ସବିତା ଭେଙ୍ଗରା, ରିଙ୍ଗବଲରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିବା ଚିନ୍ମୟୀ ଡାକୁଆ, ବେଷ୍ଟ ଷ୍ଟୁଡେଣ୍ଟ ହିଲଦା ଟେଟେ ଏବଂ ସ୍କୁଲରେ ଶିକ୍ଷକତା କରିଥିବା ଦୁର୍ଗାମାଧବ ନାଏକ, ରାମେଶ୍ୱର ପଟେଲ, ତ୍ରିଲୋଚନ ନାଏକଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ପୁଷ୍ପକ ପ୍ରଧାନ ସ୍ୱାଗତଭାଷଣ ଓ ପ୍ରଧାନଶିକ୍ଷକ ତ୍ରିପୁରାରୀ ନାଏକ ମଞ୍ଚ ପରିଚାଳନା କରିଥିଲେ ।



ପୂର୍ବତନ ଶିକ୍ଷକ ତ୍ରିଲୋଚନ ନାଏକଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରୁଛନ୍ତି।

# ବାଇକ୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ, ୧ ଗୁରୁତର

ବଡଗାଁ, ୪।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ମୁଣ୍ଡଗାଁଠାରେ ମଙ୍ଗଳବାର ଦୁର୍ଘଟଣା ଘଟିଛି। ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସୂଚନାନୁଯାୟୀ ବରଙ୍ଗକଛାର ପଟରୁ ମୁଣ୍ଡାଗାଁ ବାଇକରେ ୨ ବ୍ୟକ୍ତି ଆସୁଥିଲା ବେଳେ ବୁଲାଣୀଠାରେ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱ ଆମ୍ବଗଛରେ ପିଟି ହୋଇଥିଲେ। ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ଆରୋହୀ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ଜଣାପଡିନାହିଁ।

## ବସ୍- ମିନି ଟ୍ରକ ମୁହାଁମୁହିଁ ଧକ୍କା

ରାଉରକେଲା ଅଫିସ, ୪। ୨– ଜଳଦା ଫାଣ୍ଡି ୧୪୩ ନଂ. ଜାତୀୟ ରାଜପଥ ଦେଉଗାଁଠାରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ ସ୍କୁଲ ବସ ଏବଂ ମିନି ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ଟ୍ରକ ହେଲପର ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ପୋଲିସ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛି। ଚିନ୍ମୟ ସ୍କୁଲ ବସପିଲାଙ୍କୁ ଛାଡି ଫର୍ଟିଲାଇଜର ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ମିନିଟ୍ରକ ସହ ମୁହାଁମୁହିଁ ହୋଇଥିଲା। ପୋଲିସ ବସ ନଂ. ଓଡି ୧୪ଏଲ ୧୫୫୧, ଟ୍ରକ ନଂ. ଓଆର ୧୪ ଡବ୍ଲୁ ୪୩୭୩କୁ ଜବତ କରି ଘଟଣାର ତଦନ୍ତ କରୁଛି।

# ଜିଲା ପ୍ରେସ କ୍ଲବର ନୂତନକୋଠା ଉଦ୍‌ଘାଟିତ

## ସୁସ୍ଥ ସମାଜ ଗଠନ ଦିଗରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୁନ୍ଦରଗଡ଼, ୪।୨ (ଡି.ଏନ୍.ଏ.)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରେସ କ୍ଲବର ନବନିର୍ମିତ କୋଠାକୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ ସମାରୋହରେ ରାଜ୍ୟପାଳ ଏକ ସୁସ୍ଥ ସମାଜ ଗଠନ ଦିଗରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ। ଜିଲା ପ୍ରେସ କ୍ଲବ ସଭାପତି ସୁନୀଲ କୁମାର ସିହ୍ନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣ, ଏସ୍‌ପି ସୌମ୍ୟା ମିଶ୍ରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟା, ସଦର ବିଡିଓ ଅନାମିକା ସିଂ, ଅମିତା ବିଶ୍ୱାଳ, ହିମାଂଶୁ ଶେଖର ଷଡଙ୍ଗୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ସବୀର, ସମ୍ପାଦକ ଦେବାଶୀଷ କବିଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ରାଜ୍ୟପାଳ ଭିଡିଓ କନଫରେସିଂ ମାଧ୍ୟମରେ ଚାଷୀ ମାନଙ୍କର ଉତ୍ପାଦିତ ସାମଗ୍ରୀର ବିକ୍ରୟ ସୁବିଧା ଇ-ନାମ ହୋଲସେଟ ମାର୍କେଟର ଶୁଭାରମ୍ଭ କରିଥିଲେ। ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଚାଷୀମାନେ ହେଉଛନ୍ତି ଦେଶର ଅନ୍ନଦାତା, କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଉନ୍ନତି ନିମନ୍ତେ ବହୁବିଧ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗାଈ ଗୋବର ଓ ଗୋମୁତ୍ରରୁ ପ୍ରସ୍ତୁତ ଜୈବିକ ସାର ପାଇଁ ଗୋପାଳନର ଆବଶ୍ୟତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଇବଜାର ମାଧ୍ୟମରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ସହଜ ବିକ୍ରୟ ସୁବିଧା ପାଇ ଉଚିତ ମୂଲ୍ୟ ପାଇପାରିବେ ବୋଲି ପ୍ରକାଶ କରି ଜିଲା ପ୍ରଶାସନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ।


ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ପ୍ରେସ କ୍ଲବର ନୂତନ କୋଠା ଉଦ୍‌ଘାଟନ କରୁଛନ୍ତି।

# ବ୍ରାହ୍ମଣୀ ଗୁମ୍ଫାରେ ମାଘମେଳା

ହେମଗିର, ୪।୨ (ଡି.ଏନ.ଏ)

ହେମଗିରଗଡର ଖ୍ୟାତାନାମା ବ୍ରାହ୍ମଣୀ ଗୁମ୍ଫାଠାରେ ମାଘମେଳା ଅନୁଷ୍ଠିତ ହୋଇଯାଇଛି। ମେଳାଟି ତିନି ଦିନ ଧରି ଚାଲିଥିବା ବେଳେ ପ୍ରଥମ ଦିବସରେ କଳସ ଯାତ୍ରା, ପାଞ୍ଚ ପାକୁଡା, ଝାଡବତୀ ପ୍ରଜ୍ଜଳନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ଏକୋଇଶ ପାଖୁଡା, ଝାଡବତୀ ସହିତ ଅଲେଖ ଭଜନ, ସଂକୀର୍ତ୍ତନ୍ୟ କୃଷ୍ଣଗୁରୁ, ଦଣ୍ଡନୃତ୍ୟ, ପାଲା ପରିବେଷଣ କରାଯାଇଥିଲା। ଶେଷଦିନ ପୂର୍ଣ୍ଣାହୁତି କରିବା ସହ କମିଟି ପକ୍ଷରୁ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଯଜ୍ଞାଚାର୍ଯ୍ୟ ଭାବରେ ବ୍ରହ୍ମବଧୂତ ଜଗବନ୍ଧୁ ଦାସ ବାବା, ବୈଷ୍ଣବ ଦାସ ବାବା, କବିକର୍ଣ୍ଣ କାହ୍ନୁ ଚରଣ ଦାସ ବାବା ପ୍ରମୁଖ ଯୋଗଦେଇ ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ ବହୁ ଆଡମ୍ବର ପୂର୍ଣ୍ଣ ସହକାରେ ଏହି ମେଳାର ଆୟୋଜନ କରାଯାଇଥିଲା । ଗୁମ୍ଫାଟି ଏକ ଐତିହାସିକ ପୀଠ ସ୍ଥଳି ଭାବେ ବହୁ ପୁରାତନ ହୋଇଥିବା ବେଳେ ଏଠାରେ ଅନେକ ଦିନରୁ ମହିମା ଧର୍ମାଅବଲମ୍ବି ବାବାମାନେ ଏଠାରେ ରହି ଆସୁଥିଲେ। ଧିରେ ଧିରେ ଲୋକଙ୍କ ଗୁମ୍ଫା ପ୍ରତି ଆକର୍ଷଣ ଏବଂ ବାବାମାନଙ୍କ ଦର୍ଶନ ସକାଶେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିଥିଲା। ତେଣୁ ଏଠାରେ ମାଘ ମେଳାର ଆୟୋଜନ କ୍ଷେତ୍ରରେ ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଉଛି। ସ୍ଥାନଟି ହେମଗିର ଓ କନିକା ମଧ୍ୟବର୍ତ୍ତି ଘଞ୍ଚ ଜଙ୍ଗଲ ବେଷ୍ଟିତ ଛେଙ୍ଗା ପାହାଡ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏହା ଅନ୍ୟ ସମୟରେ ମଧ ଦର୍ଶକମାନଙ୍କୁ ଆକୃଷ୍ଟ କରି ଆଣିଥାଏ। ଏହି କାର୍ଯ୍ୟକ୍ରମକୁ ସତ୍ୟସାଗର ବ୍ରାହ୍ମଣୀ ଗୁମ୍ଫାର କାର୍ଯ୍ୟକାରୀ ସଭାପତି ଶ୍ରୀମଦ୍ ବିଶେଶ୍ୱର ବାବା, ଉପସଭାପତି ଯଦୁ କୁମାର ପାଣିଗ୍ରାହୀ, ମୂରଲୀ ପ୍ରଧାନ, ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ପାଣ୍ଡେ, ସମ୍ପାଦକ ରାଜେନ୍ଦ୍ର ହୋତା, ମହମ୍ମଦ ନୁର ଖାଁ, କୋଷାଧ୍ୟକ୍ଷ ବୃନ୍ଦାବନ ଠାକୁର, ମୁକ୍ତେଶ୍ୱର ପଟେଲ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ ହେମଗିର ଅଞ୍ଚଳ ବ୍ୟତୀତ ଛତିଶଗଡ ତଥା ଅନ୍ୟାନ୍ୟ ବ୍ଲକ ଓ ଜିଲାରୁ ପ୍ରାୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।


ବ୍ରାହ୍ମଣୀ ଗୁମ୍ଫାଠାରେ ମାଘମେଳାରେ ଆଦିବାସୀମାନେ ପାରମ୍ପରିକ ବାଦ୍ୟ ସହିତ ସାମିଲ ହୋଇଛନ୍ତି।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ପଶ୍ଚିମ ଓଡ଼ିଶା ବନ୍ଦକୁ ଓକିଲ ସଂଘର ସମର୍ଥନ

**ରାଉରକେଲା ଅଫିସ,୪। ୨-** ବଲାଙ୍ଗିର ଓ ସମ୍ବଲପୁର ଜିଲା ଓକିଲ ସଂଘ ଆହ୍ୱାନ କ୍ରମେ ବୁଧବାର ପଶ୍ଚିମ ଓଡ଼ିଶା ବନ୍ଦକୁ ରାଉରକେଲା ଓକିଲ ସଂଘର ସମର୍ଥନ ରହିଛି। ଓକିଲମାନଙ୍କର ଅଧିକାରକୁ ଯେପରି ଭାବେ ଅଣଦେଖା କରି କାଉନସିଲ ଅଫ ଇଣ୍ଡିଆ ଓକିଲମାନଙ୍କୁ ନିର୍ଦ୍ଦେଶ ଜାରି କରୁଛି। ଏମିତି ଅବସ୍ଥାରେ ପଶ୍ଚିମ ଓଡ଼ିଶା ସ୍ୱାର୍ଥକୁ ବଳି ଦିଆଯାଉଛି। ଏଣୁ ରାଉରକେଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ବନ୍ଦ ପାଳନକୁ ସମର୍ଥନ କରିବାକୁ ନିଷ୍ପତି ନିଆଯାଇଛି। ବୁଧବାର କେହି ଆଇନଜୀବୀ କାର୍ଯ୍ୟରେ ଯୋଗ ଦେବେ ନାହିଁ। ଆୟୋଜିତ ବୈଠକରେ ସଭାପତି ରମେଶ ବଳ, ଉପସଭାପତି ରଙ୍ଗବାହାଦୁର ବାଗ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, କୋଷାଧକ୍ଷ୍ୟ ଶ୍ରୀନିବାସ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ପରିତ୍ୟକ୍ତ ଅବସ୍ଥାରେ ହଲକାଡ଼ିପା ଯାତ୍ରୀ ବିଶ୍ରାମାଗାର

**କିର୍ମିରା,୪।୨(ଡି.ଏନ.ଏ.):** ଝାରସୁଗୁଡା ଜିଲା କିର୍ମିରା ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୧ କି.ମି. ଦୂର ହଲକାଡ଼ିପା ଛକରେ ଥିବା ଯାତ୍ରୀ ବିଶ୍ରାମଗାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ହେଲେ ଏଥପ୍ରତି କାହାରି ନଜର ପଡୁ ନ ଥିବା ଯାତ୍ରୀଙ୍କୁ ବ୍ୟଥିତ କରୁଛି । ଯାତ୍ରୀ ବିଶ୍ରାମଗାର ୧୦ ବର୍ଷରୁ ଅଧିକ ହେବ ନିମ୍ନମାନର କାମ ଯୋଗୁ ଛାତ ଭାଙ୍ଗିବା ଆରମ୍ଭ ହୋଇଯାଇଥିଲା । ଯେଉଁଥି ପାଇଁ ଯାତ୍ରୀ ଏଠାରେ ବସିବାକୁ ସୁରକ୍ଷିତ ମଣି ନ ଥିଲେ। ସମୟ କ୍ରମେ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟିବା ସହ ଆହୁରି କଦର୍ଯ୍ୟ ହୋଇପଡିଥିଲା। ଅଞ୍ଚଳବାସୀ ଅନେକ ବାର ସ୍ଥାନୀୟ ଜନପ୍ରତିନିଧି ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ । ବିଶ୍ରାମଗାର ନ ଥିବାରୁ ଯାତ୍ରୀଙ୍କୁ ବିଶେଷ କରି ମହିଳା ଯାତ୍ରୀଙ୍କୁ ବହୁତ ଅସୁବିଧା ଭୋଗ କରିବାକୁ ପଡୁଛି । ପାଖରେ ଯୁକ୍ତ ୨ ଏବଂ ଯୁକ୍ତ ୩ କଲେଜ ରହିଛି । ବିଶ୍ରାମଗାର ନ ଥିବାରୁ ଯାତ୍ରୀମାନେ ରାସ୍ତାରେ ଛିଡା ହୋଇ ବସକୁ ଅପେକ୍ଷା କରିବାକୁ ବାଧ ହୋଇଥାନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଲୋକଙ୍କ ସମସ୍ୟାକୁ ଦୃଷ୍ଟି ରଖି ବିଶ୍ରାମଗାର ତୁରନ୍ତ ନିର୍ମାଣ କରିବାକୁ ଦାବି ହେଉଛି ।

# ସୁକର୍ମ ପାଇଁ ମଣିଷ ଅମର ପାଲଟିଯାଏ

**ରାଉରକେଲା ଅଫିସ, ୪। ୨**

- ବାଜି ରାଉତ ଶିକ୍ଷାନିକେତନରେ ଆୟୋଜିତ କାର୍ଯ୍ୟକ୍ରମ
- ବିଦଗ୍ଧ କବି ଅଭିମନ୍ୟୁ ଓ ବିପ୍ଳବୀ କବି ଭଗବତୀଙ୍କ ଜୟନ୍ତୀ
- ଆଦିକବି ସାରଳା ଦାସଙ୍କ ପୁଣ୍ୟତିଥି ପାଳିତ



ସେକ୍ଟର-୩ ବାଜି ରାଉତ ଶିକ୍ଷାନିକେତନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର,ବିପ୍ଳବୀ କବି ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଏବଂ ଆଦିକବି ସାରଳା ଦାସଙ୍କ ପୂଣ୍ୟତିଥି ସେକ୍ଟର-୩ ସ୍ଥିତ ବାଜି ରାଉତ ଶିକ୍ଷାନିକେତନ ଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ମୁଦାଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଶାନ୍ତ ପତି ମୁଖ୍ୟଅତିଥି, କବି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ବାଜି ରାଉତ ଶିକ୍ଷାନିକେତନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିପିନ ବିହାରୀ ସାମନ୍ତସିଂହାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ବିଦ୍ୟାଳୟର ପ୍ରତିଷ୍ଠାତା କୋଷାଧକ୍ଷ ରବିଚନ୍ଦ୍ର ଦାସଙ୍କ ପୂର୍ଣ୍ୟତିଥି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ମୁଦାଲି ସ୍ୱର୍ଗତ ଦାସଙ୍କ ବିଦ୍ୟାଳୟ ପ୍ରତି ଥିବା ପ୍ରତିବଦ୍ଧତା ଓ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ଅନୁଷ୍ଠାନକୁ ସହରରେ ଏକ ନମ୍ବର କରିବାକୁ ସହକର୍ମୀ ଓ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ର ସହ ମହାମନିଷୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିପ୍ଳବୀ କବି ରବି ସିଂ, କବି କଲ୍ୟାଣ ସାହୁ ଓ ସ୍ୱର୍ଗତ ଦାସଙ୍କ ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଶିକ୍ଷାବିତ ପତି ନିଜ ବକ୍ତବ୍ୟରେ କହିଲେ ଯେ, ମଣିଷ କେତେଦିନ ବଞ୍ଚିବ ବଡକଥା ନୁହେଁ, ମାତ୍ର ସ୍ୱଳ୍ପ ଜୀବନ ମଧ୍ୟରେ ସମାଜ ପ୍ରତି ପ୍ରତିବଦ୍ଧତା ଓ ନିଜର ସୁକର୍ମ ପାଇଁ ମଣିଷ ଚିରଦିନ ଅମର ପାଲଟିଯାଏ। ଏହାର ଉଦାହରଣ ବିଦ୍ୟାଳୟର କୋଷାଧକ୍ଷ ସ୍ୱର୍ଗତ ଦାସ ଓ ବିପ୍ଳବୀ କବି ଭଗବତୀ ଚରଣ ବୋଲି କହିଥିଲେ। ସ୍ୱର୍ଗତ ଦାସଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ବିଦ୍ୟାଳୟଟି ମହାଦ୍ରୁମରେ ପରିଣତ ହୋଇଥିବା ବେଳେ ଭଗବତୀଙ୍କ ୩୪ବର୍ଷର ସ୍ୱଳ୍ପ ଜୀବନ ମଧ୍ୟରେ ଅନେକ କାଳଜୟୀ ସୃଷ୍ଟି ତାଙ୍କୁ ଚିରଦିନ ପାଇଁ ଅମର କରି ରଖିଛି। ଜଙ୍ଗଲ, ହାତୁଡୀ ଓ ଦା, ମୀମାଂସା ଆଦି ତାଙ୍କୁ ଓଡ଼ିଶାର ସାମ୍ୟବାଦର ପ୍ରବର୍ତ୍ତକ ଭାବେ ପରିଚୟ ଦେଇଛି। ସେହିପରି ଶୁଦ୍ରମୁନି ଆଦିକବି ସାରଳା ଦାସଙ୍କ ରଚିତ ମହାଭାରତ, ଚଣ୍ଡିପୁରାଣ, ବିଲଙ୍କା ରାମାୟଣ, ବିଚିତ୍ର ରାମାୟଣ ଓ ଲକ୍ଷ୍ମୀ ନାରାୟଣୀ ବଚନିକା ଆଦି ତାଙ୍କ ସାରସ୍ୱତ ପ୍ରତିଭାକୁ ଦୀପ୍ତିମୟ କରିଛି। ଅନ୍ୟପଟେ କାବ୍ୟକଳାର ସୌରଭ ବିଦଗ୍ଧ କବି ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣି, ବାଘଗୀତ, ଚଢେଇଗୀତ, ରସକଳା ପ୍ରେମକଳା, ପ୍ରେମ ଚିନ୍ତାମଣି, ରସବତୀ, ପ୍ରେମ, କଲ୍ପଲତା, ସୁଲକ୍ଷଣା ପାଇଁ ସେ ଓଡିଆ ଜାତିର ନମସ୍ୟ ହୋଇ ରହିଛନ୍ତି। ଅର୍ଥ, ଅଳଙ୍କାର, ଛାନ୍ଦ, ରସ ସବୁକୁ ଏକତ୍ର କରି ସେ ବିଦଗ୍ଧ ଚିନ୍ତାମଣି ସୃଷ୍ଟି କରିଛନ୍ତି। ସମ୍ମାନିତ ଅତିଥି ରାଉତ ଓ ମୁଖ୍ୟବକ୍ତା ମହାପାତ୍ର କବି ମାନଙ୍କ ଜୀବନୀ ଓ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ହରପ୍ରିୟା ସାହୁ, ତମନ୍ନା ରାଉତ, ସ୍ୱାଗତିକା ଗୌଡ, ହରପ୍ରିୟା ଦାସ ପ୍ରମୁଖ କବିଙ୍କ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ସୁଜାତା ବାରିକ, ଅକ୍ଷୟ କୁମାର ଦାସ, ଅଲ୍ପନା ବେହେରା,ପୁଷ୍ପମାଳା ତ୍ରିପାଠୀ, ସୁନିତା ମହାପାତ୍ର, ରଶ୍ମିତା ବେହେରା, ବିଜୟଲକ୍ଷ୍ମୀ ରାୟ,କଳ୍ପନା ସୂତାର, ଅଭିରାମ ସାଗରିଆ ଓ ସସ୍ମିତା ବେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିପ୍ଳବୀ କବି ରବି ସିଂଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ଆସନ୍ତା ୯ ତାରିଖ ସନ୍ଧ୍ୟାବେଳେ ଭଞ୍ଜଭବନ ଠାରେ ଚାଲିଥିବା ପୁସ୍ତକ ମେଳାରେ ସ୍ମୃତିଚାରଣ କରାଯିବା ସହ ତାଙ୍କ କବିତା ପାଠ କରାଯିବା ପାଇଁ ମଞ୍ଚର ଆବାହକ ମହାପାତ୍ର ସୂଚନା ଦେଇଥିଲେ।

# ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

- ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ

**ରାଉରକେଲା ଅଫିସ,୪। ୨**




ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବିର୍ସା ଛକରେ ବିକ୍ଷୋଭ କରାଯାଉଛି।

କେନ୍ଦ୍ର ନେତୃତ୍ୱାଧିନ ଭାଜପା ସରକାର ନାଗରିକତା ସଂଶୋଧନ ଆଇନ ବିରୋଧରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ମଙ୍ଗଳବାର ଦେଶବ୍ୟାପି ବିରୋଧ ତଥା ସଂହତି ଦିବସ ପାଳନ କରାଯାଇଛି। ଏହି ଉଦ୍ଦେଶ୍ୟରେ ସଙ୍ଗଠନ ପକ୍ଷରୁ ସୁନ୍ଦରଗଡ ଜିଲା କମିଟି ଆନୁକୂଲ୍ୟରେ ଏକ ବିକ୍ଷୋଭ ସମାବେଶ ବିର୍ସା ଛକରେ ଆୟୋଜନ କରାଯାଇଥିଲା। ସଙ୍ଗଠନ ଜିଲା କମିଟି ସଭାନେତ୍ରୀ ଲିଓନୀ ତିର୍କୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନ ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ଯୋଗଦେଇ ଥିବା ବେଳେ ଜିଲା ସମ୍ପାଦିକା ବିଦ୍ୟୁତ ମହାନ୍ତ ବକ୍ତବ୍ୟ ପ୍ରଦାନ କରି ଏହି କଳା ଆଇନକୁ ପ୍ରତ୍ୟାହାର ନେଇ ଦାବି କରିଥିଲେ। ଏମାନେ କହିଥିଲେ ଯେ, ଅଯଥା ଆଇନ ଆଣି ମୋଦି ସରକାର ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏହା ବିରୋଧରେ ଦେଶବ୍ୟାପି ପ୍ରତିକ୍ରିୟା ଦେଖିବାକୁ ମିଳୁଥିବା ବେଳେ ସରକାର ନିଦା ବିଷ୍ଟୁ ସାଜିଛନ୍ତି। କ୍ଷମତାସୀନ ହେବା ପରେ ଭାଜପା ସରକାର ଯାବତୀୟ କେଳେଙ୍କାରିରେ ମାତି ରହିଛି। ବାସ୍ତବଚିତ୍ର ବା ଦେଶର ସ୍ଥିତିକୁ ନ ବୁଝି ସାଧାରଣ ଲୋକଙ୍କୁ ଭୂଆଁ ବୁଲାଇବାକୁ ସରକାର ଅପଚେଷ୍ଟା ଜାରି ରଖିଛନ୍ତି। ଏବେ ନାଗରିକତା ସଂଶୋଧନ ଆଳରେ ଦେଶବାସୀଙ୍କୁ ଭାଗ ଭାଗ କରିବାକୁ ଉଦ୍ୟମ ଚାଲିଛି। ଏହାକୁ କେବେ ବରଦାସ୍ତ କରାଯିବନି ବୋଲି ଛବି ମହାନ୍ତି କହିଥିଲେ। ଏହି କାର୍ଯ୍ୟକ୍ରମରେ ଲିଲି ମହାନ୍ତି, ଗୀତାଞ୍ଜଳି ମହାନ୍ତି, ଲବିତା ମହାନ୍ତି, ପ୍ରତିଭା ଦଣ୍ଡପାଟ, ଜୟନ୍ତୀ ସାହୁ, ୱାଜିନା ବେଗମ, ପ୍ରବୀନ ବାନୋ ପ୍ରମୁଖ ଏଥିରେ ଉପପସ୍ଥିତ ଥିଲେ। ଏହି କଳା ଆଇନ ପ୍ରତ୍ୟାହର ନ ହେବା ଯାଏ ଦେଶବ୍ୟାପି ଆନ୍ଦୋଳନ ଚାଲୁ ରହିବ ବୋଲି କୁହାଯାଇ ଥିଲା। ଆଗାମୀ ଦିନରେ ସାଧାରଣ ଜନତାଙ୍କୁ ଏଥିରେ ସାମିଲ କରାଯିବ ବୋଲି ଉପସ୍ଥିତ ମହିଳା ନେତୃମଣ୍ଡଳୀ ପ୍ରକାଶ କରିଥିଲେ।

# ଚିନ୍ମୟ ମନ୍ଦାର ଅଲ ଇଣ୍ଡିଆ ସୈନିକ ସ୍କୁଲ ପାଇଁ ମନୋନୀତ

**କୋଲାବିରା,୪।୨(ଡି.ଏନ.ଏ.)**



ଚିନ୍ମୟ ମନ୍ଦାର।

ଡେଙ୍ଗାବରସ୍ଥିତ ନାରାୟଣି ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର କୋଲାବିରା ବ୍ଲକ ସୋଡାମାଲ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲପାଲି ଗ୍ରାମର ଚିନ୍ମୟ ମନ୍ଦାର ଅଲ ଇଣ୍ଡିଆ ସୈନିକ ସ୍କୁଲ ପାଇଁ ଉତିର୍ଣ୍ଣ ହୋଇଛନ୍ତି। ସେ ଏଥିପାଇଁ ପ୍ରୈବେଶିକା ପରୀକ୍ଷା ଦେଇଥିଲେ। ଫଳାଫଳ ବାହାରିବା ସହ ଚୟନ ହୋଇଥିବା ଖବର ପାଇ ଛାତ୍ର ଚିନ୍ମୟ ଜେତିକି ଖୁସି ତାଠୁ ଅଧିକ ଖୁସି ଜାହିର କରିଛନ୍ତି ତାଙ୍କ ସହପାଠୀମାନେ। ପୁଅର ସୈନିକ ସ୍କୁଲରେ ପାଠ ପଢିବା ବିଷୟରେ ଜାଣିବା ପରେ ପିତାମାତା ଖୁସି ହୋଇପଡିଛନ୍ତି। ନାରାୟଣି ବିଦ୍ୟାଳୟ ଅଧ୍ୟକ୍ଷ ପିଙ୍କୁ ଦାସ୍ ମଧ୍ୟ ଏହି ଖବରରେ ଅତ୍ୟନ୍ତ ପ୍ରଶନ୍ନ ବୋଲି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଗ୍ରାମାଞ୍ଚଳରେ ଗଢି ଉଠିଥିବା ଏହି ଆବାଶିକ ବିଦ୍ୟାଳୟରୁ ପ୍ରଥମ କରି ଜଣେ ଛାତ୍ର ସୈନିକ ସ୍କୁଲ ପାଇଁ ମନୋନୀତ ହେବା ଚିଶ୍ଚିତ ଭାବେ ବିଦ୍ୟାଳୟ ପାଇଁ ଗର୍ବର ବିଷୟ ବୋଲି କହିବା ସହ ଏଥିରୁ ଅନ୍ୟ ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଅନୁପ୍ରାଣିତ ହେବେ ବୋଲି ଆଶା କରାଯାଉଛି। ଛାତ୍ର ଚିନ୍ମୟ ମଧ୍ୟ ନିଜର ଖୁସି ଜାହିର କରି କହିଛନ୍ତି ଯେ ଛୋଟବେଳୁ ସୈନିକ ସ୍କୁଲରେ ପଢିବା ତାଙ୍କର ସ୍ୱପ୍ନ ରହିଥିଲା। ଯାହାକି ପରବର୍ତି ସମୟରେ ସତ ହୋଇପାରିଛି। ଏହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଖୁସି ପ୍ରକାଶ କରିଛନ୍ତି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ: ଗାଡ଼ି ସହ ୬ ଗିରଫ

**ବ୍ରଜରାଜନଗର,୪।୨(ଡି.ଏନ.ଏ.)**

ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ବରଘାଟଠାରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୬୮, ୧୫୦ ଟଙ୍କା, ୧୪ ଗୋଟି ମଟରସାଇକେଲ, ଏକ ବୋଲେରୋ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁକେଶ ଅଗସ୍ତି (୪୨), ଟଙ୍କଧର ସାହୁ (୪୫), ମହାଦେବ ବେହେରା (୫୨), ସୁମନ୍ତ ବଡ଼େଇ (୩୬), ସୁନୀଲ ପ୍ରଧାନ (୪୩), ଉତ୍ତମ ବଡ଼େଇ (୩୫)। ଚଢ଼ାଉରେ ଏସଡିପିଓ ଦିଲୀପ ଦାଶ, ଥାନା ପ୍ରଭାରୀ ନଳିତା ମୋଦୀ, ଏସଆଇ ପିକେ ସ୍ୱାଇଁ ଓ ଅନ୍ୟ ପୋଲିସ ପଦାଧିକାରୀ ସାମିଲ ଥିଲେ ।



ରାଉରକେଲାରେ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

# ମଧୁବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ କଂଗ୍ରେସର ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ, ୪।୨**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ନବଓଡିଶା ପ୍ରଦେଶର ନିର୍ମାତା, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୬ତମ ଶ୍ରାଦ୍ଧବାର୍ଷିକୀ କଂଗ୍ରେସ ପକ୍ଷରୁ ପାଳନ କରାଯାଇଛି। ରାଉରକେଲା ଜିଲା କଂଗ୍ରେସର ପୂର୍ବତନ ସଭାପତି ତଥା ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତାମାନେ ମଙ୍ଗଳବାର ଛେଣ୍ଡ ରିଂ ରୋଡ୍ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସେନାପତି ସ୍ୱାଭିମାନୀ ପୁରୁଷ ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଓ ଓଡିଆ ଭାଷା ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ତାଙ୍କୁ ଯୁଗ ଯୁଗ ପାଇଁ ଓଡିଶାର ଜନମାନସରେ ଅମର ରଖିବ ବୋଲି କହିଥିଲେ। ଓଡିଆ ଜାତିକୁ ସ୍ୱାଭିମାନୀ ଓ ସମୃଦ୍ଧ କରିବା ପାଇଁ ସ୍ୱାବଲମ୍ବନର ଯେଉଁ ଆବଶ୍ୟକତା ତାହା ଅନୁଭବ କରି ସେ ଓଡିଶାରେ ଉତ୍କଳ କ୍ୟାନେରୀ ପ୍ରତିଷ୍ଠା କରିଥିଲେ ବୋଲି ସେନାପତି ପ୍ରକାଶ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ପାଇଁ କାମ କଲେ ଓଡ଼ିଶା ଅଚିରେ ଏକ ସ୍ୱାଭିମାନୀ ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିବ ବୋଲି କହିଥିଲେ। ମଧୁବାବୁଙ୍କ ପରି ମହାପୁରୁଷ ତଥା ଓଡିଆ ଜାତିର ଜନକଙ୍କୁ ସ୍ଥାନୀୟ ପ୍ରଶାସନ ତଥା ମହାନଗର ନିଗମ କର୍ତ୍ତୃପକ୍ଷ ଭୁଲିଯାଇ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତିରେ ଫୁଲ ମାଳଟିଏ ନ ଦେବା ବିଡମ୍ବନାର ବିଷୟ ବୋଲି କହିଥିଲେ। ସହରର ବିଭିନ୍ନ ଛକରେ ପ୍ରତିମୂର୍ତ୍ତି ବସାଇବା ପାଇଁ ଅନୁମତି ଦେଉଥିବା ମହାନଗର ନିଗମ ଏବଂ ସ୍ଥାନୀୟ ପ୍ରଶାସନ ସମ୍ପୃକ୍ତ ବରପୁତ୍ରମାନଙ୍କ ପ୍ରତି ଯେଉଁ ଅବହେଳା ଓ ଅସମ୍ମାନ କରୁଛି ତାର ନିରାକରଣ ପାଇଁ କାହିଁକି ଆଗେଇ ଆସୁନାହାନ୍ତି ବୋଲି ସେନାପତି ଏହି ଅବସରରେ ପ୍ରଶ୍ନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧରେ ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ବରିଷ୍ଠ ନେତା ଚିତ୍ତରଞ୍ଜନ ମହାନ୍ତି ଓ କୀର୍ତ୍ତନ ଦାସ, ଓବିସି ସେଲ୍ ଅଧକ୍ଷ କୈଳାସ ସାହୁ, ବିଜୟ ଆପଚ୍ଚ, ବିଶ୍ୱଜିତ ସାହୁ, ମହମ୍ମଦ ନିଜାମ, ସାରଦା ପ୍ରସନ୍ନ ଦାସ, ରତିକାନ୍ତ ମଲ୍ଲିକ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ସରୋଜ ମହାନ୍ତି, ଶୁକଦେବ ପଣ୍ଡା, ରାଜେଶ ପତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିନୋଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଝାରସୁଗୁଡା ଅଫିସ,୪।୨:** ଝାରସୁଗୁଡା ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ବିଦ୍ୟା ମନ୍ଦିରରେ ହେଉଥିବା ଗୁଣାତ୍ମକ ଓ ବୈଶୟିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସରକାରୀ ମନମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆନନ୍ଦଚନ୍ଦ୍ର ସାହୁ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନସିଲର ପ୍ରତାପ ନନ୍ଦ, ମୋତିଲାଲ ଜୈନ ଓ ଗୋପିନାଥ ସେଠ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁନିତା ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିର ରୋଶନ ପଟେଲ, ଧନେଶ୍ୱର ଧୁଆ, ତେଜରାଜ ସାହୁ, ଅମିତ ଗୌଡ, ଶିଖା ସାହୁ, ସବନମ ନାଏକ, ରିନା ପଶାୟତ, ସୁସ୍ମିତା ଭଇସାଲ, ସୁରମା ପଟେଲ, ପ୍ରତିକା ଦାସ, ଅନୁପମା ବିଶ୍ୱାଳ, ସୌଭାଗିନି ମିଶ୍ର, ବୈଜୟନ୍ତି ଖଡିଆ, ବିଜୟଲକ୍ଷ୍ମୀ ପଟେଲ, ରଶ୍ମିତା ବେହେରା, ଅହଲ୍ୟା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସଭା କାର୍ଯ୍ୟ ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟା ମନ୍ଦିରର ସଭାପତି କଳ୍ପତରୁ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

# ବ୍ଲକସ୍ତରୀୟ ପ୍ରାଥମିକ କ୍ରୀଡ଼ା ପ୍ରତିଯୋଗିତା

**କୋଲାବିରା,୪।୨(ଡି.ଏନ.ଏ.)**



କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ।

କୋଲାବିରା ମିନିଷ୍ଟାଡିୟମଠାରେ ବ୍ଲକ ଅଞ୍ଚଳର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ପ୍ରାଥମିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଲାବିରା ବିଡିଓ ବିଜୟ କୁମାର ସଏ ମୁଖ୍ୟଅତିଥି ବାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମାଧ୍ୟମରେ ଏବିଇଓ ରମେଶ କୁମାର ପଟେଲ ଏବଂ ଏବିଇଓ ନିର୍ମଳା ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୋଲାବିରା ଗୋଷ୍ଠି ସାଧନ କେନ୍ଦ୍ର ଅଧୀନରେ ଥିବା କୋଲାବିରା, ସମାସିଂହା, ରଘୁନାଥପାଲି, ଗୁଡୁଗାଁ, ଗୁଛାପାଲି, ଝିଲ୍ଲାପାଲି, ପୋଖରାସାହ୍ଲେ, ପରମାଣପୁର ଆଦି ୮ଟି କ୍ଲଷ୍ଟରର ବିଦ୍ୟାଳୟଗୁଡିକରୁ ୧୯୨ଜଣ ଛାତ୍ରୀଛାତ୍ର ଭାଗ ଅଂଶଗ୍ରହଣ କରିଥିଲେ। କ୍ଲଷ୍ଟରସ୍ତରରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ଏହି ବ୍ଲକସ୍ତରୀୟ ପ୍ରାଥମିକ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଠୁ କୃତକାର୍ଯ ହୋଇଥିବା ଛାତ୍ରୀଛାତ୍ରମାନେ ଅଗାମୀ ଦିନରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ନେବା କାର୍ଯ୍ୟକ୍ରମ ରହିଛି। ଶହେ ମିଟର ରେସ, ୨ଶହ ମିଟର ରେସ, ୪ଶହ ମିଟର ରେସ, ସ୍ପୁନ ରେସ, ସେକ ରେସ, ଲମ୍ବଡିଆଁ, ଉଚ୍ଚଡିଆଁ, ମ୍ୟୁଜିକାଲ ଚେୟାର, ସ୍କିପିଙ୍ଗ ଆଦି ବିଭାଗରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଖେଳ ଶିକ୍ଷକ ରବିନାରାଣ ପୁଝାରୀ ମଞ୍ଚ ପରିଚାଳନା କରିଥିଲେ । ଖେଳ ଶିକ୍ଷକ ରବିନ୍ଦ୍ର ଟଣକାର, ହିତେନ୍ଦ୍ର ପଟେଲ, ଅବନି ତ୍ରିପାଠୀ, ରାଜେନ୍ଦ୍ର ବଗ୍ଗ ପ୍ରମୁଖଙ୍କ ସମେତ ଗିଆରସିସି ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।